# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୩/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, February 13/2026 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 81 | ମୂଲ୍ୟ₹୭/-









୪ ଶ୍ରମକୋଡ୍ ବାତିଲ୍ ସହ ଅନ୍ୟାନ୍ୟ ଦାବିରେ ବାମପନ୍ଥୀ ସଙ୍ଗଠନ ପକ୍ଷରୁ ଗୁରୁବାର 'ଭାରତ ବନ୍ଦ' ଡାକରା ଦିଆଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ରାଜମହଲ ଛକଠାରୁ ପିଏମ୍‌ଜି ଛକ ପର୍ଯ୍ୟନ୍ତ ବାହାରିଥିବା ରାଲିରେ ବିକ୍ଷୋଭ ପ୍ରଦର୍ଶନକାରୀଙ୍କୁ ପୋଲିସ ଉଠାଇନେଉଛି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ଜମି ପଟ୍ଟାରେ ରହିବ କ୍ୟୁଆର୍ କୋଡ୍

**ଓଡ଼ିଶା ସରକାର ଜମି କାରବାର କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଘୋଷଣା ଅନୁଯାୟୀ, ଏବେ ଜମି ପଟ୍ଟାରେ କ୍ୟୁଆର୍ କୋଡ୍ ରହିବ, ଯାହା ଜାଲିଆତି ରୋକିବାରେ ସାହାଯ୍ୟ କରିବ। କ୍ୟୁଆର୍ କୋଡ୍ ଯୁକ୍ତ ପଟ୍ଟାକୁ ସ୍କାନ୍ କଲେ ଜମିର ସମସ୍ତ ବିବରଣୀ ତୁରନ୍ତ ମିଳିପାରିବ। କେବଳ ସ୍କାନ୍ କରିବା ଦ୍ୱାରା ସେହି ଜମିର ୫୦ରୁ ୭୦ ବର୍ଷର ଇତିହାସ ତଥା କିଏ କିଣିଥିଲେ, କିଏ ବିକିଥିଲେ ଏବଂ କେବେ ସେଟେଲମେଣ୍ଟ ହୋଇଥିଲା ଆଦି ବିଷୟରେ ଜଣାପଡ଼ିବ। ପୂର୍ବରୁ ଜମିର ସ୍ଥିତି ଜାଣିବା ପାଇଁ ଇନ୍‌କମ୍ବେନ୍ସି ପ୍ରମାଣପତ୍ର (ଇସି) ଦରକାର ହେଉଥିଲା, କିନ୍ତୁ ଏହି ନୂଆ ବ୍ୟବସ୍ଥା ପରେ ଏହାର ଆବଶ୍ୟକତା ପ୍ରାୟତଃ ଶେଷ ହୋଇଯିବ। ଜମି କିଣିବା ସମୟରେ କ୍ରେତା ନିଜ ମୋବାଇଲ ଫୋନ୍‌ରେ ପଟ୍ଟାଟି ଅସଲି ନା ନକଲି, ତାହା ସ୍କାନ୍ କରି ଜାଣିପାରିବେ।**

ଭୁବନେଶ୍ୱର,୧୨।୨(ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ କିଭଳି ସ୍ୱଚ୍ଛତାର ସହିତ ଜମିପଟ୍ଟା ମିଳିବ ଏବଂ ଲୋକେ ଦଲାଲଙ୍କ ମାୟାଜାଲରେ ଛନ୍ଦି ହେବେନାହିଁ, ତାହାକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର କ୍ୟୁଆର୍ କୋଡ୍‌ଯୁକ୍ତ ପଟ୍ଟା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଗୁରୁବାର ମନ୍ତ୍ରୀ ପୂଜାରୀ କହିଛନ୍ତି, ବିଭାଗ ପକ୍ଷରୁ ଇତିମଧ୍ୟରେ ଅନେକ ସଂସ୍କାରମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହେଲେ ତହସିଲ ଓ ପଞ୍ଜୀକରଣ କାର୍ଯ୍ୟାଳୟରେ ମଧ୍ୟସ୍ଥମାନେ ଲୋକଙ୍କ ଦୁର୍ବଳତାର ଫାଇଦା ଉଠାଇ କେତେବେଳେ ଗୋଟିଏ ଲେଖାଏ ଜମିକୁ ବାରମ୍ବାର ବିକାକିଣା କରିବା ପର୍ଯ୍ୟନ୍ତ ଯାଉଛନ୍ତି। ଏଥିରେ ପ୍ରଶାସନର କିଛି ଅସାଧୁ କର୍ମଚାରୀ ମଧ୍ୟ ସହଯୋଗୀ ପାଲଟୁଛନ୍ତି। ଏସବୁର ପୂର୍ଣ୍ଣଚ୍ଛେଦ ପକାଇବା ଆଭିମୁଖ୍ୟ ରଖି ବିଭାଗ ପକ୍ଷରୁ କ୍ୟୁଆର୍ କୋଡ୍‌ଯୁକ୍ତ ଜମିପଟ୍ଟା ଯୋଗାଇ ଦିଆଯିବ।

ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହି କ୍ୟୁଆର୍ କୋଡ୍ ପଟ୍ଟା ପ୍ରଦାନ କରାଯିବ। ଇଲେକ୍ଟ୍ରୋନିକ୍ସ ଯୁକ୍ତ କ୍ୟୁଆର୍ କୋଡ୍ ପଟ୍ଟାରେ ଥିବା କ୍ୟୁଆର୍ କୋଡ୍‌କୁ ସ୍କାନ୍‌କଲେ ପଟ୍ଟାର ସମ୍ପୂର୍ଣ୍ଣ ତଥ୍ୟ ବାହାରିବ। ସାବିକରେ କେତେ ଜମି ରହିଥିଲା ଏବଂ ପରେ କେତେଥର କିଣାବିକା ହୋଇଛି, କେତେ ଜମି ପଟ୍ଟାରେ ରହିଛି ତାହା ଲୋକମାନେ ବିଶ୍ୱର ଯେକୌଣସି ସ୍ଥାନରେ ଥିଲେ ବି କ୍ୟୁଆର୍ କୋଡ୍ ସ୍କାନ୍‌କରି ଜାଣିପାରିବେ। ଏହାଦ୍ୱାରା ସାଧାରଣ ଲୋକେ ଆଉ ଠକାମିର ସମ୍ମୁଖୀନ ହେବେନାହିଁ କି ଠକମାନେ ଲୋକଙ୍କୁ ଭୁଡାଇ ଜମି କିଣାବିକା କରିପାରିବେ ନାହିଁ। ଯଦି ଏଥିରେ କୌଣସି ପ୍ରକାର ଚଞ୍ଚକତା ହେଉଥିବା ବିଭାଗର ଦୃଷ୍ଟିକୁ ଆସିବ କିମ୍ବା ଅଭିଯୋଗ ହେବ ତାକୁ ଗୁରୁତ୍ୱର ସହ ଗ୍ରହଣ କରାଯିବ। ତେବେ କ୍ୟୁଆର୍ କୋଡ୍ ଯୁକ୍ତ ଜମି ପଟ୍ଟାକୁ ଟାମ୍ପରିଂ କରାଗଲେ ସେନେଇ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଏକତରଫା ମୂଲଚାଲ


37001/4/2526



# ବାଂଲାଦେଶରେ ଭୋଟଗଣତି

ଢାକା,୧୨।୨(ପି.ଟି.)

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ସରକାର ୨୦୨୪ ଅଗଷ୍ଟରେ କ୍ଷମତାଚ୍ୟୁତ ହେବା ପରେ ନୂଆ ସରକାର ଗଠନ ପାଇଁ ସେଠାରେ ଗୁରୁବାର ପାର୍ଲାମେଣ୍ଟ ନିର୍ବାଚନ ଅନୁଷ୍ଠିତ ହୋଇଛି। ଅପରାହ୍ନ ୪ଟା ୩୦ ମିନିଟ୍‌ରେ ମତଦାନ ଶେଷ ହେବା ପରେ ଭୋଟ ଗଣତି ଜାରି ରହିଛି। ୮୪ ସୂତ୍ରୀ ସଂସ୍କାର ପ୍ୟାକେଜ୍ ଜୁଲାଇ ନ୍ୟାଶନାଲ ଚାର୍ଟର କାର୍ଯ୍ୟକାରିତା ସହ ତ୍ରୟୋଦଶ ପାର୍ଲାମେଣ୍ଟ ନିର୍ବାଚନ ଅନୁଷ୍ଠିତ ହୋଇଛି। ପ୍ରଥମ ଉଲ୍ଲେଖନୀୟ ଫଳାଫଳ ରାତି ସୁଦ୍ଧା ମିଳିଯିବ ବୋଲି ନିର୍ବାଚନ କମିଶନଙ୍କ ମୁଖପାତ୍ର କହିଛନ୍ତି। ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) ଏବଂ ଏକଦା ଏହାର ସହଯୋଗୀ ଥିବା ଜମାତ-ଇ-ଇସ୍‌ଲାମୀ ମଧ୍ୟରେ ସିଧାସଳଖ ଲଢ଼େଇ ହେଉଛି। ଶେଖ୍ ହାସିନାଙ୍କ ଆୱାମୀ ଲିଗ୍‌କୁ ଭାଙ୍ଗିଦିଆଯାଇଥିବାରୁ ନିର୍ବାଚନରେ ଏହି ଦଳ ସାମିଲ ହୋଇନାହିଁ। ବାଂଲାଦେଶର ୩୦ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ବାଲଟ୍ ପେପରରେ ଆୱାମୀ ଲିଗ୍‌ର ନୌକା ଚିହ୍ନ ନାହିଁ। ଗତବର୍ଷ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍ ଆୱାମୀ ଲିଗ୍‌କୁ ଭାଙ୍ଗିଦେବା ସହ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ଏହାକୁ ବାଦ୍ ଦେଇଥିଲେ। ୫ ନିୟୁତ ନୂଆ ଭୋଟରଙ୍କ ସମେତ ପ୍ରାୟ ୧୨.୭ କୋଟି ଭୋଟର ମତଦାନ ସାବ୍ୟସ୍ତ କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି। ୩୦୦ ନିର୍ବାଚନମଣ୍ଡଳୀ ମଧ୍ୟରୁ ୨୯୯ଟିରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ଜଣେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ଗୋଟିଏ ନିର୍ବାଚନମଣ୍ଡଳୀର ନିର୍ବାଚନ ବାତିଲ ହୋଇଛି।

## ନିର୍ବାଚନ ନୁହେଁ, ସୁଚିନ୍ତିତ ନାଟକ: ଶେଖ୍ ହାସିନା

ଢାକା,୧୨।୨

ବାଂଲାଦେଶର ନିର୍ବାସିତ ପ୍ରଧାନମନ୍ତ୍ରୀ ତଥା ଆୱାମୀ ଲିଗ୍ ନେତ୍ରୀ ଶେଖ୍ ହାସିନା ନିର୍ବାଚନକୁ ଏକ ସୁଚିନ୍ତିତ ନାଟକ ବୋଲି କହିଛନ୍ତି। ଏହି ନିର୍ବାଚନରେ ଆୱାମୀ ଲିଗ୍‌କୁ ବାଦ୍ ଦିଆଯାଇଥିବାରୁ ବାଂଲାଦେଶ ନାଗରିକ ଭୋଟ ବର୍ଜନ କରିଛନ୍ତି, ଯେଉଁଥିପାଇଁ ଭୋଟ ହାର ଯଥେଷ୍ଟ କମ୍ ରହିଛି। ୟୁନୁସ୍ ସରକାରଙ୍କ ଏହି ନିର୍ବାଚନରେ ଦେଶର ଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ନିୟମକୁ ଜଳାଞ୍ଜଳି ଦିଆଯାଇଛି ବୋଲି ହାସିନା ଆୱାମୀ ଲିଗ୍ 'X' ହ୍ୟାଣ୍ଡଲ୍‌ରେ ଉଲ୍ଲେଖ କରିଛନ୍ତି।



ବାଂଲାଦେଶରେ ଗୁରୁବାର ତ୍ରୟୋଦଶ ସାଧାରଣ ନିର୍ବାଚନ ଚାଲିଥିବାବେଳେ ଢାକାର ଏକ ମତଦାନ କେନ୍ଦ୍ରରେ ଭୋଟ ଦେବା ପାଇଁ ଲମ୍ବା ଧାଡ଼ିରେ ମହିଳାମାନେ ଛିଡ଼ା ହୋଇଛନ୍ତି।

## ଦୁର୍ଘଟଣାରେ ମୃତ ଭାରତୀୟ ଛାତ୍ରୀଙ୍କ ପରିବାରକୁ ୨୬୨ କୋଟିର କ୍ଷତିପୂରଣ

ୱାଶିଂଟନ୍,୧୨।୨

ଆମେରିକାର ସିଆଟେଲ୍‌ରେ ୨୦୨୩ରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଭାରତୀୟ ଛାତ୍ରୀଙ୍କ ପରିବାରକୁ ସିଆଟେଲ୍ ପ୍ରଶାସନ ୨୯ ନିୟୁତ ଡଲାର(୨୬୨ କୋଟି ଟଙ୍କା) କ୍ଷତିପୂରଣ ଦେବାକୁ ଘୋଷଣା କରିଛନ୍ତି। ବେଙ୍ଗାଲୁରୁର ୨୩ ବର୍ଷୀୟା ଜାହ୍ନବୀ କାଣ୍ଡୁଲା ୨୦୨୧ରେ ଆମେରିକାର ନର୍ଥଇଷ୍ଟର୍ନ ୟୁନିଭର୍ସିଟିରେ ଉଚ୍ଚଶିକ୍ଷା ପାଇଁ ସିଆଟେଲ୍ ଯାଇଥିଲେ। ୨୦୨୩ ଜାନୁଆରୀରେ ଏକ ସଡ଼କ ଦୁର୍ଘଟଣାରେ ସେ ପ୍ରାଣ ହରାଇଥିଲେ। ସିଆଟେଲ୍‌ର ପୂର୍ବତନ ପୋଲିସ ଅଧିକାରୀ କାଭିନ୍ ଡାଭେ ବେଆଇନ ଭାବେ ଦ୍ରୁତ ଗତିରେ ଗାଡ଼ି ଚଳାଇ ଧକ୍କା ଦେବାରୁ ଜାହ୍ନବୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର କାଭିନ୍‌ଙ୍କ ବିରୋଧରେ ମାମଲା ରୁଜୁ କରି କ୍ଷତିପୂରଣ ଦାବି କରିଥିଲେ।

# ରାହୁଲଙ୍କୁ ନିର୍ବାଚନ ଲଢ଼ିବାକୁ ଦିଆ ନ ଯାଉ

## ଏମ୍‌ପି ପଦ ରଦ୍ଦ ପାଇଁ ପ୍ରସ୍ତାବ ଆଣିଲେ ଦୁବେ

ନୂଆଦିଲ୍ଲୀ,୧୨।୨(ପି.ଟି.)

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦ ରଦ୍ଦ କରାଯିବା ସହ ସାରା ଜୀବନ ତାଙ୍କୁ ନିର୍ବାଚନ ଲଢ଼ିବାରୁ ବାଦ୍ ଦେବା ପାଇଁ ଭାଜପା ସଦସ୍ୟ ନିଶିକାନ୍ତ ଦୁବେ ଏକ ପ୍ରସ୍ତାବ ଆଣିଥିବା ଗୁରୁବାର କହିଛନ୍ତି। ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମାକୁ ନେଇ ରାହୁଲ ବୁଧବାର କେନ୍ଦ୍ର ସରକାରଙ୍କୁ ଜୋର୍‌ଦାର ଆକ୍ରମଣ କରିଥିଲାବେଳେ ଦିନକ ପରେ ଦୁବେ ତାଙ୍କ ସଭ୍ୟପଦ ରଦ୍ଦ ଦାବି କରିଛନ୍ତି।

ପ୍ରଧାନମନ୍ତ୍ରୀ ରାଷ୍ଟ୍ରକୁ ବିକ୍ରି କରିଦେଇଥିବା ରାହୁଲ ଅଭିଯୋଗ କରିଥିଲେ। ଚୁକ୍ତିନାମାରେ କୃଷକମାନଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଇଥିବାବେଳେ ବୟନ ଶିଳ୍ପ ପ୍ରତି କ୍ଷତି ପହଞ୍ଚାଇବା ସହ ଆମେରିକା ସ୍ୱାର୍ଥରେ ଯାଇ ଭାରତର ଶକ୍ତି ସୁରକ୍ଷା ସହ ସାଲିସ କରାଯାଇଥିବା କଂଗ୍ରେସ ନେତା କହିଥିଲେ। ରାହୁଲ ଗୃହକୁ ବିଭ୍ରାନ୍ତ କରୁଥିବା ଅଭିଯୋଗ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ତାଙ୍କ ବିରୋଧରେ ସରକାର ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିବେ ବୋଲି ପୂର୍ବରୁ କହିଥିବାବେଳେ ସେଭଳି କୌଣସି ପ୍ରସ୍ତାବ ଦାଖଲ ହୋଇ ନ ଥିବା ଦୁବେ କହିଛନ୍ତି। ଏହା ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ନୁହେଁ। ରାହୁଲଙ୍କ ବିରୋଧରେ ଏହା ସ୍ୱତନ୍ତ୍ର ସ୍ୱାଧୀନ ପ୍ରସ୍ତାବ, ଯେଉଁଥିରେ ରାହୁଲ କିପରି ସୋରୋସ ଫାଉଣ୍ଡେଶନ, ଫୋର୍ଡ ଫାଉଣ୍ଡେଶନ, ୟୁଏସ୍‌ଏଆଇଡି ସହ ସାମିଲ ଥିଲେ ତାହା ଉଲ୍ଲେଖ କରିଛି ବୋଲି ଭାଜପା ଏମ୍‌ପି କହିଛନ୍ତି। ରାହୁଲ କିପରି ଥାଇଲାଣ୍ଡ, କାମ୍ବୋଡ଼ିଆ, ଭିଏତ୍‌ନାମ ଏବଂ ଆମେରିକା ଯାଇ ଭାରତ ବିରୋଧୀ ଶକ୍ତି ସହ ହାତ ମିଳାଇଥିଲେ, ତାହା ଉଲ୍ଲେଖ କରାଯାଇଛି ବୋଲି ଦୁବେ ଗଣମାଧ୍ୟମକୁ କହିଛନ୍ତି।



ଭାଜପା ଏମ୍‌ପି ନିଶିକାନ୍ତ ଦୁବେ।



ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

ଏହା ସମସ୍ତେ ସ୍ୱୀକାର କରିବେ ଯେ, ଆମ ଦେଶର କୌଣସି ନାଗରିକ କିମ୍ବା ଜନପ୍ରତିନିଧି ବା ଉଚ୍ଚ ପଦାଧିକାରୀ ସଶସ୍ତ୍ର ବଳର ମର୍ଯ୍ୟାଦା ହାନି କଲାଭଳି କୌଣସି କାର୍ଯ୍ୟ କରନ୍ତି ନାହିଁ। ସାମୟିକ ରାଜନୈତିକ ଫାଇଦା ଉଠାଇବା ପାଇଁ ଦଳମତ ନିର୍ବିଶେଷରେ କୌଣସି ପାର୍ଲାମେଣ୍ଟ ସଦସ୍ୟ ସଶସ୍ତ୍ର ବଳ ବା ଏହାର କାର୍ଯ୍ୟକର୍ତ୍ତାମାନଙ୍କୁ ଟାଣନ୍ତି ନାହିଁ। ଏନେଇ ସଦସ୍ୟମାନଙ୍କ ମଧ୍ୟରେ ଏକ ନୀରବ ବୁଝାମଣା ରହିଛି। ତେବେ ଏହି ନୈତିକତା ରାହୁଲ ଗାନ୍ଧୀଙ୍କ ପାଇଁ ଲାଗୁ ହୁଏନାହିଁ, ଯାହା ବୁଧବାର ସେ ଲୋକ ସଭାରେ ଦେଇଥିବା ଭାଷଣରୁ ପ୍ରମାଣିତ। ସେ କୌଶଳର ସହ ପୂର୍ବତନ ସେନାମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱଣେଙ୍କୁ ଟାଣିଥିଲେ ବୋଲି ଦୁବେ କହିଛନ୍ତି। ସାଂସଦ ତଥା ବିରୋଧୀ ଦଳ ନେତା ଭାବରେ ରାହୁଲଙ୍କ ଅନୈତିକ ଆଚରଣଗୁଡ଼ିକର ଯାଞ୍ଚ ପାଇଁ ଏକ ଜରୁରୀ, ଗଠନମୂଳକ ତଦନ୍ତ କରାଯାଇ ତୁରନ୍ତ ଲୋକ ସଭାରୁ ତାଙ୍କ ବହିଷ୍କାରକୁ ସୁନିଶ୍ଚିତ କରିବା ସମୟର ଆବଶ୍ୟକତା ବୋଲି ଦୁବେ କହିଛନ୍ତି। ତାଙ୍କ ଏମ୍‌ପି ପଦ ରଦ୍ଦ କରାଯିବା ସହ ସ୍ଥାୟୀ ଭାବେ ନିର୍ବାଚନ ଲଢ଼ିବାରୁ ବଞ୍ଚିତ କରାଯିବାକୁ ଦୁବେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଦୁବେଙ୍କ ପ୍ରସ୍ତାବର ପଦ୍ଧତିଗତ ବୈଧତାକୁ ନେଇ ସମ୍ବିଧାନ ବିଶେଷଜ୍ଞ ତଥା ଲୋକ ସଭାର ପୂର୍ବତନ ମହାସଚିବ ପି.ଡି.ଟି. ଆଚାରୀ ପ୍ରଶ୍ନ ଉଠାଇଛନ୍ତି। ପ୍ରସ୍ତାବ ଦାଖଲ ପାଇଁ ଦୁବେ ନିର୍ଦ୍ଦିଷ୍ଟ ନିୟମ ଦର୍ଶାଇ ନ ଥିବା ଆଚାରୀ କହିଛନ୍ତି। କେହି ଗୃହର ଅବଜ୍ଞା କରିଥିଲେ, ଅନ୍ୟମାନେ ଏଥିପାଇଁ ନୋଟିସ ଦେଇପାରିବେ। ସ୍ୱାଧିକାର କମିଟି ଏହାର ଅନୁଧ୍ୟାନ କରି ରିପୋର୍ଟ ଦେବେ ବା ସୁପାରିସ କରିବା ପରେ ଗୃହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ହେଉଛି ପଦ୍ଧତି। ସଦସ୍ୟଙ୍କୁ ବହିଷ୍କାର କରିବା କ୍ଷମତା ଗୃହର ରହିଥିଲେ ମଧ୍ୟ ସଭ୍ୟପଦ ରଦ୍ଦ କ୍ଷମତା ନାହିଁ। ଏହା କେବଳ ଦଳବଦଳ ଆଇନ ଏବଂ ଜନପ୍ରତିନିଧି ଆଇନରେ କରାଯାଇପାରିବ। ଦୁବେଙ୍କ ପ୍ରସ୍ତାବକୁ ନେଇ ଦଳ ଚିନ୍ତିତ ନୁହେଁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି।

## ପୁସ୍ତକ ରଚନା ପୂର୍ବରୁ ଅନୁମତି ନେବେ ସେନାଧିକାରୀ

ନୂଆଦିଲ୍ଲୀ,୧୨।୨

ପୂର୍ବତନ ସେନାମୁଖ୍ୟ ଏମ୍.ଏମ୍. ନରୱଣେଙ୍କ ପୁସ୍ତକ ' ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ଏବେ ବିବାଦ ବଢ଼ି ଚାଲିଛି। ଏହି ପୁସ୍ତକ ପ୍ରକାଶନ ହେବା ପୂର୍ବରୁ ଏହାର ଡିଜିଟାଲ କପି ସୋସିଆଲ ମିଡିଆରେ ଉପଲବ୍ଧ ହୋଇଥିବା ଅଭିଯୋଗ ଉଠିବା ପରେ ଦିଲ୍ଲୀ ପୋଲିସ ଏତଲା ରୁଜୁ କରିବା ସହିତ ପ୍ରକାଶନ ସଂସ୍ଥା ପେଙ୍ଗୁଇନ୍ ଇଣ୍ଡିଆକୁ ମଧ୍ୟ ନୋଟିସ ଜାରି କରିଛି। ତେବେ ନରୱଣେଙ୍କ ପୁସ୍ତକ ବିବାଦ ପରେ ଅବସରପ୍ରାପ୍ତ ସେନାଧିକାରୀଙ୍କ ଦ୍ୱାରା ପୁସ୍ତକ ପ୍ରକାଶନ କ୍ଷେତ୍ରରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନୂଆ ନିୟମ ପ୍ରଣୟନ ହେବାକୁ ଯାଉଥିବା ସୂଚନା ମିଳିଛି। ଏଣିକି ଯଦି କୌଣସି ସେନାଧିକାରୀ ତାଙ୍କର ଅଭିଜ୍ଞତା ଏବଂ ସ୍ମୃତିକୁ ନେଇ ପୁସ୍ତକ ଲେଖିବାକୁ ଚାହିଁବେ, ଲେଖା ଏବଂ ପ୍ରକାଶନ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମତି ନେବାକୁ ହେବ ବୋଲି ନୂଆ ନିୟମରେ ଉଲ୍ଲେଖ କରାଯାଇଛି।

## ଦୂରଦର୍ଶନ ନ୍ୟୁଜ୍ ଆଙ୍କର ଶାରଳା ମାହେଶ୍ୱରୀଙ୍କ ପରଲୋକ



ନୂଆଦିଲ୍ଲୀ,୧୨।୨

ଦୂରଦର୍ଶନର ଲୋକପ୍ରିୟ ନ୍ୟୁଜ୍ ଆଙ୍କର(ସମ୍ବାଦ ପାଠିକା) ଶାରଳା ମାହେଶ୍ୱରୀଙ୍କ ଗୁରୁବାର ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ଶାରଳା ଏକ ଦଶନ୍ଧିରୁ ଅଧିକ ସମୟ ଧରି ଦୂରଦର୍ଶନରେ ଖବର ପଢ଼ିଥିଲାବେଳେ ତାଙ୍କର ସମ୍ବାଦ ପଠନ କରିବାର ତରିକା, ଶୁଦ୍ଧ ଉଚ୍ଚାରଣ ଏବଂ ସାବଲୀଳ ଢଙ୍ଗ ଦର୍ଶକ ମହଲରେ ତାଙ୍କୁ ସୁପ୍ରତିଷ୍ଠିତ କରାଇପାରିଥିଲା। ତାଙ୍କ ପରଲୋକରେ ଦୂରଦର୍ଶନ ପକ୍ଷରୁ ଗଭୀର ଶୋକ ପ୍ରକଟ କରାଯିବା ସହିତ ଟିଭି ସାମ୍ବାଦିକତାର ଏକ ସ୍ୱର୍ଣ୍ଣିମ ଯୁଗର ଅନ୍ତ ହୋଇଛି ବୋଲି କୁହାଯାଇଛି।

## 'ବନ୍ଦେ ମାତରମ୍' ନିର୍ଦ୍ଦେଶନାମା ପ୍ରତ୍ୟାହାର କରୁ କେନ୍ଦ୍ର

ନୂଆଦିଲ୍ଲୀ,୧୨।୨(ପି.ଟି.)

### କୋର୍ଟରେ ଚ୍ୟାଲେଞ୍ଜ ପାଇଁ ଏଆଇଏମ୍‌ପିଏଲ୍‌ବିର ଚେତାବନୀ

ଜାତୀୟ ଗୀତ 'ବନ୍ଦେ ମାତରମ୍'ର ସମସ୍ତ ୬ଟି ପଦ ଗାଇବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିବାବେଳେ ଅଲ୍ ଇଣ୍ଡିଆ ମୁସଲମାନ ପର୍ସୋନେଲ୍ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ଏହାକୁଅସାମ୍ବିଧାନିକ କହିଛି। ସରକାର ଯଦି ଉକ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର ନ କରନ୍ତି, ତେବେ ଏଆଇଏମ୍‌ପିଏଲ୍‌ବି ଏହା ବିରୋଧରେ ଅଦାଲତ ଯିବ ବୋଲି ଚେତାବନୀ ଦେଇଛି।

ଜାତୀୟ ସଙ୍ଗୀତ 'ଜନଗଣ ମନ' ଗାନ ପୂର୍ବରୁ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଲିଖିତ ଜାତୀୟ ଗୀତ ବନ୍ଦେ ମାତରମ୍‌ର ସମସ୍ତ ୬ଟି ପଦ ପ୍ରଥମେ ଗାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଥିଲା। ଏଆଇଏମ୍‌ପିଏଲ୍‌ବି ଏହାକୁ ଦୃଢ଼ ବିରୋଧ କରିଛି। ଏଭଳି ନିଷ୍ପତ୍ତି ଅସାମ୍ବିଧାନିକ ଏବଂ ଧର୍ମୀୟ ସ୍ୱାଧୀନତା ବିରୋଧୀ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସରକାରଙ୍କ ନିଷ୍ପତ୍ତିକୁ ବୋର୍ଡର ସାଧାରଣ ସମ୍ପାଦକ ମୌଲାନା ମହମ୍ମଦ ଫଜଲୁର ରହିମ ମୁଜାଦ୍ଦିଦି ଏକ ପ୍ରେସ୍ ବିବୃତିରେ ତୀବ୍ର ବିରୋଧ କହିଛନ୍ତି। ଏହା ଅସାମ୍ବିଧାନିକ ଏବଂ ଧର୍ମୀୟ ସ୍ୱାଧୀନତା, ଧର୍ମନିରପେକ୍ଷତା ତଥା ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଯାଉଛି। ମୁସଲମାନଙ୍କ ଧର୍ମୀୟ ବିଶ୍ୱାସ ସହ ଏହା ସିଧାସଳଖ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ମୁସଲମାନଙ୍କ ଦ୍ୱାରା ଏହା ସମ୍ପୂର୍ଣ୍ଣ ଅଗ୍ରହଣୀୟ ବୋଲି ମୌଲାନା କହିଛନ୍ତି। ରବୀନ୍ଦ୍ର ନାଥ ଟାଗୋରଙ୍କ ପରାମର୍ଶ ଏବଂ ସମ୍ବିଧାନ ସଭାରେ ବିଚାରବିମର୍ଶ ପରେ ବନ୍ଦେ ମାତରମ୍‌ର କେବଳ ୨ଟି ପଦକୁ ବ୍ୟବହାର କରିବା ନିମନ୍ତେ ସହମତି ହୋଇଥିଲା। ଏକ ଧର୍ମନିରପେକ୍ଷ ସରକାର ଗୋଟିଏ ଧର୍ମବିଶ୍ୱାସକୁ ଅନ୍ୟ ଧର୍ମ ଉପରେ ଜବରଦସ୍ତ ଲଦିଦେଇପାରିବେ ନାହିଁ ବୋଲି ମୌଲାନା କହିଛନ୍ତି।

## ଲମ୍ବୋର୍ଗିନି ଦୁର୍ଘଟଣା: ୪ ଦିନ ପରେ ଗିରଫ ଶିବମ୍‌ଙ୍କୁ ତୁରନ୍ତ ଜାମିନ

ନୂଆଦିଲ୍ଲୀ,୧୨।୨

ଉତ୍ତରପ୍ରଦେଶର କାନପୁରରେ ହାଇପ୍ରୋଫାଇଲ୍ ଲମ୍ବୋର୍ଗିନି ଦୁର୍ଘଟଣାର ୪ ଦିନ ପରେ ତମାଖୁ ଟାଇକୁନ୍ କେ.କେ. ମିଶ୍ରାଙ୍କ ପୁଅ ଶିବମ୍‌ଙ୍କୁ ଗିରଫ କରାଯିବାର ମାତ୍ର କେଇ ଘଣ୍ଟା ପରେ ଅଦାଲତ ଜାମିନ ପ୍ରଦାନ କରିଛନ୍ତି। ସୋମବାର ଏକ ଅଟୋରିକ୍ସା, ମୋଟରସାଇକେଲ ଏବଂ ଏକ ଖୁଣ୍ଟକୁ ୧୦ କୋଟି ଟଙ୍କା ମୂଲ୍ୟର ଲମ୍ବୋର୍ଗିନି ରିଭୁଏଲ୍ଟୋ ଧକ୍କା ଦେବାରୁ ୬ ଜଣ ଆହତ ହୋଇଥିଲେ। ଡ୍ରାଇଭର ସିଟ୍‌ରେ ଥିବା ଶିବମ୍‌ଙ୍କୁ ତାଙ୍କ ସୁରକ୍ଷା କର୍ମୀମାନେ ଟାଣି ବାହାର କରୁଥିବା ଭାଇରାଲ ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିବା ସହ ସେ ଗାଡ଼ି ଚଳାଉଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଶିବମ୍ ଗାଡ଼ି ଚଳାଉ ନ ଥିଲେ ବୋଲି ତାଙ୍କ ଓକିଲ ବାରମ୍ବାର କୋର୍ଟରେ ଦାବି କରିଥିଲେ ଏବଂ ତାଙ୍କ ଡ୍ରାଇଭର ମୋହନ ଗାଡ଼ି ଚଳାଉଥିବା କହିଥିଲେ। ବୁଧବାର ମୋହନ କାନପୁର କୋର୍ଟରେ ହାଜର ହୋଇ ଦୁର୍ଘଟଣା ପାଇଁ ନିଜକୁ ଦାୟୀ କରିଥିଲେ। ଶିବମ୍ ମୂର୍ଚ୍ଛାରୋଗରେ ପୀଡ଼ିତ ବୋଲି ପୂର୍ବରୁ ତାଙ୍କ ପରିବାର କହିଥିଲେ। ମିଶ୍ରା ପରିବାରର ପ୍ରଭାବ ଯୋଗୁ କର୍ତ୍ତୃପକ୍ଷ ଶିବମ୍‌ଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କରିଥିବା ଦୁର୍ଘଟଣା କ୍ଷତିଗ୍ରସ୍ତ ଏବଂ ସ୍ଥାନୀୟ ଲୋକେ କହିଛନ୍ତି। ଉତ୍ତେଜନା ପରେ ଶିବମ୍‌ଙ୍କ ନାମ ସହିତ ମୂଳତଃ ଅଜଣା ବ୍ୟକ୍ତିମାନଙ୍କ ନାମରେ ଏତଲା ଦାଏର ହୋଇଥିଲା। କାର୍ଯ୍ୟାନୁଷ୍ଠାନ ନେବାରେ ଅବହେଳା ପାଇଁ ଗ୍ୱାଲଟୋଲି ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଗୌରଙ୍କୁ ତାଙ୍କ ପଦବୀରୁ ହଟାଇ ପୋଲିସ ଲାଇନ୍‌କୁ ପଠାଇଦିଆଯାଇଛି।

## 'ବୁଝାମଣାରେ ବଦଳାଯାଇଛି ଟ୍ରେଡ୍ ଡିଲ୍ ଫ୍ୟାକ୍ଟଶିଟ୍'

ନୂଆଦିଲ୍ଲୀ,୧୨।୨

ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ନେଇ ହ୍ୱାଇଟ୍ ହାଉସ୍ ଗତ ୯ ତାରିଖରେ ଫ୍ୟାକ୍ଟଶିଟ୍ ଜାରି କରିଥିଲା। ଉଭୟ ପକ୍ଷ ମଧ୍ୟରେ ବାଣିଜ୍ୟ କାରବାରର ବିଭିନ୍ନ ଦିଗ ଏବଂ ସର୍ତ୍ତ ସମ୍ପର୍କରେ ଏଥିରେ ଉଲ୍ଲେଖ ରହିଥିଲା। ଫ୍ୟାକ୍ଟଶିଟ୍‌ର କିଛି ତଥ୍ୟକୁ ନେଇ ଭାରତ ପ୍ରଶ୍ନ ଉଠାଇବା ପରେ ଟ୍ରମ୍ପ୍ ପ୍ରଶାସନ ପୁଣି ଏଥିରେ ସଂଶୋଧନ କରିଥିଲା। ବିଶେଷକରି ଭାରତ ଉତ୍ପାଦିତ କେତେକ କୃଷିଜାତ ଦ୍ରବ୍ୟକୁ ନେଇ ସଂଶୋଧନ ଅଣାଯିବା ସହିତ ଭାରତ ଆମେରିକାରୁ ୫୦୦ ବିଲିୟନ ଡଲାରର ସାମଗ୍ରୀ କିଣିବ ବୋଲି ଯାହା କୁହାଯାଇଥିଲା, ସେଥିରେ ସଂଶୋଧନ ହୋଇଛି। ଭାରତ ଏହି ମୂଲ୍ୟର ଆମେରିକୀୟ ସାମଗ୍ରୀ କିଣିବ ନୁହେଁ, କିଣିବାକୁ ଆଗ୍ରହୀ ବୋଲି ସଂଶୋଧିତ ଫ୍ୟାକ୍ଟଶିଟ୍‌ରେ ଉଲ୍ଲେଖ କରାଯାଇଛି। ଆପୋସ ବୁଝାମଣାରେ ସଂଶୋଧନ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବୁଝାମଣାରେ ଉଭୟ ପକ୍ଷର ସ୍ୱାର୍ଥରକ୍ଷା ଏବଂ ଜବାବୀ ଟାରିଫ୍‌କୁ ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନ ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି କରାଯାଇଥିବା ସଂଶୋଧିତ ଫ୍ୟାକ୍ଟଶିଟ୍ ଉଭୟ ପକ୍ଷ ମଧ୍ୟରେ ଆପୋସ ଆଲୋଚନା ଯୋଗୁ ସମ୍ଭବ ହୋଇଥିବା ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୈଶୱାଲ୍ କହିଛନ୍ତି।

## ପ୍ରଭାବଶାଳୀ ପାସ୍‌ପୋର୍ଟ : ୭୫ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୧୨।୨

ବିଶ୍ୱର ପ୍ରଭାବଶାଳୀ ପାସ୍‌ପୋର୍ଟ ମଧ୍ୟରେ ଭାରତୀୟ ପାସ୍‌ପୋର୍ଟର ସ୍ଥାନ ୭୫କୁ ଉନ୍ନୀତ ହୋଇଛି। ୨୦୨୬ ପ୍ରାରମ୍ଭରେ ଭାରତୀୟ ପାସ୍‌ପୋର୍ଟର ସ୍ଥାନ ବିଶ୍ୱସ୍ତରରେ ୮୦ ରହିଥିଲା। କିନ୍ତୁ ଏହାମଧ୍ୟରେ ବିଭିନ୍ନ ଦିଗରେ ସକାରାତ୍ମକ ପରିବର୍ତ୍ତନ ଯୋଗୁ ଭାରତୀୟ ପାସ୍‌ପୋର୍ଟ ସ୍ଥାନ ୭୫କୁ ଉନ୍ନୀତ ହୋଇଛି ବୋଲି ହେନ୍‌ଲି ପାସ୍‌ପୋର୍ଟ ଇଣ୍ଡେକ୍ସ ତଥ୍ୟରୁ ଜଣାପଡ଼ିଛି। ଜଣେ ପାସ୍‌ପୋର୍ଟଧାରୀଙ୍କୁ ଭିସା ବିନା ଯେଉଁ ଦେଶର ଯେତେ ଅଧିକ ସ୍ଥାନକୁ ଭ୍ରମଣ କରିବା ସୁବିଧା ମିଳେ, ତାହାକୁ ଭିତ୍ତିକରି ହେନ୍‌ଲି ପାସ୍‌ପୋର୍ଟ ସୂଚକାଙ୍କ ପ୍ରସ୍ତୁତ କରାଯାଇଥାଏ ଏବଂ ସେହି ଅନୁସାରେ ଗୋଟିଏ ଦେଶର ପାସ୍‌ପୋର୍ଟକୁ ଉକ୍ତ ସୂଚକାଙ୍କରେ ସ୍ଥାନ ଦିଆଯାଇଥାଏ।




## ଏକାଠି ଆସିବେ ଆମିର୍, ସନ୍ନି

ମୁମ୍ବାଇ

ବଲିଉଡର ଦୁଇ ପ୍ରସିଦ୍ଧ ଅଭିନେତା ଆମିର ଖାନ୍ ଓ ସନ୍ନି ଦେଓଲଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଲାହୋର ୧୯୪୭'ର ରିଲିଜ ତାରିଖ ଘୋଷଣା ହୋଇଛି। ଅଗଷ୍ଟ ୧୩ରେ ଫିଲ୍ମଟି ବଡ଼ ପରଦାକୁ ଆସିବ। ପ୍ରଥମ ଥର ପାଇଁ ଆମିର ଖାନ ଏବଂ ସନ୍ନି ଦେଓଲ କୌଣସି ପ୍ରୋଜେକ୍ଟ ପାଇଁ ଏକାଠି ହୋଇଛନ୍ତି। 'ଆମିର ଖାନ୍ ପ୍ରଡକ୍ସନ୍ସ' ବ୍ୟାନରରେ ନିର୍ମିତ ଏହି ଫିଲ୍ମକୁ ପ୍ରସିଦ୍ଧ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀ ନିର୍ଦ୍ଦେଶନା ଦେଇଛନ୍ତି। ଏହା ସେମାନଙ୍କର ଚତୁର୍ଥ ମିଳିତ ପ୍ରୟାସ। ଫିଲ୍ମଟି ଅସଘର ୱାଜାହତଙ୍କ ଲୋକପ୍ରିୟ ପଞ୍ଜାବୀ ନାଟକ 'ଜିସ ଲାହୋର ନୈ ଦେଖିଆ, ଓ ଜମିଆ ହିଁ ନୈ' ଉପରେ ପର୍ଯ୍ୟବଶିତ। ସନ୍ନି ଦେଓଲଙ୍କ ସହ ପ୍ରୀତି ଜିଣ୍ଟା, ଶବାନା ଆଜମୀ, ଅଭିମନ୍ୟୁ ସିଂ, କରଣ ଦେଓଲ ଏବଂ ଅଲି ଫଜଲ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଓସ୍କାର ବିଜେତା ଏ.ଆର. ରେହମାନ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଜାଭେଦ ଅଖତର ଗୀତ ରଚନା କରିଛନ୍ତି। 'ଲାହୋର ୧୯୪୭' ସହ ସ୍ୱାଧୀନତା ଦିବସ ଅବସରରେ ଅନ୍ୟ କେତେକ ଫିଲ୍ମ ମୁକ୍ତିଲାଭ କରିବାକୁ ରହିଥିବାରୁ ବକ୍ସ ଅଫିସ୍‌ରେ କଡ଼ା ଟକ୍କର ହେବାର ସମ୍ଭାବନା ରହିଛି।



ଆମିର ଖାନ୍

ସନ୍ନି ଦେଓଲ

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୩/୨୦୨୬ | Bhubaneswar, Friday, February 13/2026




ବାଲେଶ୍ୱର ସୋରରୁ ଖୋର୍ଦ୍ଧାକୁ ବିବାହ ପାଇଁ ଯାଉଥିବା ବର ଅବଦୁଲ ଫନେ୍‌ଇମ ଖାନ୍‌ଙ୍କ ଗାଡ଼ିକୁ ଗୁରୁବାର ଭାରତ ବନ୍ଦ ଅବସରରେ ବିକ୍ଷୋଭକାରୀମାନେ ଭୁବନେଶ୍ୱର ଜୟଦେବ ବିହାର ରାସ୍ତାରେ ଅଟକାଇଛନ୍ତି। (ଫଟୋ: ବିକାଶ ନାୟକ)

# ଭାରତ ବନ୍ଦ: ଜୀବନଯାତ୍ରା ପ୍ରଭାବିତ

**ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଏବଂ ରାଷ୍ଟ୍ର ବିରୋଧୀ ତଥା କର୍ପୋରେଟ୍ ସହଯୋଗୀ ନୀତିକୁ ବିରୋଧ କରି ଟ୍ରେଡ୍ ୟୁନିୟନଗୁଡ଼ିକ ପକ୍ଷରୁ ଗୁରୁବାର ବନ୍ଦ ଡାକରା ଦିଆଯାଇଥିଲା। ଫଳରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ପରିବହନ ସମେତ ବିଭିନ୍ନ ସେବା ବନ୍ଦ ହେବାରୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏସ୍‌ଇଡବ୍ଲ୍ୟୁଏ, ଏଆଇସିସିଟିୟୁ, ଏଲ୍‌ପିଏଫ୍ ଏବଂ ୟୁଟିୟୁସିର ମିଳିତ ଫୋରମ୍ ପକ୍ଷରୁ ଏହି ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦିଆଯାଇଥିଲା।**

ଭୁବନେଶ୍ୱର,୧୨।୨(ତ୍ରିନାଥ ମହାନ୍ତି)

୧୦ ଶ୍ରମିକ ସଂଗଠନଓ ସ୍ୱାଧୀନ ଫେଡେରେଶନ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ସର୍ବଭାରତୀୟ ବନ୍ଦ ଡାକରା ଦିଆଯାଇଥିଲା। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରେ ବନ୍ଦର ପ୍ରଭାବ ପଡ଼ିଥିଲା। ବନ୍ଦ ଯୋଗୁ ଯାତ୍ରୀ ଏବଂ ସାଧାରଣ ଲୋକ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ଯାତ୍ରୀବାହୀ ବସ୍, ଟ୍ରକ୍, ଅଟୋ ଏବଂ ଟ୍ୟାକ୍ସି ସବୁ ବନ୍ଦ ରହିଥିବାରୁ ଲୋକମାନେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଠିକ୍‌ଭାବେ ଯାଇପାରି ନ ଥିଲେ। ଆନ୍ଦୋଳନକାରୀମାନେ ବିଭିନ୍ନ ଛକରେ ଟାୟାର ଜାଳି ଗାଡ଼ି ଚଳାଚଳକୁ ଅବରୋଧ କରିଥିଲେ। ଭୁବନେଶ୍ୱରରେ ଆନ୍ଦୋଳନକାରୀମାନେ ଷ୍ଟେଶନର ପ୍ରବେଶ ଗେଟ୍‌କୁ ବନ୍ଦ କରି ଦେଇଥିବାବେଳେ ମାଷ୍ଟରକ୍ୟାଣ୍ଟିନ ଛକରେ ବ୍ୟାନର ଧରି ଗାଡ଼ି ଚଳାଚଳକୁ ଅଟକାଇଥିଲେ। ସେହିପରି ମାଷ୍ଟରକ୍ୟାଣ୍ଟିନ୍‌ରେ ଆମ ବସ୍ ଡିପୋର ମୁଖ୍ୟ ଗେଟ୍‌ରେ ଆନ୍ଦୋଳନକାରୀମାନେ ତାଲା ମାରି ଦେଇଥିଲେ। ବନ୍ଦ ପ୍ରଭାବରେ ବ୍ୟାଙ୍କ୍, ଫୋଷ୍ଟ ଅଫିସ, ବୀମା ଅଫିସ ସବୁ ବନ୍ଦ ରହିଥିଲା। ବଜାର, ଯାନବାହନ, ସ୍କୁଲ, କଲେଜ ବନ୍ଦ ରହିଥିବା ବେଳେ କେତେକ ଘରୋଇ ସ୍କୁଲରେ ମଧ୍ୟ ସ୍ଥଗିତ ରଖାଯାଇଥିଲା ପରୀକ୍ଷା। କେବଳ ସରକାରୀ ଅଫିସ ଏବଂ ଜରୁରୀ ସେବା ଯୋଗାଉଥିବା ସଂସ୍ଥାର ଅଫିସ୍ ଖୋଲା ରହିଥିଲା। ବିଶେଷକରି ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଥିବାବେଳେ ବାହାର ରାଜ୍ୟର ଟ୍ରକଗୁଡ଼ିକୁ ଅଟକାଇ ଦିଆଯାଇଥିଲା। ଭୁବନେଶ୍ୱରର ଖଣ୍ଡଗିରି, ଆଚାର୍ଯ୍ୟ ବିହାର, ଜୟଦେବ ବିହାର ରାସ୍ତାରେ ଗାଡ଼ି ଚଳାଚଳ କରୁ ନ ଥିବାବେଳେ ବିଭିନ୍ନ ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତା ରାସ୍ତାରେ ବିରୋଧ ପ୍ରଦର୍ଶନ କରିଥିଲେ। ତେବେ ବାଲେଶ୍ୱର ସୋରରୁ ଖୋର୍ଦ୍ଧାକୁ ବିବାହ କରିବାକୁ ଆସୁଥିବା ☞ପୃଷ୍ଠା-୨

## ସାମିଲ ହେଲେ ୩୦ କୋଟି ଶ୍ରମିକ

ନୂଆଦିଲ୍ଲୀ,୧୨।୨

ଧର୍ମଘଟରେ ସାରା ଦେଶରୁ ପ୍ରାୟ ୩୦ କୋଟି ଶ୍ରମିକ, କର୍ମଚାରୀ ସାମିଲ ହୋଇଥିଲେ ବୋଲି ଫୋରମ୍ ଦାବି କରିଛି। କେନ୍ଦ୍ର ସରକାର ଆଣିଥିବା ୪ ଶ୍ରମ ସଂହିତା କର୍ମଚାରୀମାନଙ୍କ ଅଧିକାରକୁ ଦୁର୍ବଳ କରିବା ସହ ନିଯୁକ୍ତି ସୁରକ୍ଷା ହ୍ରାସ କରିବା ଏବଂ ନିଯୁକ୍ତିଦାତାମାନଙ୍କ ପାଇଁ ନିଯୁକ୍ତି ଓ ଛଟେଇକୁ ସହଜ କରିଦେଇଥିବା ଅଭିଯୋଗ କରି ବିକ୍ଷୋଭକାରୀମାନେ ଉକ୍ତ ଆଇନକୁ ରଦ୍ଦ କରାଯିବାକୁ ଦାବି କରିଥିଲେ। ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ଆଇନ, ୨୦୨୫କୁ ରଦ୍ଦ କରି ପୂର୍ବରୁ ରହିଥିବା ଏମ୍‌ଜିଏନ୍‌ଆର୍‌ଇଜିଏକୁ କାଏମ ରଖିବା, ଡିଠା ସିଡ୍ ବିଲ୍, ବିଦ୍ୟୁତ୍ ସଂଶୋଧନ ବିଲ୍ ଏବଂ ଭାରତର ରୂପାନ୍ତରଣ ପାଇଁ ପରମାଣୁ ଶକ୍ତିର ସ୍ଥାୟୀ ବ୍ୟବହାର ଓ ଅଗ୍ରଗତି (ଏସ୍‌ଏଚ୍‌ଏଏନ୍‌ଟିଆଇ) ଅଧିନିୟମକୁ ପ୍ରତ୍ୟାହାର କରିନେବା ପାଇଁ ବିକ୍ଷୋଭକାରୀ ଦାବି କରିଥିଲେ। ଓଡ଼ିଶା ସମେତ ଆସାମ, ତାମିଲନାଡ୍ରୁ, ପଣ୍ଡିଚେରୀ, କେରଳ ଏବଂ ବିହାର ଆଦି ବିଭିନ୍ନ ରାଜ୍ୟରେ ଆନ୍ଦୋଳନ ହୋଇଥିବା ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସ ସାଧାରଣ ସମ୍ପାଦକ ଅମରଜିତ କୌର କହିଛନ୍ତି। ଧର୍ମଘଟ ଯୋଗୁ ବ୍ୟାଙ୍କିଙ୍ଗ୍, ବୀମା, ଡାକସେବା, ☞ପୃଷ୍ଠା-୨

# ଖିଲାପୀ ବିଲ୍ଡରଙ୍କୁ ସୁବିଧା ଦେଉଛି ରେରା: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୧୨।୨

ରିଅଲ୍ ଇଷ୍ଟେଟ୍ ନିୟାମକ କର୍ତ୍ତୃପକ୍ଷ (ରେରା) ଖିଲାପୀ ବିଲ୍ଡରଙ୍କୁ କେବଳ ସୁବିଧା ଦେଉଛି; ଏହାବାଦ୍ ଏକ ସଂସ୍ଥା ଭାବେ କିଛି ଦାୟିତ୍ୱ ତୁଲାଉନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ଏଥିସହ ରାଜ୍ୟଗୁଡ଼ିକ ରେରା ଗଠନ ଉପରେ ପୁନର୍ବିଚାର କରିବା ଜରୁରୀ ହୋଇପଡ଼ିଛି ବୋଲି ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ କହିଛନ୍ତି।

ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କ ନେତୃତ୍ୱାଧୀନ ସରକାର ଶିମ୍‌ଲାସ୍ଥିତ ରେରା ଅଫିସକୁ ଧର୍ମଶାଳାକୁ ସ୍ଥାନାନ୍ତର କରିବାକୁ ଚାହୁଁଥିବାରୁ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ସିଜେଆଇ ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣିକରି ହିମାଚଳ ସରକାରଙ୍କୁ ରେରା ଅଫିସ୍ ସ୍ଥାନାନ୍ତର ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ଯେଉଁମାନଙ୍କ ପାଇଁ ରେରା ଗଠନ ହୋଇଥିଲା, ସେମାନେ ସମ୍ପୂର୍ଣ୍ଣ ବିଷାଦଗ୍ରସ୍ତ, ବିରକ୍ତ ଓ ନିରାଶ ହୋଇଯାଇଛନ୍ତି। ତେଣୁ ରେରାକୁ ଉଚ୍ଛେଦ କରାଗଲେ ଅଦାଲତଙ୍କ କୌଣସି ଆପତ୍ତି ନାହିଁ।

ଉଲ୍ଲେଖଯୋଗ୍ୟ, ରେରା ଅଫିସ ସ୍ଥାନାନ୍ତର ସମ୍ପର୍କିତ ୨୦୨୫ ଜୁନ୍ ବିଜ୍ଞପ୍ତି ଉପରେ ଏହା ପୂର୍ବରୁ ହିମାଚଳ ପ୍ରଦେଶ ହାଇକୋର୍ଟ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି କରିଥିଲେ। ହାଇକୋର୍ଟ ୨୦୨୫ ଡିସେମ୍ବର ୩୦ରେ ଦେଇଥିବା ରାୟରେ ଅନ୍ତରୀଣ ରାୟର ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରସଙ୍ଗରେ ହିମାଚଳ ପ୍ରଦେଶ ସରକାର ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଶୀର୍ଷ ଅଦାଲତ ହାଇକୋର୍ଟଙ୍କ ଡିସେମ୍ବର ୩୦ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଶୁଣାଣି ବେଳେ ସିଜେଆଇ କହିଛନ୍ତି, ରେରା ଖିଲାପକାରୀ ବିଲ୍ଡର୍ସଙ୍କୁ ସୁବିଧା ଦେବା ଛଡ଼ା ଅନ୍ୟ କିଛି କରୁନାହିଁ। ଏହି ସଂସ୍ଥାକୁ ଉଚ୍ଛେଦ କରିଦେବା ଉଚିତ ହେବ। ଏପରି କଲେ ଆମର କିଛି କହିବାର ନାହିଁ। ସବୁ ରାଜ୍ୟ ରେରା ଗଠନ ଉପରେ ପୁନର୍ବିଚାର କରିବା ସମୟ ଆସିଯାଇଛି।

ହିମାଚଳ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସୁଗନ୍ଧା ଆନନ୍ଦ ନିଜ ପିଟିଶନରେ ଉଲ୍ଲେଖ କରିଥିଲେ, ଶିମ୍‌ଲା ସହରକୁ ଗହଳିମୁକ୍ତ କରିବା ପାଇଁ ରେରା ଅଫିସକୁ ଧର୍ମଶାଳାକୁ ସ୍ଥାନାନ୍ତର କରିବା ଲାଗି ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ମାଧବୀ ଦିବାନ ଖଣ୍ଡପୀଠଙ୍କୁ କହିଥିଲେ, ଏହି ପ୍ରସଙ୍ଗ ରେରା ସହ ସମ୍ପର୍କିତ, ଯାହାକୁ ଆମେ ଧର୍ମଶାଳାକୁ ଶିଫ୍ଟ କରିବାକୁ ଚାହୁଁଛୁ। ପ୍ରତିବାଦୀଙ୍କ ଜଣେ ଓକିଲ କହିଥିଲେ, କର୍ତ୍ତୃପକ୍ଷ ଡିଲ୍ କରୁଥିବା ୯୦% ପ୍ରକଳ୍ପ ଶିମ୍‌ଲା, ସୋଲାନ୍, ପରୱାନୁ ଓ ସିମାଉରରେ ଅବସ୍ଥିତ। ସେଗୁଡ଼ିକ ସର୍ବାଧିକ ୪୦ କି.ମି. ପରିଧି ମଧ୍ୟରେ ରହିଛି। ରେରା ନିକଟରେ ବିଚାରାଧୀନ ୯୨% ଅଭିଯୋଗ କେବଳ ଏହି ଜିଲାଗୁଡ଼ିକର ଏବଂ ଧର୍ମଶାଳାରେ ମାତ୍ର ୨୦ଟି ପ୍ରକଳ୍ପ ରହିଛି। ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସରଙ୍କୁ ରେରାରେ ନିଯୁକ୍ତ କରାଯାଇଛି ବୋଲି ପ୍ରତିବାଦୀଙ୍କ ଓକିଲ ଖଣ୍ଡପୀଠଙ୍କୁ ଅବଗତ କରାଇଛନ୍ତି। ଏହା ଶୁଣିବା ପରେ ସିଜେଆଇ କହିଛନ୍ତି, ପ୍ରତ୍ୟେକ ରାଜ୍ୟରେ ରେରା ଏକ ପୁନଃଥଇଥାନ କେନ୍ଦ୍ର ପାଲଟିଯାଇଛି। ଏଭଳି ସଂସ୍ଥାଗୁଡ଼ିକୁ ଏପରି ଲୋକେ ଦଖଲ କରି ରହିଛନ୍ତି।

# ବେଲଗୁଣ୍ଠା ଅତିରିକ୍ତ ତହସିଲଦାର ଗିରଫ

## ଜବତ ବାଲି ଗାଡ଼ି ଛାଡ଼ିବା ପାଇଁ ଲାଞ୍ଚ ମହଙ୍ଗା ପଡ଼ିଲା

ବ୍ରହ୍ମପୁର/ବେଲଗୁଣ୍ଠା,୧୨।୨
(ସୁବାସ ଚନ୍ଦ୍ର ପାଢ଼ୀ/କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠାର ଅତିରିକ୍ତ ତହସିଲଦାର କବିରାଜ ସେଠୀ ଲାଞ୍ଚ ନେଉଥିବା ବେଳେ ଧରାପଡ଼ି ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଛନ୍ତି। ଜବତ ବାଲି ବୋଝେଇ ଟ୍ରାକ୍ଟର ଛାଡ଼ିଦେବା ପାଇଁ ସେ ଗାଡ଼ି ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଓ କାଗଜପତ୍ର ଜବତ ହୋଇଛି। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ମାମଲା (ନଂ.୧/୨୬) ରୁଜୁ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ସେଠୀଙ୍କ କାର୍ଯ୍ୟାଳୟ, ବେଲଗୁଣ୍ଠା ବାସଭବନ ଓ ପୈତୃକ ବାସଭବନରେ ଏକକାଳୀନ ଚଢ଼ାଉ ଚାଲିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ



କବିରାଜ ସେଠୀ

ସୂଚନା ମିଳିଛି। ଏହିଘଟଣାରେ ଭିଜିଲାନ୍ସ ୩ ଜଣ ଆର୍‌ଆଇଙ୍କୁ ଉଠାଇନେଇ ପଚରାଉଚରା କରୁଥିବା ଜଣାପଡ଼ିଛି।

ଅତିରିକ୍ତ ତହସିଲଦାର ସେଠୀ ଗତ ୫ ତାରିଖରେ ବାଲି ବୋଝେଇ ହୋଇଥିବା ଏକ ଟ୍ରାକ୍ଟରକୁ ରେକର୍ଡଭୁକ୍ତ ନ କରି ଜବତ କରିଥିଲେ। ଟ୍ରାକ୍ଟର ମାଲିକ ସମସ୍ତ କାଗଜପତ୍ର ଦେଖାଇଥିଲେ ମଧ୍ୟ ଗାଡ଼ି ରିଲିଜ କରିବା ପାଇଁ ସେଠୀ ଟଙ୍କା ଦାବି କରିଥିଲେ। ଟ୍ରାକ୍ଟର ମାଲିକ ଏ ସମ୍ପର୍କରେ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଗୁରୁବାର ସେ ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଅତିରିକ୍ତ ତହସିଲଦାର ସେଠୀ ଟ୍ୟାକ୍ସ ଭାବେ ୩୦ ହଜାର ଟଙ୍କା ଜରିମାନା ଆଦାୟ କରିବା ସହ ଅତିରିକ୍ତ ୧୦,୦୦୦ ଟଙ୍କା ଲାଞ୍ଚ ଟ୍ରାକ୍ଟର ମାଲିକଙ୍କଠାରୁ ଗ୍ରହଣ କରିଥିଲେ। ଏହି ସମୟରେ ସେଠାରେ ଛକିରହିଥିବା ଭିଜିଲାନ୍ସକର୍ମଚାରୀମାନେ ଚଢ଼ାଉ କରି ସମସ୍ତ ଟଙ୍କା ଜବତ କରିବା ସହ ସେଠୀଙ୍କୁ କାବୁ କରିଥିଲେ। ଜରିମାନା ଚାଲାଣଗୁଡ଼ିକରେ ଅନେକ ଅସଙ୍ଗତି ଓ ତ୍ରୁଟିଥିବାରୁ ସେଗୁଡ଼ିକର ସତ୍ୟତା ଯାଞ୍ଚ କରାଯାଉଛି ବୋଲି ଭିଜିଲାନ୍ସ ଟିମ୍ କହିଛନ୍ତି।

# ରାଜ୍ୟ କ୍ୟାବିନେଟ୍‌ରେ କମିଶନଙ୍କ ରିପୋର୍ଟ ଉପସ୍ଥାପନ କର

## ହାଇକୋର୍ଟରେ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲା

କଟକ,୧୨।୨(କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲାରେ ଜଷ୍ଟିସ ରଘୁବୀର ଦାଶ କମିଶନଙ୍କ ତଦନ୍ତ ରିପୋର୍ଟ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ଏହା ଆଗାମୀ ସେସନ୍‌ରେ ଉପସ୍ଥାପନ ହେବା ଉଚିତ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ସେହିପରି ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି କାର୍ଯ୍ୟ ଆସନ୍ତା ୩ ମାସ ମଧ୍ୟରେ ଶେଷ କରିବାକୁ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସରକାର ଏ ଦିଗରେ ତତ୍ପରତାର ସହ କାର୍ଯ୍ୟ କରିବେ ବୋଲି ମଧ୍ୟ ଆଶାବ୍ୟକ୍ତ କରିଛନ୍ତି।

ସୂଚନାନୁସାରେ, ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍‌ଆଇ) ୨୦୨୫ ଡିସେମ୍ବର ୨୩ରେ ହୋଇଥିବା ଶୁଣାଣିରେ ରତ୍ନଭଣ୍ଡାର ମରାମତି ସରିଯାଇଥିବା ହାଇକୋର୍ଟଙ୍କୁ ଜଣାଇଥିଲା। ସେହିପରି ଶ୍ରୀମନ୍ଦିର ପ୍ରଶାସନଙ୍କୁ ଗତ ଜୁଲାଇ ୬ରେ ରତ୍ନଭଣ୍ଡାର ହସ୍ତାନ୍ତର କରାଯାଇଥିବା ମଧ୍ୟ ଏଏସ୍‌ଆଇ ପକ୍ଷରୁ ସତ୍ୟପାଠ ଜରିଆରେ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ୧୯୭୮ ମସିହା ପରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ହୋଇ ନ ଥିବା ବାବଦରେ ଆଡ୍‌ଭୋକେଟ୍ ଜେନେରାଲ ହାଇକୋର୍ଟଙ୍କୁ ଦର୍ଶାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ସତ୍ୟପାଠରେ ଦର୍ଶାଯାଇଥିଲା ଯେ, ସରକାର ରତ୍ନଭଣ୍ଡାର ଗଣତିମଣତି ଉପରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଆଣିବାକୁ ବିଚାର ବିମର୍ଶ କରୁଛନ୍ତି। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ଏସ୍‌ଓପି ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁମତି ମିଳିବା ପରେ ଗଣତିମଣତି ନେଇ କାର୍ଯ୍ୟାନ୍ୱୟନ କରାଯିବ ବୋଲି ପରବର୍ତ୍ତୀ ସମୟରେ ସତ୍ୟପାଠ ମାଧ୍ୟମରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ☞ପୃଷ୍ଠା-୨

# ଆଉ ୧୧୪ ରାଫାଲ ଜେଟ୍ ଆସିବ

## ୩.୬ ଲକ୍ଷ କୋଟିର ଅଧିଗ୍ରହଣ ପ୍ରକଳ୍ପକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ,୧୨।୨ (ପି.ଟି./ ରଏଟର୍ସ)

ଭାରତ ନିକଟରେ ବର୍ତ୍ତମାନ ୩୬ଟି ରାଫାଲ ଯୁଦ୍ଧବିମାନ ରହିଥିବାବେଳେ ଏହି ଧରଣର ଆଉ ୧୧୪ଟି ଜେଟ୍ ଆସିବ। ଫ୍ରାନ୍ସରୁ ୩.୬ ଲକ୍ଷ କୋଟି ଟଙ୍କା (୨୮୦.୪ ବିଲିୟନ୍ ଆମେରିକୀୟ ଡଲାର)ରେ ୧୧୪ ରାଫାଲ ଜେଟ୍ କ୍ରୟ ପ୍ରସ୍ତାବକୁ ଗୁରୁବାର କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି।

ପ୍ରତିରକ୍ଷା ମନ୍ତ୍ରଣାଳୟ ଦୀର୍ଘଦିନରୁ ବିଚାରାଧୀନ ଥିବା ୧୧୪ ରାଫାଲ ଯୁଦ୍ଧବିମାନ ଅଧିଗ୍ରହଣ ପ୍ରସ୍ତାବ ଉପରେ ମୋହର ମାରିଛି। ୧୩ ବର୍ଷ ପୂର୍ବେ ଅନୁରୂପ ଅଧିଗ୍ରହଣ ପାଇଁ ପ୍ରସ୍ତାବ ରହିଥିଲା, ଯାହାକୁ



ମଞ୍ଜୁରୀ ମିଳି ନ ଥିଲା। ତେବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଡିଫେନ୍ସ ଆକ୍ୱିଜିଶନ୍ କାଉନ୍‌ସିଲ (ଡିଏସି) ୩.୬ ଲକ୍ଷ କୋଟି ଟଙ୍କାର ସାମରିକ ହାର୍ଡୱେର ଅଧିଗ୍ରହଣ ପ୍ରସ୍ତାବକୁ ଗୁରୁବାର ମଞ୍ଜୁରୀ ଦେଇଛି। ଏହାଦ୍ୱାରା ଭାରତୀୟ ସଶସ୍ତ୍ର ବଳର ଯୁଦ୍ଧ ପ୍ରସ୍ତୁତି ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଏହି ପ୍ରକଳ୍ପ ଅଧୀନରେ ରାଫାଲ ନିର୍ମାତା ଦାସଲ୍ଟ ଆଭିଏଶନ୍ ପକ୍ଷରୁ ଉଡ଼ନ୍ତା ସ୍ଥିତିରେ ଥିବା ୧୮ଟି ☞ପୃଷ୍ଠା-୨

# କର୍ମକ୍ଷେତ୍ରରେ ଜାତି ଭେଦଭାବ: କେନ୍ଦ୍ରାପଡ଼ାର ଉଦାହରଣ ଦେଲେ ଖାର୍ଗେ

ନୂଆଦିଲ୍ଲୀ, ୧୨।୨

ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ରାପଡ଼ା ଜିଲାର ଏକ ଅଙ୍ଗନୱାଡି କେନ୍ଦ୍ରରେ ଘଟିଥିବା ଜାତିଆଣ ଭେଦଭାବକୁ ନେଇ ଗୁରୁବାର ଗୃହରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଗତ ନଭେମ୍ବରରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଶର୍ମିଷ୍ଠା ସେଠୀ ନାମ୍ନୀ ଜଣେ ଦଳିତ ଯୁବତୀଙ୍କୁ ସହାୟିକା ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିଦିନଠାରୁ ଗ୍ରାମର କେତେଜଣ ଲୋକ ଜାତିଭିତ୍ତିକ କାରଣ ଦର୍ଶାଇ ଅଙ୍ଗନୱାଡି କେନ୍ଦ୍ରକୁ ନିଜ ପିଲାମାନଙ୍କୁ ପଠାଇବା ବନ୍ଦ କରିଦେଇଥିଲେ। ଦଳିତ ମହିଳାଙ୍କ ଦ୍ୱାରା ରନ୍ଧା ଯାଇଥିବା ଖାଦ୍ୟକୁ ପିଲାମାନେ ଖାଇବେ ନାହିଁ ବୋଲି ସେମାନେ ଜିଦ୍ ଧରିଥିଲେ। ଏହି କାରଣରୁ ପ୍ରାୟ ୮୧ ଦିନ ଧରି ଅଙ୍ଗନୱାଡି କେନ୍ଦ୍ରଟି ଏକ ପ୍ରକାର ବନ୍ଦ ରହିଥିଲା ଏବଂ ପିଲାମାନେ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିଲେ। ରାଜ୍ୟ ସଭାରେ ଖାର୍ଗେ ଏହି ପ୍ରସଙ୍ଗ ☞ପୃଷ୍ଠା-୨

SIKSHA 'O' ANUSANDHAN
(DEEMED TO BE UNIVERSITY)
Empowering students for a brighter future
LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.M. - 1 Year
APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
NIRF INDIA RANKINGS 2025
- 15th Best in University Category
- 10th Best in Law Category
INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026
To apply for admission through CLAT 2026, Please visit: www.soa.ac.in

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୧୨ତମ ଭୁବନେଶ୍ୱର ରେଡିଓ ମେଳା, ସ୍ଥାନ: ଏକାମ୍ର ହାଟ, ସମୟ: ଅପରାହ୍ନ ୪ଟା।
- ସୋଲୋ ଆର୍ଟ ଏକ୍ଜିବିଶନ, ସ୍ଥାନ: ଲଳିତକଳା ଏକାଡେମୀ, ସମୟ: ଅପରାହ୍ନ ୪ଟା।
- ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ମହାଶିବରାତ୍ରି ଜାଗର ଉତ୍ସବ, ଜାତୀୟସ୍ତରୀୟ ଭଜନ ସମାରୋହ ପାଳନ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ, ଏକାମ୍ର ସାଂସ୍କୃତିକ ପ୍ରକାଶନୀ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ ଟା।

**କଟକ**
- କଟକ ଜିଲା ବିଜୁ ଜନତା ଦଳ ପକ୍ଷରୁ ଧାନର ଅଭାବୀ ବିକ୍ରି, କଟନିଛଟନି ନେଇ ପ୍ରତିବାଦ ସଭା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଷ୍ଟୁଡେଣ୍ଟ ରିପ୍ରେଜେଣ୍ଟେଟିଭ୍ ସେଲ ଓ ଡ୍ରାମାଟିକ ସୋସାଇଟି ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଗଣପତି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବେଲଗଛିଆ, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା କବାଡି ଆସୋସିଏଶନ୍ ପକ୍ଷରୁ ୭୩ତମ ବରିଷ୍ଠ ରାଜ୍ୟ କବାଡି ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ସମାରୋହ, ଅପରାହ୍ନ ୫ଟା।
- ଚତୁର୍ଦ୍ଦଶ ଶିଶିର ମେଳାର ନବମ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ବାବା କାଶୀବିଶେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ଜହତା, ରୂପ୍‌ସା, ସମୟ: ସକାଳ ୮ଟା।
- ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଭୋଗରାଇ, ସମୟ : ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହର ତୃତୀୟ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ସମୟ : ପୂର୍ବାହ୍ନ ୧୦ଟା।
- ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ–ଖୋ (ମହିଳା) ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ସୁରକ୍ଷା ଆଇନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାଖରାବାଦ ଖେଳପଡ଼ିଆ, ରୂପ୍‌ସା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆରଆଇଏଚଏସ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଜଳେଶ୍ୱରପୁରସ୍ଥିତ ମହାବିଦ୍ୟାଳୟ ପରିସର, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାଗବତ କଥାମୃତ ପ୍ରବଚନ ସଭା ଷଷ୍ଠ ସନ୍ଧ୍ୟା, ସ୍ଥାନ: ଗୋଛାୟତ କମ୍ପ୍ଲେକ୍ସ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।
- ବାରିଙ୍ଗିଆ ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ବାରିଙ୍ଗିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ୟୁଥ୍ କ୍ଲବର ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ବାଖରାବାଦ ଖେଳପଡ଼ିଆ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ୫ମ ଜାତୀୟ ସେମିନାର, ସ୍ଥାନ: ଭଦ୍ରକ କଲେଜ, ପିଜି ଡିପାର୍ଟମେଣ୍ଟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ମାନଗୋବିନ୍ଦ ପଣ୍ଡାଙ୍କ ଦ୍ୱାଦଶାହ ଉପଲକ୍ଷେ ସ୍ମୃତିସଭା, ସ୍ଥାନ: ମୂଳଗାଁ, ନଳାଙ୍ଗ, ଭଦ୍ରକ, ସମୟ: ଅପରାହ୍ନ ୨ଟା।
- ତିହିଡ଼ି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ସଙ୍ଗୀତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: କମାରଗାଁ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ସୋଫିଆ ଇଂଲିଶ ମିଡିୟମ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଚାନ୍ଦବାଲି କାଳୀପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ : ଜଳକଳଙ୍ଗ, ହାଟଡ଼ିହୀ, ସମୟ: ସକାଳ ୫ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ : ମଉଦା, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- ସଂକ୍ରାନ୍ତି ବିହିତ ମେଳା, ଭଜନ, ନାମ ସଂକୀର୍ତ୍ତନ, ସ୍ଥାନ : ଗଡ଼ଚଣ୍ଡୀ ପୀଠ, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ଉତ୍ତରଓଡ଼ିଶା ପ୍ରସିଦ୍ଧ ଉଦଳା ସରସ୍ୱତୀ ମେଳାର ଶେଷ ଦିବସ, ସ୍ଥାନ: ଉଦଳା, ସମୟ: ରାତି ୧୦ଟା।

**ଗଞ୍ଜାମ**
- ଏକାକ୍ଷର ଜ୍ୟୋତି ମହାମେଳା, ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ଶେରଗଡ଼ ବ୍ଲକ୍ ସୁନାନ୍ତର ନାଥେଶ୍ୱର ପଡ଼ିଆ, ସକାଳ: ୬ଟା।

**ଢେଙ୍କାନାଳ**
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ପର୍କିତ କର୍ମଶାଳା, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ରେଡିଓ ଢେଙ୍କାନାଳ ପକ୍ଷରୁ ବିଶ୍ୱ ରେଡିଓ ଦିବସ, ସ୍ଥାନ: ରଣପଶି, ଗେଙ୍ଗୁଟିଆ, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା।
- ପ୍ରକୃତି ପାଇଁ ପଦଯାତ୍ରା, ସ୍ଥାନ: ବଳରାମ ମନ୍ଦିର, ଢେଙ୍କାନାଳ, ସମୟ: ସକାଳ ୭ଟା।

**ଅନୁଗୋଳ**
- ଆଠମଲ୍ଲିକ କପ୍ ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିଅମ ଖେଳପଡିଆ, ସମୟ : ମଧ୍ୟାହ୍ନ ୧୨ଟା।

**ଜଗତ୍‌ସିଂହପୁର**
- ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ପାରାଦୀପ ଗସ୍ତ, ସ୍ଥାନ: ବ୍ଲୁଫ୍ଲାଗ ବିଚ୍, ପାରାଦୀ,ସମୟ: ସକାଳ ୮ଟା ୩୦।
- ପାରାଦୀପର ସମସ୍ତ ବୃହତ ଶିଳ୍ପକୁ ନେଇ ଶାସନ ସଚିବଙ୍କ ସମୀକ୍ଷା ବୈଠକ, ସ୍ଥାନ: ତୈଳ ବିଶୋଧନାଗାର ଅତିଥି ଭବନ, ପାରାଦୀପ, ସମୟ: ଅପରାହ୍ନ ୩ଟା।
- ୩୩ତମ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀଣାପାଣି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ଆଶ୍ରମପାଟଣା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲାସ୍ତରୀୟ ରାଜସ୍ୱ ବୈଠକ(ଶିକ୍ଷା), ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଇନ୍ଦିରା ଗାନ୍ଧୀ ମହିଳା କଲେଜ ୩୮ତମ ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ରୋଡ କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ଅଭୟେଶ୍ୱର ମନ୍ଦିରରେ ଶ୍ରୀରାମ ଚରିତ ମାନସ ପାଠ, ସ୍ଥାନ: ଯାଜପୁର ରୋଡ ନହକା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**
- ମା' ରାମଚଣ୍ଡୀ ଆଞ୍ଚଳିକ ସେନାର ଦରିଆରାଣୀ ପତ୍ରିକା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମନ୍ଦିର ପରିସର, ମହାକାଳପଡ଼ା, ସମୟ: ଅପରାହ୍ନ ୨ଟା।
- ଶ୍ରୀଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଓଉପଦା, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଭୈମୀ ଏକାଦଶୀ ମେଳାର ୧୬ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ୨୨ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୫ମ ଦିବସ, ସ୍ଥାନ: ନୟାଗଡ଼ ପିଏମଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୫ମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ଲିଙ୍ଗରାଜ ହାଇସ୍କୁଲ ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ରାତ୍ର କାଳୀନ ସର୍ଟ ଗ୍ରାଉଣ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ଖେଳ ପଡିଆ, ସମୟ:ସନ୍ଧ୍ୟା ୬ରୁ ରାତ୍ର ୧୧।
- ଜାତୀୟ ପେନଶନ ବ୍ୟବସ୍ଥା ଉପରେ ଏକ ତାଲିମ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅରବିନ୍ଦ ଶିକ୍ଷା ନିକେତନ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଗୁଗାଗୁଡା ଆଶ୍ରମ ବିଦ୍ୟାଳୟ, ଚନ୍ଦକା, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ମେଗା ପାନୀୟ ଜଳ ପ୍ରକଳ୍ପ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

**ସମ୍ବଲପୁର**
- ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡ଼ା ସଂଘ ପକ୍ଷରୁ ତୃତୀୟ ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓ କୋରାପୁଟ ଜିଲାର ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ଲୋଇସିଂହା ବିଧାୟକ କପ୍ ଫୁଟବଲ ସେମି ଫାଇନାଲ ଖେଳ, ସ୍ଥାନ: ଲୋଇସିଂହା ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା ୩୦।

**ରାଉରକେଲା**
- ଆର୍ଯ୍ୟଭଟ୍ଟ ଟ୍ୟାଲେଣ୍ଟ ସର୍ଚ୍ଚ ଟେଷ୍ଟ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୮ଟା।
- ଅଣ୍ଡର–୧୯ କ୍ରିକେଟ ମ୍ୟାଚ, ସ୍ଥାନ: ଡିଏଭି ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିରଜା ସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ: ସେକ୍ଟର–୭ ସଂଘ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।
- ଏଫ୍‌ଆଇଏଚ୍ ପ୍ରୋଲିଗ୍‌ର ଆର୍ଜେଣ୍ଟିନା ଓ ବେଲଜିୟମ୍ ମ୍ୟାଚ, ସ୍ଥାନ: ବିର୍ସାମୁଣ୍ଡା ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା ୩୦।

**ବରଗଡ଼**
- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ କ୍ରୀଡ଼ା, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ସକାଳ ୮ଟା ୩୦।
- ପୁସ୍ତକ ସମୀକ୍ଷା, ସ୍ଥାନ:ସରସ୍ୱତୀ ଶିଶୁ ମନ୍ଦିର (ହିନ୍ଦୀ ବିଭାଗ), ବରଗଡ଼,ସମୟ:ସନ୍ଧ୍ୟା ୫ଟା ୩୦।

**ସୁବର୍ଣ୍ଣପୁର**
- ମା' ପଞ୍ଚେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଚବିଶ ପ୍ରହର ନାମ ସଂକୀର୍ତ୍ତନ୍ୟ, ସ୍ଥାନ:ବୀରମହାରାଜପୁର, ଭୁଦୋବର ଗ୍ରାମ, ସମୟ: ସକାଳ ୮ଟା ୩୦।
- ଆଇନଶୃଙ୍ଖଳା ପରିସ୍ଥିତି ଓ ଚାଷୀ ସମସ୍ୟା ନେଇ ବିଜେଡିର ଆନ୍ଦୋଳନ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ବିନିକା ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମା' କରମସାନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ୫ମ ଦିବସ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ସକାଳ ୮ଟା ୩୦ରୁ ଅପରାହ୍ନ ୪ଟା।
- ଜିଲାସ୍ତରୀୟ ମାରାଗୁଡା ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଝାରସୁଗୁଡ଼ା**
- ଭାଗବତ ଏକାଦଶ ସ୍କନ୍ଧ ପଠନ କାର୍ଯ୍ୟକ୍ରମ, ସ୍ଥାନ:ପୂଜାରିପାଲି ଜଗନ୍ନାଥ ମନ୍ଦିର, ସମୟ:ସକାଳ ୮ଟା।
- ଖାଡେଶ୍ୱର ମନ୍ଦିର କମିଟି ତରଫରୁ ପ୍ରେସ ମିଟ, ସ୍ଥାନ: ଯୋଗେଶ୍ୱର ମନ୍ଦିର ପରିସର, ସମୟ:ପୂର୍ବାହ୍ନ ୧୧ଟା ୩୦।

# ଓଏଭିରେ ବୋର୍ଡ ପରୀକ୍ଷା ପରିଚାଳନା ନେଇ ସମୀକ୍ଷା

**ଭୁବନେଶ୍ୱର,୧୨।୨(ସୁଚିସ୍ମିତା ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ ବା ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି ଗୁରୁବାର ଏକ ସମୀକ୍ଷା ତଥା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଏନ୍.ତିରୁମାଲା ନାୟକ ଅଧ୍ୟକ୍ଷତା କରିଥିବାବେଳେ ଆଭାସୀ ମାଧ୍ୟମରେ ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ଅଧ୍ୟକ୍ଷମାନେ ଅଂଶଗ୍ରହଣ କରିଥିଲେ। ଡ. ନାୟକ ସିବିଏସ୍‌ଇ ପରୀକ୍ଷାରେ ଓଏଭି ଛାତ୍ରୀଛାତ୍ରଙ୍କ ପୂର୍ବବର୍ଷର ବାର୍ଷିକ ଫଳାଫଳର ସମୀକ୍ଷା କରିଛନ୍ତି। ଚଳିତ ଶିକ୍ଷାବର୍ଷରେ ଛାତ୍ରୀଛାତ୍ରଙ୍କ ଫଳାଫଳକୁ ଉନ୍ନତ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବିଦ୍ୟାଳୟରେ ଶୈକ୍ଷିକ ଉତ୍କର୍ଷ ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ସମସ୍ତ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଡ.ନାୟକ କହିଛନ୍ତି, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସିବିଏସ୍‌ଇ ନିର୍ଦ୍ଦେଶାବଳୀ କଡ଼ାକଡ଼ି ପାଳନ କରିବା, ଉପଯୁକ୍ତ ଯାତାୟାତ ବ୍ୟବସ୍ଥା, ପରୀକ୍ଷା କେନ୍ଦ୍ରର ସୁରକ୍ଷା ଏବଂ ଛାତ୍ର ସହାୟତା ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ। ୨୦୨୫–୨୬ ଶିକ୍ଷାବର୍ଷରେ ୨୫୦ ଓଏଭିରୁ ପ୍ରାୟ ୧୭,୦୪୧ଜଣ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବାବେଳେ ୨୧୪ ଓଏଭିରୁ ୪,୭୪୭ ଜଣ ଛାତ୍ରୀଛାତ୍ର ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ) ପରୀକ୍ଷା ଦେବେ।

## ଜମି ପଟ୍ଟାରେ...

ପ୍ରଥମ ପୃଷ୍ଠାରୁ...

ଏକ ବାର୍ତ୍ତା ସମ୍ପୃକ୍ତ ତହସିଲଦାର ଓ ଆର୍‌ଆଇଙ୍କ ପାଖକୁ ଯିବ। ସେହିପରି ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସବୁ ଜମିର ସର୍ଭେ କରାଯିବ। ସରକାରୀ ଜମି କେତେ ରହିଛି ଏବଂ ବ୍ୟକ୍ତିଗତ ଜମି କେତେ ରହିଛି, ତା'ର ସର୍ଭେ ହେବ। ଏହାସହିତ ପୂର୍ବରୁ ସରକାରୀ ଭାବେ କେତେ ଜମି ବ୍ୟବହୃତ ହୋଇଛି ଏବଂ କେତେ ଜମି କେଉଁ ଶିଳ୍ପ ଓ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଛି, ତାହାର ଟିକିନିଖି ହିସାବ ରଖାଯିବ। ଏସବୁର ଡାଟାବେସ୍ ପ୍ରସ୍ତୁତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟରେ ସବୁ ଜମିର କ୍ୟୁଆର୍ କୋଡ୍ କରାଯିବା ପରେ ଘରବାଡ଼ି ହୋଇଥିବା ଜମି ମଧ୍ୟରୁ କେତେ ଖଜଣା ଆଦାୟ ହୋଇଛି ଏବଂ କେତେ ଆଦାୟ ନ ହୋଇ ପଡ଼ିରହିଛି ତା'ର ବିବରଣୀ ଜାଣିହେବ। ଫଳରେ ସରକାର ଖଜଣା ଆଦାୟ କରିବାରେ ଏହା ସହାୟକ ହୋଇପାରିବ। ତେବେ ରାଜ୍ୟରେ ପ୍ରାୟ ୧ କୋଟି ୬୯ ଲକ୍ଷ ଖାତା ରହିଛି। ଏସବୁର ଜମି ସର୍ଭେ କରାଯାଇ ରେକର୍ଡ ସଂଶୋଧନ କରାଯିବ। ତେବେ ଏହାଦ୍ୱାରା ରାଜ୍ୟ ରାଜକୋଷକୁ ଅଧିକ ରାଜସ୍ୱ ମିଳିପାରିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି।

## ଭାରତ ବନ୍ଦ...

ଅବଦୁଲ ଫନେ଼ିମ ଖାନ୍‌ଙ୍କୁ ଜୟଦେବ ବିହାର ରାସ୍ତାରେ ଆନ୍ଦୋଳନକାରୀ ଅଟକାଇ ଦେଇଥିଲେ। ବର ଜଣଙ୍କ ନେହୁରା ହେବାପରେ ତାଙ୍କୁ ଆନ୍ଦୋଳନକୁ ସମର୍ଥନ କରିବା ପାଇଁ କହିବା ସହ ଶ୍ରମିକ ସଂଗଠନ ଜିନ୍ଦାବାଦ୍ କରିବାକୁ ବାଧ୍ୟ କରିଥିଲେ। ଆନ୍ଦୋଳନକାରୀଙ୍କ ସ୍ୱରରେ ବର ଜଣକ ସ୍ୱର ମିଳାଇବା ପରେ ତାଙ୍କୁ ଛଡ଼ା ଯାଇଥିଲା। ଏନେଇ ଅବଦୁଲ କହିଛନ୍ତି, ବନ୍ଦ ସମ୍ପର୍କରେ କୌଣସି କଥା ସେ ଜାଣି ନ ଥିଲେ। ବିବାହ କରିବା ପାଇଁ ପୂର୍ବରୁ ତାରିଖ ଧାର୍ଯ୍ୟ ହୋଇଥିବାରୁ ସେ ବରଯାତ୍ରୀଙ୍କୁ ସାଙ୍ଗରେ ଆଣି ଆସୁଥିବାବେଳେ ଆନ୍ଦୋଳନକାରୀଙ୍କ ହାବୁଡ଼ରେ ପଡ଼ିଯାଇଥିଲେ ବୋଲି କହିଛନ୍ତି। କେବଳ ବର ନୁହେଁ, ଜୟଦେବ ବିହାର ଛକ ନିକଟରେ ଏକ ଆମ୍ବୁଲାନ୍ସ ମଧ୍ୟ ଫସିଯାଇଥିଲା। ଏନ୍‌ଏଚ୍‌ରେ ଶତାଧିକ ଟ୍ରକ୍ ପଛକୁ ପଛ ରହିଯାଇଥିବାରୁ ଆଉ ଆମ୍ବୁଲାନ୍ସ ଆଗକୁ ବଢ଼ିପାରି ନ ଥିଲା। ରାୟଗଡ଼ା ସହର ଉପକଣ୍ଠସ୍ଥିତ ସିରିଗୁଡା ଛକରେ ଶ୍ରମିକ ସଂଗଠନ ତରଫରୁ ଆନ୍ଦୋଳନ ଚାଲିଥିବାବେଳେ ସେହିରାସ୍ତାରେ ଅଟକିଥିବା ପୋଲିସ ଗାଡ଼ିର ବ୍ରେକ ଫେଲ ହୋଇଯିବାରୁ ଆନ୍ଦୋଳନକାରୀମାନଙ୍କ ଉପରକୁ ମାଡ଼ି ଯାଇଥିଲା। ସୌଭାଗ୍ୟବଶତଃ ଏହି ଅଘଟଣରେ କାହାର କିଛି କ୍ଷତି ହୋଇ ନ ଥିବାବେଳେ ଆନ୍ଦୋଳନ କରୁଥିବା ବିଭିନ୍ନ ସଂଗଠନର ନେତାଙ୍କ ପାଇଁ ରଖା ଯାଇଥିବା ଚେୟାର ଉପରକୁ ଗାଡ଼ି ମାଡି ଯାଇଥିଲା। ଫଳରେ ବହୁ ଚେୟାର ନଷ୍ଟ ହୋଇ ଯାଇଥିଲା। ମଧ୍ୟାହ୍ନ ୧୨ଟା ପରେ ଅଧିକାଂଶ ସ୍ଥାନରେ ଗାଡ଼ି ଚଳାଚଳ ଏବଂ ଦୋକାନ ବଜାର ସ୍ୱାଭାବିକ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ବିଭିନ୍ନ ସ୍ଥାନରେ ରେଳରୋକୋ, ପିକେଟିଂ ଓ ବିକ୍ଷୋଭ କରାଯାଇଥିଲା। ଶ୍ରମିକ ସଂଗଠନଗୁଡ଼ିକର ଏହି ସର୍ବଭାରତୀୟ ଧର୍ମଘଟକୁ ଓ କଂଗ୍ରେସ ଏବଂ ବିଜେଡି (ବିଜୁ ଶ୍ରମିକ ସାମ୍ମୁଖ୍ୟ) ସମର୍ଥନ କରିଥିଲେ। ଅନ୍ୟ ସଂଗଠନଗୁଡ଼ିକ ମଧ୍ୟ ଏହି ଧର୍ମଘଟକୁ ସମର୍ଥନ ଜଣାଇଥିବାରୁ ରାଜ୍ୟରେ ସ୍କୁଲ, କଲେଜ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ଓ ପରିବହନ ସେବା ବାଧାପ୍ରାପ୍ତ ହୋଇଥିଲା। ଶ୍ରମ ଆଇନରେ ସଂଶୋଧନ, ବିଦ୍ୟୁତ୍ ସଂଶୋଧନ ବିଲ୍ ୨୦୨୫କୁ ପ୍ରତ୍ୟାହାର, ଭିବି–ଜି ରାମ୍‌ଜି ଆଇନ ବଦଳରେ ଏମ୍‌ଜିଏନ୍‌ଆରଇଜିଏସ୍ ଲାଗୁ, ଚାଷୀ ଓ କୃଷି ଶ୍ରମିକଙ୍କୁ ସୁରକ୍ଷା ସହ ବିହନ ବିଲ୍ ୨୦୨୫ ପ୍ରତ୍ୟାହାର, ସ୍ୱାମୀନାଥନ କମିଶନ ଅନୁସାରେ ଏମ୍‌ଏସ୍‌ପି ଲାଗୁ, ସମାନ କାମକୁ ସମାନ ଦରମା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଆଇନଗତ ସୁରକ୍ଷା, ଆଦିବାସୀ ଓ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର, ଦରଦାମ ଓ ବେକାରି ନିୟନ୍ତ୍ରଣ, ସାମ୍ପ୍ରଦାୟିକ ବିଦ୍ୱେଷ, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଥିଲା। ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏସଇଡବ୍ଲ୍ୟୁଏ, ଏଲ୍‌ପିଏଫ୍, ସଂଯୁକ୍ତ କିଷାନ ମୋର୍ଚ୍ଚା, ସର୍ବଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ, ସର୍ବଭାରତୀୟ ବ୍ୟାଙ୍କ ଅଫିସର୍ସ ସଂଘ, ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ ଏହି ଧର୍ମଘଟରେ ସାମିଲ ହୋଇଥିଲେ।

## ସାମିଲ ହେଲେ...

ପରିବହନ, ସ୍ୱାସ୍ଥ୍ୟସେବା, କୋଇଲା ଓ ଅଣକୋଇଲା ଖଣି, ଗ୍ୟାସ୍ ପାଇପ୍‌ଲାଇନ ଏବଂ ବିଦ୍ୟୁତ୍ ସେକ୍ଟର ପ୍ରଭାବିତ ହୋଇଛି। ଓଡ଼ିଶାରେ ବିକ୍ଷୋଭକାରୀମାନେ ରାସ୍ତା ଓ ପରିବହନ ସେବାକୁ ଅବରୋଧ କରିଥିଲେ। ଫଳରେ ରାଜ୍ୟରେ ପରିବହନ ସେବା ବାଧାପ୍ରାପ୍ତ ହୋଇଛି। ଝାଡ଼ଖଣ୍ଡରେ ବ୍ୟାଙ୍କିଂ, ବୀମା ଓ କୋଇଲା ସେକ୍ଟର ପ୍ରଭାବିତ ହୋଇଥିବାବେଳେ କେରଳରେ ବନ୍ଦ ଯୋଗୁ ସ୍ୱାଭାବିକ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ଗୋଆରେ ବନ୍ଦର ମିଶ୍ରିତ ପ୍ରଭାବ ଅନୁଭୂତ ହୋଇଥିବାବେଳେ ପଶ୍ଚିମବଙ୍ଗରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ପଞ୍ଜାବ, ହରିୟାଣା ଓ ଚଣ୍ଡିଗଡ଼ରେ କର୍ମଚାରୀମାନେ ବିକ୍ଷୋଭ ଧର୍ମଘଟରେ ସାମିଲ ହୋଇଥିଲେ। ଟ୍ରେଡ୍ ୟୁନିୟନଗୁଡ଼ିକର ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ ଜଣାଇଥିଲା। କେନ୍ଦ୍ର ସରକାର କୃଷକ ଓ ଶ୍ରମିକମାନଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବାବେଳେ ସେମାନଙ୍କ ସ୍ୱରକୁ ଅଣଦେଖା କରୁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି।

## ଆଉ ୧୧୪ ରାଫାଲ...

ଏୟାରକ୍ରାଫ୍ଟ ଯୋଗାଇଦିଆଯିବ ଏବଂ ଅବଶିଷ୍ଟ ଜେଟ୍‌ଗୁଡ଼ିକର ନିର୍ମାଣ ଭାରତରେ କରାଯିବ। ସେଗୁଡ଼ିକରେ ପର୍ଯ୍ୟାୟକ୍ରମେ ୫୦% ପର୍ଯ୍ୟନ୍ତ ସ୍ୱଦେଶୀ ଜ୍ଞାନକୌଶଳର ଉପଯୋଗ କରାଯିବ ବୋଲି ସୂତ୍ରରୁ ଜଣାପଡ଼ିଛି। ରାଫାଲ ଯୁଦ୍ଧବିମାନ କିଣିବାରେ କେତେ ଟଙ୍କା ଖର୍ଚ୍ଚ ହେବ ସେନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ କିଛି କୁହାଯାଇ ନ ଥିଲେ ହେଁ ଏଥିପାଇଁ ୨.୯ ଲକ୍ଷ କୋଟିରୁ ୩.୧୫ ଲକ୍ଷ କୋଟି ଟଙ୍କା ଭାରତ ପଇଠ କରିବ ବୋଲି ମନେକରାଯାଉଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଫେବୃଆରୀ ୧୭ରେ ୩ ଦିନିଆ ଭାରତ ଗସ୍ତରେ ଆସୁଥିବାବେଳେ ଏହା ପୂର୍ବରୁ ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯିବା ଦ୍ୱିପାକ୍ଷିକ ବାଣିଜ୍ୟିକ ଓ ବୈଷୟିକ ସମ୍ପର୍କ ଦୃଷ୍ଟିରୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ଏହି ଅଧିଗ୍ରହଣ କାର୍ଯ୍ୟକ୍ରମକୁ ଚୂଡ଼ାନ୍ତ ଅନୁମୋଦନ କରିବେ।

ପ୍ରକାଶ ଯେ, ୨୦୧୯ ଏପ୍ରିଲରେ ଭାରତୀୟ ବାୟୁସେନା ପକ୍ଷରୁ ୧୧୪ଟି ମଲ୍ଟି–ରୋଲ୍ ଫାଇଟର ଏୟାରକ୍ରାଫ୍ଟ (ଏମ୍‌ଆର୍‌ଏଫ୍‌ଏ) କିଣିବା ନେଇ ଏକ ରିକ୍ୱେଷ୍ଟ ଫର୍ ଇନ୍‌ଫର୍ମେଶନ୍ (ଆର୍‌ଏଫ୍‌ଆଇ) ଜାରି କରାଯାଇଥିଲା। ସେତେବେଳେ ଏହାର ମୂଲ୍ୟ ୧୮ ବିଲିୟନ୍ ଆମେରିକୀୟ ଡଲାର ଧାର୍ଯ୍ୟ କରାଯାଇଥିଲା।

## ରାଜ୍ୟ କ୍ୟାବିନେଟ୍‌ରେ...

ଉଲ୍ଲେଖଯୋଗ୍ୟ ଯେ, ଆବେଦନକାରୀ ଦିଲ୍ଲୀପ କୁମାର ବରାଳ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରି ୨ଟି ଆବେଦନ କରିଥିଲେ। ପ୍ରଥମରେ ଜଷ୍ଟିସ ରଘୁବୀର ଦାଶ କମିଶନ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଦାଖଲ କରିଥିବା ରିପୋର୍ଟ ରାଜ୍ୟ କ୍ୟାବିନେଟରେ ଉପସ୍ଥାପନ କରିବାକୁ ସରକାର ସତ୍ୟପାଠରେ ହାଇକୋର୍ଟଙ୍କୁ ଜଣାଇଥିଲେ। ମାତ୍ର ଅଦ୍ୟାବଧି ତାହା ଦାଖଲ କରାଯାଇନାହିଁ। ଦ୍ୱିତୀୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ରହିଥିବା ଶ୍ରୀଜୀଉମାନଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀଗୁଡ଼ିକ ଗଣତିମଣତି କରାଯାଇ ହାଇକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଉ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଓ ଏଜିଏ ଶାଶ୍ୱତ ଦାସ ମାମଲା ପରିଚାଳନା କରୁଛନ୍ତି।

## କର୍ମକ୍ଷେତ୍ରରେ ଜାତି...

ଉଠାଇ କହିଛନ୍ତି, ଏକବିଂଶ ଶତାବ୍ଦୀରେ ଏଭଳି ଘଟଣା ସମାଜ ପାଇଁ ଏକ କଳଙ୍କ। କର୍ମକ୍ଷେତ୍ରରେ ଜାତିଆଣ ଭେଦଭାବ ସମ୍ବିଧାନର ଧାରା ୧୪, ୧୫ ଏବଂ ୧୭ର ସମ୍ପୂର୍ଣ୍ଣ ଉଲ୍ଲଂଘନ। ଶିଶୁମାନଙ୍କ ମନରେ ପିଲାବେଳୁ ଏଭଳି ବିଷାକ୍ତ ଚିନ୍ତାଧାରା ଭରିବା ଦ୍ୱାରା ଦେଶର ଭବିଷ୍ୟତ ଉପରେ ଏହାର ଖରାପ ପ୍ରଭାବ ପଡ଼ିବ। ସେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ କର୍ମକ୍ଷେତ୍ରରେ ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଦାବି କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଗେ ତେନ୍ତୁଳି, ପଛେ ତାଳ,
ଘର ଗୁସିଆଁର ପୂରିଲା କାଳ।**

ଦାଣ୍ଡରେ ତେନ୍ତୁଳି ଓ ବାଡ଼ି ପଟେ ତାଳଗଛ ଲଗାଇବା ଉଚିତ ହୋଇ ନ ଥାଏ। ଏପରି ସ୍ଥାନରେ ଏଭଳି ଗଛ ଲଗାଇଲେ ପରୋକ୍ଷରେ ଏହା ଘରର ମୁରବି ବା ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପ୍ରତି କ୍ଷତି ପହଞ୍ଚାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆଗ ଚଲାଏ, ପଛ ବୋଲାଏ,
ମଝି ବନ୍ଧୁ ଦର୍ଶନ କରାଏ।**

ଗୋଡ଼ର ଆଗ ଅଂଶ କୁଣ୍ଡାଇହେଲେ ଭ୍ରମଣ ଯୋଗ ରହିଥାଏ। ସେହିପରି ଗୋଡ଼ର ପଛ ଅଂଶ କୁଣ୍ଡାଇହେଲେ କଳି ଏବଂ ମଝି ଅଂଶ କୁଣ୍ଡାଇହେଲେ ବନ୍ଧୁ ଦର୍ଶନ କରାଏ ବୋଲି ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ନବମସ୍ଥ ଚନ୍ଦ୍ର ଆର୍ଥିକ ଅଭିବୃଦ୍ଧି, ବନ୍ଧୁ ସମ୍ପର୍କ ଏବଂ କାର୍ଯ୍ୟସିଦ୍ଧି କରାଇବ। କୌଣସି ବନ୍ଧୁଙ୍କୁ ଟଙ୍କା ପଇସା ଦେଇ ଫେରି ପାଇବାରେ କମ୍ ସମ୍ଭାବନାକୁ ଦେଖି ଚିନ୍ତା ବଢ଼ିଯିବ। ଅନ୍ୟମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ ହାତମୁଠାରୁ ସୁଯୋଗ ଖସିଯାଇପାରିବ ନାହିଁ। ହାତରୁ ଖାଇ ପର ପାଇଁ ଖଟିପାରନ୍ତି।

**ବୃଷ**
ଖୁସି ମନରେ କାମ କରିବା ସାଙ୍ଗକୁ ଯେମିତି ଚାହୁଁଛନ୍ତି ତାହା କରିବା କ୍ଷେତ୍ରରେ କୌଣସି ଅସୁବିଧା ରହିବ ନାହିଁ। ବାଧ୍ୟବାଧକତାରେ କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହାତକୁ ନେବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରଶାସନ, ରାଜନୀତି, ଦୂରଭ୍ରମଣ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**ମିଥୁନ**
ଆଜିର ଗ୍ରହସ୍ଥିତି ଅନୁଯାୟୀ କିଛି ପାଇବାକୁ ହେଲେ ଦେବାକୁ ପଡିପାରେ। କର୍ମାରମ୍ଭରେ ସହକର୍ମୀଙ୍କ ଅସହଯୋଗ ପ୍ରତିବନ୍ଧକ ସୃଷ୍ଟି କରିପାରେ। ଆନୁଷ୍ଠାନିକ କାମ କିମ୍ବା ପରିବାରରେ ମାଙ୍ଗଳିକ କାର୍ଯ୍ୟ ସକାଶେ ବ୍ୟସ୍ତ ରହିପାରନ୍ତି। ସାଙ୍ଗଠନିକ କ୍ଷେତ୍ରରେ ପରିଚାଳନାଗତ ତ୍ରୁଟିକୁ ସୁଧାରିବାକୁ ପ୍ରସ୍ତୁତି ଆରମ୍ଭ କଲେ ଉପକୃତ ହେବେ।

**କର୍କଟ**
ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ। ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ମାଧ୍ୟମରେ ମନର କଥାକୁ ପ୍ରକାଶ କରି ଅଭିଳାଷ ପୂରଣ କରିବେ। ଅଭାବ ନ ଥିଲେ ମଧ୍ୟ ଖର୍ଚ୍ଚରୁ ଦୂରେଇ ରହିବା ଦ୍ୱାରା ସମାଲୋଚିତ ହେବାକୁ ପଡିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି।

**ସିଂହ**
ଆପଣଙ୍କ ଲୋଭନୀୟ ପ୍ରତିଶ୍ରୁତି ଲୋକସମ୍ପର୍କ ବୃଦ୍ଧିରେ ସାହାଯ୍ୟ କରିବ। ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ଆର୍ଥିକ ଅନଟନ ରହିଥିଲେ ଆବଶ୍ୟକ ସମୟରେ ବନ୍ଧୁଙ୍କ ସାହାଯ୍ୟରୁ କାମ ଅଟକିବ ନାହିଁ। ଆନୁଷ୍ଠାନିକ କାମରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
ଆଜି ଚନ୍ଦ୍ର କେନ୍ଦ୍ରସ୍ଥ ବୃହସ୍ପତି ଗଜକେଶରୀ ଯୋଗ ସୃଷ୍ଟିକରି ଉଚ୍ଚ ସମ୍ମାନ, ପ୍ରଚୁର ଅର୍ଥ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ପ୍ରଦାନ କରିବ। ନୂତନ କାମ ଆରମ୍ଭ କରି ଗୁରୁଜନ ଓ ବୟସ୍କବ୍ୟକ୍ତିଙ୍କ ଶ୍ରଦ୍ଧାଭାଜନ ହେବେ। ପରିସ୍ଥିତି ବଶତଃ ପଡ଼ୋଶଙ୍କ ସାହାଯ୍ୟ ନେବାକୁ ବାଧ୍ୟ ହେବେ। ଶତ୍ରୁତା କରୁଥିବା ଲୋକ ଫାଇଦା ହାସଲର ଅପଚେଷ୍ଟା କରିବେ।

**ତୁଳା**
କଠିନ ଶ୍ରମ ଏବଂ ବିଶେଷ ଭ୍ରମଣରୁ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। କଚେରି ମାମଲାରେ ସମସ୍ୟା ବୃଦ୍ଧି ପାଇବାକୁ ନେଇ ଚିନ୍ତିତ ରହି ପାରନ୍ତି। ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା ଶତ୍ରୁତା ହଠାତ୍ ପ୍ରଶମିତ ହେବନି କିନ୍ତୁ କିଛି ସମୟ ପାଇଁ ମଳିନ ରହିବ।

**ବିଛା**
ବର୍ତ୍ତମାନର ସ୍ଥିତିରେ ପରିବର୍ତ୍ତିତ ସମୟକୁ ନେଇ ଚିନ୍ତାଧାରା ବଦଳିଯିବ। ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କୁ ମଧ୍ୟ ମାଙ୍ଗଳିକ କାମରେ ବିସ୍ମରି ଯାଇପାରନ୍ତି। ହାତକୁ ନେଇଥିବା କାମଗୁଡିକ ଅସମ୍ପୂର୍ଣ୍ଣ ରହିବାରୁ ମନ ଭଲ ରହି ନ ପାରେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ପଡ଼ୋଶୀଙ୍କ ସହ ଆଲୋଚନା କଲେ ଉପକୃତ ହେବେ।

**ଧନୁ**
ନିଜର ଗୁରୁତ୍ୱପୂର୍ଣ୍ଣ କାମକୁ ପଛରେ ପକାଇ ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଦୂରଯାତ୍ରା କରିପାରନ୍ତି। ସନ୍ତାନଙ୍କ ଦୁର୍ବଳସ୍ୱାସ୍ଥ୍ୟ ଓ ଅମନଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ବନ୍ଧୁଙ୍କସହ ଆଲୋଚନା କରିବେ। ଆତ୍ମୀୟଙ୍କ ସହଯୋଗରେ ମୂଲ୍ୟବାନ ଦ୍ରବ୍ୟ ଲାଭ ହେବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବାରୁ ସାମୟିକ ଖୁସି ଅନୁଭବ କରିବେ।

**ମକର**
ପ୍ରତ୍ୟୁଷ ଯାତ୍ରା, ସଭାସମିତି, କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ଯେଉଁ କାମ ଆରମ୍ଭ କରିବେ ବିନା ବାଧାବିଘ୍ନରେ ସମାପନ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସଫଳତା ପାଇବେ। ଜନହିତକର କାର୍ଯ୍ୟରେ ନିୟୋଜିତ ହେବେ। ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବା ପାଇଁ ବନ୍ଧୁବର୍ଗଙ୍କ ସାହାଯ୍ୟ ନେବାକୁ ପଡିପାରେ।

**କୁମ୍ଭ**
ଆପଣଙ୍କ ଉନ୍ନତ ଚିନ୍ତାଧାରା ଏବଂ କୌଶଳପୂର୍ଣ୍ଣ କାର୍ଯ୍ୟଶୈଳୀରୁ ପାରିବାରିକ ସ୍ଥିତି ଭଲ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି ଓ ପରିବହନରେ ସମସ୍ୟ ଯୋଗୁ ବ୍ୟସ୍ତ ରହିବେ। ପରିଜନଙ୍କ ସହିତ ନୂତନ ଦର୍ଶନୀୟସ୍ଥାନ ପରିଭ୍ରମଣ ସାଙ୍ଗକୁ ଦେବାର୍ଚ୍ଚନା ସକାଶେ ମନ ବଳାଇବେ।

**ମୀନ**
ସବୁକିଛି ଠିକ୍ ଚାଲିଥିଲେ ମଧ୍ୟ ଆପଣଙ୍କ ରୁକ୍ଷ ବ୍ୟବହାର ବନ୍ଧୁସମ୍ପର୍କ ହାନିର କାରଣ ହେବ। ପରୋକ୍ଷରେ କେହି ଅସୁବିଧାରେ ପକାଇପାରନ୍ତି। ସଭାସମିତି, ଆଲୋଚନା ପରିସର, ରାଜନୈତିକ ସ୍ଥିତି ଓ ପ୍ରଶାସନିକ ସ୍ତରରେ ପ୍ରତିରୋଧ ଦୂରେଇଯିବ। ନୂତନ ସ୍ଥାନ ପରିଦର୍ଶନର ମଉକା ପାଇ ଆନନ୍ଦ ଅନୁଭବ କରିପାରନ୍ତି।

ଆଜି କୁମ୍ଭ ସଂକ୍ରାନ୍ତି, ଫେବୃଆରୀ ୧୩ ତାରିଖ, ବିଶ୍ୱ ରେଡିଓ ଦିବସ, ସର୍ବସମ୍ମତ ପଙ୍କୋଦ୍ଧାର ଏକାଦଶୀ ଶୁକ୍ରବାର। ରାଶିନକ୍ଷତ୍ର–ମୂଳା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬.୨୦ମି. ଗତେ ଘ.୦୭।୦୫ମି. ମଧ୍ୟେ, ଘ.୦୭।୫୧ମି. ଗତେ ଘ.୦୯।୧୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୫ମି. ଗତେ ଘ.୧୨।୦୦ମି. ମଧ୍ୟେ ରାହୁ କାଳ।




# ବନ୍ଦ ବେଳେ ଅଘଟଣ: ବ୍ରେକ୍ ଫେଲ୍ ହେଲା ପୋଲିସ ବସ୍

ରାୟଗଡ଼ା,୧୨।୨
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥର ଶିରିଗୁଡ଼ା ଛକରେ ଶ୍ରମିକ ସଂଗଠନ ତରଫରୁ ଗୁରୁବାର ସକାଳେ ଆନ୍ଦୋଳନ ଚାଲିଥିବାବେଳେ ଏକ ଅଘଟଣ ଘଟିଛି। ଆନ୍ଦୋଳନସ୍ଥଳରେ ଅଟକିରହିଥିବା ପୋଲିସ ବସ୍‌ର ବ୍ରେକ୍ ଫେଲ୍ ହୋଇଯିବାରୁ ବସ୍ ଆନ୍ଦୋଳନକାରୀଙ୍କ ଉପରକୁ ମାଡ଼ିଯାଇଥିଲା । ବସ୍ ଚାଳକ ବ୍ରେକ୍ ଫେଲ୍ ନେଇ ପାଟି କରିବାରୁ ଧାରଣାରେ ବସିଥିବା ଆନ୍ଦୋଳନକାରୀ ଏବଂ ଖବର ସଂଗ୍ରହ ପାଇଁ ଯାଇଥିବା ଗଣମାଧ୍ୟମ ପ୍ରତିନିଧି ସେଠାରୁ ଦୌଡ଼ି ପଳାଇଥିଲେ। ଫଳରେ ଶତାଧିକ ଆନ୍ଦୋଳନକାରୀ, ଗଣମାଧ୍ୟମ ପ୍ରତିନିଧି ଓ ବସ୍‌ରେ ଥିବା ୩୮ରୁ ଊର୍ଦ୍ଧ୍ୱ ପୋଲିସ ଏବଂ ଯବାନ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ରାୟଗଡ଼ା ସହର ଶିରିଗୁଡ଼ା ଛକଠାରେ ଆନ୍ଦୋଳନକାରୀ ଗୁରୁବାର ସକାଳ ୬ରୁ ଜାତୀୟ ରାଜପଥ ଅବରୋଧ କରି ଧାରଣାରେ ବସିଥିଲେ । ତେବେ ସକାଳ ପ୍ରାୟ ୯ଟାରେ ୩୦ରୁ ଊର୍ଦ୍ଧ୍ୱ ଯବାନଙ୍କୁ ନେଇ ଏକ ଓମ୍ନି ବସ୍ (ଓଆର୍‌୦୫ଏଏସ୍‌୬୭୨୮) ରାୟଗଡ଼ାରୁ ନବରଙ୍ଗପୁର ଅଭିମୁଖେ ଯାଉଥିଲା । ଶିରିଗୁଡ଼ା ଛକ ନିକଟରେ ଅଚାନକ ବସ୍‌ର ବ୍ରେକ୍ ଫେଲ୍ ହୋଇଯିବାରୁ ବସ୍‌ଟି ଦ୍ରୁତଗତିରେ ଆନ୍ଦୋଳନସ୍ଥଳ ଆଡ଼କୁ ମାଡ଼ି ଆସିଥିଲା । ଆନ୍ଦୋଳନକାରୀ ଓ ଗଣମାଧ୍ୟମ ପ୍ରତିନିଧି ବସ୍ ଦ୍ରୁତଗତିରେ ମାଡ଼ି ଆସୁଥିବା ଦେଖି ସେଠାରୁ ହଟିଯାଇଥିଲେ । ବସ୍‌ଟି ୧୪ବର୍ଷ ୩ ମାସର ପୁରୁଣା ହୋଇଥିବା ପରିବହନ ପୋର୍ଟାଲରୁ ଜଣାପଡ଼ିଛି । ତେବେ ବସ୍‌ର ଫିଟ୍‌ନେସ୍ ଭାଲିଡିଟି ରହିଥିବା ବେଳେ ଏହାର ଇନ୍‌ସ୍ୟୁରାନ୍ସ ଏବଂ ପଲ୍ୟୁଶନ ନ ଥିବା ଜଣାପଡ଼ିଛି । ଏ ନେଇ ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ବସ୍‌ର ସମସ୍ତ ନଥିପତ୍ର ଠିକ୍ ଅଛି ଏବଂ ଏହା ସେଣ୍ଟ୍ରାଲାଇଜ ଅନୁମୋଦିତ ହୋଇଛି ବୋଲି ସେ କହିଛନ୍ତି । ତେବେ ଜନସାଧାରଣଙ୍କୁ ନିଜର ଯାନବାହନର ଇନ୍‌ସ୍ୟୁରାନ୍ସ, ପଲ୍ୟୁଶନ ଓ ଫିଟ୍‌ନେସ୍ ଠିକ୍ ରଖିବା ନେଇ ପରିବହନ ବିଭାଗ ଓ ପୋଲିସ ବିଭାଗ ଯାଞ୍ଚ କରି ଜରିମାନା ପକାଉଥିବା ବେଳେ ପୋଲିସ ବିଭାଗର ଏହିଭଳି ସ୍ଥିତିକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ଯଦି ବସ୍ ଲୋକଙ୍କ ଉପରେ ମାଡ଼ିଯାଇଥାନ୍ତା ଏବଂ ଲୋକଙ୍କର କିଛି କ୍ଷତି ହୋଇଥାନ୍ତା ତେବେ ଇନ୍‌ସ୍ୟୁରାନ୍ସ ନ ଥିବା କାରଣରୁ କାହାକୁ ମଧ୍ୟ ବୀମା ବାବଦରେ ଟଙ୍କାଟିଏ ମିଳି ନ ଥାନ୍ତା ବୋଲି ସାଧାରଣରେ ଆଲୋଚନା ଚାଲିଛି।


ବ୍ରେକ୍‌ଫେଲ୍ ହୋଇ ଆନ୍ଦୋଳନସ୍ଥଳକୁ ମାଡ଼ି ଯାଉଥିବା ପୋଲିସ ବସ୍।

## ବଜେଟ ଆସୁଥିବାରୁ ସଚିବଙ୍କୁ ଛୁଟି ମନା

ଭୁବନେଶ୍ୱର,୧୨।୨
(ରବିନାରାୟଣ ଜେନା)

ରାଜ୍ୟକୁ ଉନ୍ନତ କରିବାକୁ ହେବ ଓ ସରକାରୀ କାର୍ଯ୍ୟରେ ଯେଉଁଭଳି ବାଧା ନ ଉପୁଜିବ, ତାହାକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସବୁ ବିଭାଗର ସଚିବଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଫେବୃଆରୀ ୧୦ରେ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶନାମାକୁ ନେଇ ସବୁ ବିଭାଗ ସଚିବଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, ଆଗକୁ ବିଧାନସଭାର ବଜେଟ ଅଧିବେଶନ ରହିଛି। ଏହି ସମୟରେ କୌଣସି ସଚିବ ଛୁଟିରେ ରହିପାରିବେ ନାହିଁ। ଯଦି କୌଣସି ଜରୁରୀ କାର୍ଯ୍ୟ ପଡ଼େ ତେବେ ମୁଖ୍ୟ ସଚିବଙ୍କଠାରୁ ପୂର୍ବ ଅନୁମୋଦନକ୍ରମେ ଛୁଟିରେ ଯାଇପାରିବେ। ସେହିପରି ବଜେଟ ସଂକ୍ରାନ୍ତୀୟ ଯଦି କୌଣସି ନୂତନ ତଥା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଥାଏ, ତାହାକୁ ତୁରନ୍ତ ଅବଗତ କରାଇଲେ ରାଜ୍ୟପାଳଙ୍କ ବଜେଟ ଅଭିଭାଷଣରେ ସ୍ଥାନ ଦିଆଯାଇପାରିବ। ତେବେ ଉକ୍ତ ତଥ୍ୟ ସରକାରଙ୍କ ପାଇଁ ସକାରାତ୍ମକ ଓ ବିକାଶମୁଖୀ ହୋଇଥିବା ଆବଶ୍ୟକ। ଏହାବାଦ୍ ବିଭାଗକୁ ଯଦି କେହି ଡେଲିଗେଟ୍‌ସ ଆସିବାର ସମ୍ଭାବନା ରହିଛି, ତେବେ ତାହା ପୂର୍ବରୁ ଜଣାଇବା ଆବଶ୍ୟକ। ବଜେଟ ଅଧିବେଶନ ପାଇଁ ତାହାକୁ ଠିକଣା ଭାବେ ସୂଚୀ ପ୍ରସ୍ତୁତ କରିବା ଲାଗି ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିବା ନନ୍ଦଙ୍କ ବିବରଣୀରୁ ଜଣାପଡ଼ିଛି।

# ୨୦୨୫ ଓଟିଇଟି ପରୀକ୍ଷାଫଳ ପ୍ରକାଶ: ପାସ୍‌ହାର ୬୮.୯୭%

କଟକ,୧୨।୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ୨୦୨୫ର ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ହାରାହାରି ପାସ୍ ହାର ୬୮.୯୭% ହୋଇଥିବା ବେଳେ ପେପର-୧ରେ ୭୧.୧୬% ଓ ପେପର-୨ରେ ୬୮.୦୬% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in-ରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ସେମାନଙ୍କ ଡିଜିଟାଇଜ୍‌ଡ ସାର୍ଟିଫିକେଟ ଆବଶ୍ୟକ ଦେୟ ଦାଖଲ କରି ବୋର୍ଡ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ। ଅକୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ସେମାନଙ୍କ ଓଏମ୍‌ଆର ଉତ୍ତର ଫର୍ଦ୍ଦ ବୋର୍ଡ ୱେବ୍‌ସାଇଟ୍‌ରୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଡାଉନଲୋଡ୍ କରିପାରିବେ। ସୂଚନାନୁସାରେ, ଓଟିଇଟି ପରୀକ୍ଷା ନିମନ୍ତେ ସର୍ବମୋଟ ୧,୬୦,୪୨୦ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ତନ୍ମଧ୍ୟରେ ୧,୦୬,୦୪୧ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୬,୬୭୩ ଜଣ ପରୀକ୍ଷା ଦେଇ ନ ଥିଲେ। ପେପର-୧ ପରୀକ୍ଷା ପାଇଁ ୪୭, ୭୩୧ ଫର୍ମ ପୂରଣ କରିଥିବା ବେଳେ ୩୨,୦୮୭ଜଣ କୃତକାର୍ଯ୍ୟ ଓ ୨,୬୪୦ଜଣ ଅନୁପସ୍ଥିତ ଥିଲେ। ସେହିପରି ପେପର-୨ ପରୀକ୍ଷା ପାଇଁ ୧,୧୨,୬୮୯ ଫର୍ମ ପୂରଣ କରିଥିବା ବେଳେ ୧,୦୮,୬୫୬ ଜଣ କୃତକାର୍ଯ୍ୟ ଓ ୪,୦୩୩ ଜଣ ଅନୁପସ୍ଥିତ ଥିଲେ।

### ମେ' ୩ୟ ସପ୍ତାହରେ ୨୦୨୬ ଓଟିଇଟି ପରୀକ୍ଷା

କଟକ,୧୨।୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୬ ବର୍ଷର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ଆସନ୍ତା ମେ' ୩ୟ ସପ୍ତାହରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା, ଯୋଗ୍ୟତା, ପରୀକ୍ଷା ତାରିଖ, ସିଲାବସ୍ ଆଦି ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ୨୦୩୦ ସୁଦ୍ଧା ଅଣ-ଜୀବାଶ୍ମ ଶକ୍ତିସମ୍ପନ୍ନ ରାଷ୍ଟ୍ର ହେବାକୁ ଲକ୍ଷ୍ୟ



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୧୨।୨(ବନ୍ଦନା ସେଠୀ)

### ରାଜ୍ୟର ପ୍ରଥମ ପବନଚାଳିତ ୧୫୦ ମିଟର ମାଷ୍ଟ ଓ ୬ ସହର ପାଇଁ ସିଟି ଏକ୍ସେଲେରେଟର କାର୍ଯ୍ୟକ୍ରମର ଶୁଭାରମ୍ଭ

ଦେଶର ନବୀକରଣୀୟ ଶକ୍ତି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପ୍ରତିବଦ୍ଧ। ୨୦୩୦ ସୁଦ୍ଧା ଭାରତ ୫୦୦ ଗିଗାୱାଟ କ୍ଷମତା ବିଶିଷ୍ଟ ଅଣ-ଜୀବାଶ୍ମ ଶକ୍ତିସମ୍ପନ୍ନ ରାଷ୍ଟ୍ର ହେବାକୁ ଲକ୍ଷ୍ୟ ରଖିଛି ଏବଂ ସମତାଳରେ ଓଡ଼ିଶା ଏଥିରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଉଛି। ଉପକୂଳ ରାଜ୍ୟ ଭାବେ ଓଡ଼ିଶାରେ ସୌର ଓ କ୍ଷୁଦ୍ର ଜଳବିଦ୍ୟୁତ୍ ସହିତ ପବନ ଶକ୍ତି ବିକାଶ ପାଇଁ ବିଶେଷ ସମ୍ଭାବନା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ୨୦୨୬ ଓଡ଼ିଶା ନବୀକରଣୀୟ ଶକ୍ତି ନିବେଶକ ସମ୍ମିଳନୀର ତୃତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଗ୍ରୀଡ୍‌କୋ ଲିମିଟେଡ୍ ଏବଂ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟର ପ୍ରଥମ ପବନଚାଳିତ ୧୫୦ ମିଟର ମାଷ୍ଟ (ୱିଣ୍ଡ୍ ରିସୋର୍ସ ଆସେସ୍‌ମେଣ୍ଟ ମାଷ୍ଟ) ଏବଂ ଓଡ଼ିଶାର ୬ଟି ସହର ପାଇଁ ସିଟି ଏକ୍ସେଲେରେଟର କାର୍ଯ୍ୟକ୍ରମର ଶୁଭାରମ୍ଭ ସହିତ ପ୍ରାୟ ୬୭,୦୦୦ କୋଟି ଟଙ୍କାର ନିବେଶ ହୋଇଛି। ଏହି ଦୁଇଦିନିଆ ନିବେଶକ ସମ୍ମିଳନୀ ଓଡ଼ିଶାର ନବୀକରଣୀୟ ଶକ୍ତିର ଅଭିବୃଦ୍ଧିକୁ ସମର୍ଥନ କରିବା ସହ ଦେଶ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଇଛି। ଏହି ଅବସରରେ ଶକ୍ତି ବିଭାଗ ପକ୍ଷରୁ ଗ୍ରୀଡ୍‌କୋ ଏବଂ ନିବେଶକଙ୍କ ମଧ୍ୟରେ ସମୁଦାୟ ୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଲେ, ନବୀକରଣୀୟ ଶକ୍ତିର କ୍ଷମତା ବୃଦ୍ଧି ନୁହେଁ, ବରଂ ସିଷ୍ଟମର ଇଣ୍ଟିଗ୍ରେଶନ କରିବା ଆମର ଉଦ୍ଦେଶ୍ୟ। ନବୀକରଣ ସହ ପମ୍ପ୍‌ଡ ଷ୍ଟୋରେଜ ଏବଂ ବ୍ୟାଟେରି ସିଷ୍ଟମକୁ ଆଗକୁ ବଢ଼ାଇ ଗ୍ରୀଡ୍ ସ୍ଥିରତା ଓ ଦୀର୍ଘକାଳୀନ ଶକ୍ତି ସୁରକ୍ଷା ସୁନିଶ୍ଚିତ କରାଯାଇଛି। ଓଡ଼ିଶାରେ ନବୀକରଣୀୟ ଶକ୍ତି ସ୍କେଲ-ଅପ୍ ଏକ ନୀତିଗତ ଢାଞ୍ଚାରେ ରହିଛି, ଯାହାକୁ ରାଜ୍ୟ ଓ ଜିଲାସ୍ତରରେ ସମର୍ପିତ ସଂସ୍ଥାଗୁଡ଼ିକ ସମର୍ଥନ କରିଛନ୍ତି। ସେହିପରି ଏସ୍‌ଇସିଆଇର ପରିଚାଳନା ନିର୍ଦ୍ଦେଶକ ଆକାଶ ତ୍ରିପାଠୀ କହିଲେ, ଏହି ବର୍ଷ ନବୀକରଣୀୟ ଶକ୍ତି ନିବେଶକ ସମ୍ମିଳନୀରେ ସ୍ୱାକ୍ଷରିତ ନିବେଶକ ପ୍ରତିଶ୍ରୁତି ଏବଂ ବୁଝାମଣାପତ୍ର ମାଧ୍ୟମରେ ୬.୮ ଗିଗାୱାଟ କ୍ଷମତା ବିଶିଷ୍ଟ ୬୭,୦୦୦କୋଟି ଟଙ୍କାର ନିବେଶ ସଂଗ୍ରହ କରାଯାଇଛି। ଭାସମାନ ସୌର ଓ ପବନ କ୍ଷେତ୍ରରେ ଓଡ଼ିଶାରେ ଯଥେଷ୍ଟ ସମ୍ଭାବନା ଅଛି। ପମ୍ପ୍‌ଡ ଷ୍ଟୋରେଜ ପ୍ରକଳ୍ପ ମାଧ୍ୟମରେ ଏକ ପ୍ରମୁଖ ସଂରକ୍ଷଣ କେନ୍ଦ୍ର ହୋଇପାରିବ ବୋଲି ମତ ରଖିଥିଲେ। ପୂର୍ବ ଭାରତରେ ଅବ୍ୟବହୃତ ନବୀକରଣୀୟ ଶକ୍ତିର ଅପାର ସମ୍ଭାବନା ରହିଛି ବୋଲି ଆଇ-ଫରେଷ୍ଟର ସିଇଓ ତଥା ସଭାପତି ଡ. ଚନ୍ଦ୍ର ଭୂଷଣ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରୀଡ୍‌କୋ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ, ଓପିଟିସିଏଲ୍ ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## 'ଆଇନ ବିଭାଗ ବିଜ୍ଞପ୍ତି ପରେ ଗଣତିମଣତି ତାରିଖ ସ୍ଥିର ହେବ'

କଟକ,୧୨।୨(କାର୍ତ୍ତିକ ସାହୁ)

ରତ୍ନଭଣ୍ଡାରରେ ଅଳଙ୍କାର ଗଣତିମଣତି ପାଇଁ ରତ୍ନଭଣ୍ଡାର ହାଇପାୱାର କମିଟି ପ୍ରସ୍ତୁତ। ଆଇନ ବିଭାଗର ବିଜ୍ଞପ୍ତି ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ପ୍ରକ୍ରିୟା ନେଇ ତାରିଖ ସ୍ଥିର ହେବ। ହାଇକୋର୍ଟ ନିର୍ଦ୍ଧାରଣ କରିଥିବା ସମୟ ସୀମା ମଧ୍ୟରେ ଗଣତିମଣତି କାର୍ଯ୍ୟ ଶେଷ କରିବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି ରତ୍ନଭଣ୍ଡାର ହାଇପାୱାର କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ। ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସ୍ୱାଗତ କରିଛନ୍ତି କମିଟି ଅଧ୍ୟକ୍ଷ। ଜଷ୍ଟିସ ରଥ କହିଛନ୍ତି, କମିଟି ଏହି ଦାୟିତ୍ୱ ତୁଲାଇବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି। ରାଜ୍ୟ ଆଇନ ବିଭାଗ ପକ୍ଷରୁ ଯେତେ ଶୀଘ୍ର ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇବ, ସେତେ ଶୀଘ୍ର କମିଟି ବୈଠକ କରି ଗଣତି ପାଇଁ ତାରିଖ ଧାର୍ଯ୍ୟ କରିବ। ହାଇକୋର୍ଟ ୩ ମାସର ସମୟସୀମା ବାନ୍ଧି ଦେଇଥିବାରୁ, ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ କମିଟି ପକ୍ଷରୁ ପୂର୍ଣ୍ଣ ପ୍ରାଣରେ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି। ତେବେ ଗଣତିମଣତି ଏକ ଜଟିଳ ଓ ସମ୍ବେଦନଶୀଳ ପ୍ରକ୍ରିୟା। ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସମୟ କମିପାରେ କିମ୍ବା କିଛି ସମୟ ପାଇଁ ଦର୍ଶନ ବ୍ୟାହତ ହୋଇପାରେ। ତେଣୁ ଜଗନ୍ନାଥ ପ୍ରେମୀ ଓ ଭକ୍ତମାନେ ଏହି କାର୍ଯ୍ୟରେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।

# ଧାନ ଉଠାଣକୁ ନେଇ ମନ୍ତ୍ରୀ ବଳସାମନ୍ତ-ଅରୁଣ କଥା କଟାକଟି

ଭୁବନେଶ୍ୱର, ୧୨।୨(ସୁନିତ୍ ମିଶ୍ର)

- **ବିଧାନସଭାରେ ବିରୋଧୀ ପ୍ରଶ୍ନ କଲେ ଉତ୍ତର ପ୍ରସ୍ତୁତ ଅଛି: ମନ୍ତ୍ରୀ**
- **କାଗଜ କଲମରେ ନା ସତରେ ଧାନ ଉଠାଉଛନ୍ତି ସ୍ପଷ୍ଟ କରନ୍ତୁ: ଅରୁଣ**

ରାଜ୍ୟରେ ଧାନ ଉଠାଣରେ ବିଳମ୍ବ ହେବା, ମଣ୍ଡି ନ ଖୋଲିବା ଆଦି ବିଷୟକୁ ନେଇ ବିରୋଧୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଚାଲିଛି। ଏପରିକି ବିରୋଧୀ ଅଭିଯୋଗ କରୁଛନ୍ତି, ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ସର୍ବାଧିକ ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ଉପରେ ୩୧୦୦ ଟଙ୍କା ଦେବାକୁ ସରକାର କହୁଛନ୍ତି। ରାଜ୍ୟ ସରକାର ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ବୋଲି ବିରୋଧୀ ଅଭିଯୋଗ କରୁଥିବା ବେଳେ ରାଜ୍ୟ ସରକାରଙ୍କ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟପଟେ ମନ୍ତ୍ରୀଙ୍କ ପ୍ରତିକ୍ରିୟା ଉପରେ ବିଜେଡି ବିଧାୟକ ଅରୁଣ କୁମାର ସାହୁ ପାଲଟା ସମାଲୋଚନା କରିଛନ୍ତି।

ମନ୍ତ୍ରୀ ବଳସାମନ୍ତ କହିଛନ୍ତି, ବାସ୍ତବରେ ମିଲରମାନଙ୍କ ଷ୍ଟୋରେଜ କାପାସିଟି ଯେତିକି ଥିଲା ସେଥିରେ ଧାନ ଆଉ ଚାଉଳ ରହିଯାଇଛି, ଯାହା ଏଯାଏଁ ଉଠିପାରୁ ନାହିଁ। ଯେତିକି ସେମାନଙ୍କ ଷ୍ଟୋରେଜ ଖାଲି ହେଉଛି ସେତିକି ଧାନ ଉଠାଯାଉଛି। ସେଥିଲାଗି ଟିକେ ବିଳମ୍ବ ହେଉଛି ଅନ୍ୟ କିଛି କାରଣ ନାହିଁ। ବିଳମ୍ବ ହେଉଛି, ସମୟ ଗଲେ ମଧ୍ୟ ଧାନ ଉଠିବ। ଡବଲ ଇଞ୍ଜିନ ସରକାରରେ କିଛି ଅସୁବିଧା ହେବନାହିଁ। ଏ ବାବଦରେ ଆଲୋଚନା ହେଉଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ହେବା ପରେ ରାଜ୍ୟରେ ଧାନଚାଷ ବଢ଼ିଯାଇଛି। ବିଜେଡି ସରକାର ୧୦୦ ଟଙ୍କା ବୋନସ ଦେବେ କହି ଦେଇ ନ ଥିଲେ। ଏବେ ଯଦି ଭାଜପା ସରକାର ୮୦୦ ଟଙ୍କା ଅଧିକ ଦେଲେ, ତା'ପରେ ଯେଉଁମାନେ ଚାଷ କରୁ ନ ଥିଲେ ଜମି ଖାଲି ପଡୁଥିଲା ସମସ୍ତେ ଚାଷ ପ୍ରବଳ ମାତ୍ରାରେ କଲେ। ତା'ପରେ ଧାନ ଚାଷ ଲାଗି ରାଜ୍ୟରେ ଷ୍ଟୋରେଜି ବଢାଇବା ଲାଗି ମଡେଲ ମଣ୍ଡି ୧୦୦ଟା ନିର୍ମାଣ ହେବ। ଏଥିଲାଗି ଓସିସିକୁ ୩୧୨ କୋଟି ଦିଆସରିଛି କାମ ଆରମ୍ଭ ହେଲାଣି। ଏହାପରେ ପ୍ରତ୍ୟେକ ପଞ୍ଚାୟତରେ ମଣ୍ଡି ତିଆରି ସହ ଷ୍ଟୋରେଜ କ୍ୟାପାସିଟି ବଢାଯିବ, ଯେଉଁଠି ୫ରୁ ୧୦ ଏକର ଜାଗା ଅଛି ସେଠାରେ ମଡେଲ ଧାନମଣ୍ଡି ତିଆରି ହେବ। ବିଧାନସଭାରେ ବିରୋଧୀ ପ୍ରଶ୍ନ କଲେ ଉତ୍ତର ପ୍ରସ୍ତୁତ ହୋଇସାରିଛି, ଦିଆଯିବ ବୋଲି ସେ କହିଛନ୍ତି।

ବିଧାୟକ ଅରୁଣ ସାହୁ କହିଛନ୍ତି, ସରକାରକୁ ଆସିଗଲେ କ'ଣ ହେବ ଯଦି ଚାଷ ଏବଂ ଚାଷୀଙ୍କ ବାବଦରେ ଅଭିଜ୍ଞତା ନ ଥିବା ଏପରି ଅବାନ୍ତର କଥା ସବୁ କହିବେ। ସରକାର ଧାନ ଧୀରେ ଧୀରେ ଉଠାଉଛନ୍ତି ଏବଂ ୬୦ ପ୍ରତିଶତ ଉଠିସାରିଲାଣି ବୋଲି ଯେଉଁ ଦାବି କରୁଛନ୍ତି ସେମାନେ ଆଗ କୁହନ୍ତୁ ଗୋଦାମ ଘର ତ ଖାଲି ନ ଥିଲା ତୁମେ କେଉଁଠାରେ ରଖିଲ। କାଗଜ କଲମରେ ନା ସତରେ ଧାନ ଉଠାଉଛନ୍ତି ସ୍ପଷ୍ଟ କରନ୍ତୁ। କଟ୍‌ନି ଛଟ୍‌ନି ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତାହା ତ ଚାଲିଛି ତାକୁ କାହିଁକି ବନ୍ଦ କରିପାରିଲେନାହିଁ। ଚାଷୀଙ୍କୁ ଧାନ ଦେବାର ଟାର୍ଗେଟ ଗତଥର ତୁଳନାରେ କମ୍ ଟାର୍ଗେଟ ଦେଇଛନ୍ତି। ଫେବୃଆରୀରେ ଟୋକନ୍ ଦେଇ ମାର୍ଚ୍ଚରେ ଧାନ ଉଠାଇବା ପାଇଁ ଟାର୍ଗେଟ ଦେଇଛନ୍ତି। ଏମାନେ ଭିତରକୁ ଯାଉଛନ୍ତି ନା ଉପରୁ ଉପରୁ କଥା କହୁଛନ୍ତି ନା ଚାଷୀଙ୍କ ପ୍ରତି ସମ୍ବେଦନଶୀଳତା ରହିଛି ଏମାନଙ୍କର କିଛି ନାହିଁ। ଯଦି ଧାନ କୁଇଣ୍ଟାଲକୁ ୩୧୦୦ ଟଙ୍କା ଦେବେ ଏବଂ ୧୦ରୁ ୧୪ କେଜି କଟ୍‌ନି ଛଟ୍‌ନିରେ କଟିଲା ସେହି ବାଟରେ ତ ଟଙ୍କା ନେଇଗଲେ ଲାଭ କେଉଁଠି ଚାଷୀ ପାଇଲେ। ମିଲର ଏବଂ ସରକାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଛି ବୋଲି ଅରୁଣ କହିଛନ୍ତି।

# ସୁରକ୍ଷା ପ୍ରସଙ୍ଗରେ ଗାନ୍ଧୀମୂର୍ତ୍ତି ତଳେ ବିଜେଡି ଏମ୍‌ପିଙ୍କ ପ୍ରତିବାଦ

ଭୁବନେଶ୍ୱର, ୧୨।୨(ସୁନିତ୍ ମିଶ୍ର)

ଶ୍ରୀମନ୍ଦିର ସୁରକ୍ଷା ଓ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ନେଇ ଗୁରୁବାର ବିଜେଡିର ୬ ଜଣ ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର, ନିରଞ୍ଜନ ବିଶି, ଦେବାଶିଷ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆ, ମାନସ ମଙ୍ଗରାଜ ଏବଂ ସୁଲତା ଦେଓ ପାର୍ଲାମେଣ୍ଟ ବାହାରେ ଥିବା ଗାନ୍ଧୀମୂର୍ତ୍ତି ତଳେ ପ୍ରତିବାଦ କରିଛନ୍ତି। ଏହି ପ୍ରତିବାଦ ସମୟରେ ବିଜେଡିର ଅନ୍ୟ ଜଣେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ୍(ମୁନା) ଅନୁପସ୍ଥିତ ଥିଲେ। ପ୍ରତିବାଦ କରୁଥିବା ସବୁ ଏମ୍‌ପିଙ୍କ ହାତରେ ପ୍ଲାକାର୍ଡ ରହିଥିଲା। ସେଥିରେ ୪ ପ୍ରକାର ଲେଖା ରହିଥିଲା-ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଏମ୍‌ପି ସୁଭାଶିଷ ଖୁଣ୍ଟିଆଙ୍କୁ ସୁରକ୍ଷା ଆମର ଦାବି, ଶ୍ରୀମନ୍ଦିର ସୁରକ୍ଷା ଆମର ଦାବି, ଅପାରଗ ଓଡ଼ିଶା ସରକାର ତୁମେ ଇସ୍ତଫା ଦିଅ। ଏହି ବିଷୟକୁ ରାଜ୍ୟ ସଭା ଭିତରେ ମଧ୍ୟ ବିଜେଡି ଏମ୍‌ପିମାନେ ଉଠାଇଛନ୍ତି।

# ୧୦ ଜିଲାରେ ଯୁବ, ଛାତ୍ର ସଭାପତି ଚୟନକଲା ବିଜେଡି

ଭୁବନେଶ୍ୱର, ୧୨।୨
(ସୁନିତ୍ ମିଶ୍ର)

ବିଜୁ ଯୁବ ଜନତା (ବିଜେଡି) ପକ୍ଷରୁ ୧୦ ସାଙ୍ଗଠନିକ ଜିଲାର ସଭାପତି ପଦ ପାଇଁ ନାମ ଘୋଷଣା କରାଯାଇଛି। ସମାନଭାବେ ବିଜୁ ଛାତ୍ର ଜନତା ଦଳର ୧୦ଟି ସାଙ୍ଗଠନିକ ଜିଲାର ସଭାପତି ପଦ ଲାଗି ମଧ୍ୟ ନାମ ଘୋଷଣା କରାଯାଇଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଏହି ତାଲିକା ଗୁରୁବାର ପ୍ରକାଶ କରାଯାଇଛି। କଳାହାଣ୍ଡି ଜିଲାରେ ଅବିନାଶ ଠାକୁର, ବରଗଡ଼ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଭଦ୍ରକ ରାକେଶ ପଣ୍ଡା, ମାଲକାନଗିରି ଶ୍ରୀନିବାସ ମୁଦୁଲି, କୋରାପୁଟ ଲଲାଟ ରଞ୍ଜନ ସେଠୀ, ବୌଦ୍ଧ ଭାଗିରଥୀ ମଲିକ, ଢେଙ୍କାନାଳ ଧର୍ମେନ୍ଦ୍ର ପରିଡ଼ା, ବଲାଙ୍ଗୀର ଜତୀନ ପଟେଲ, ଗଞ୍ଜାମ ନଚିକେତା ସ୍ୱାଇଁ ଏବଂ ନବରଙ୍ଗପୁରରେ ଗୁପ୍ତା ପ୍ରସାଦ ଝାଙ୍କରଙ୍କୁ ଦଳ ଯୁବ ସଭାପତି ଭାବେ ଚୟନ କରିଛି। ସେହିପରି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କଳାହାଣ୍ଡିରେ ଅଜିତ ସାହୁ, ବରଗଡ଼ କରଣ ସିକନ୍ଦର, ବୌଦ୍ଧ ଉଦିତ ଭୋଇ, ଭଦ୍ରକ ଭାସ୍କର ମହାଲିକ, ମାଲକାନାଗିରି ସୁବ୍ରତ କୁମାର ଦାସ, କୋରାପୁଟ ଫିରୋଜ ପାଡାଲ, ଢେଙ୍କାନାଳ ଆର୍ଯ୍ୟନ ଦାସ, ବଲାଙ୍ଗୀର ସୁମନ ନନ୍ଦ, ଗଞ୍ଜାମ ଶୋଭନ କୁମାର ନାଏକ ଏବଂ ନବରଙ୍ଗପୁରରେ ବାବୁଲା ନାଏକଙ୍କୁ ଦଳ ଛାତ୍ର ସଭାପତି ଭାବେ ନିଯୁକ୍ତି ଦେଇଛି।

## ବିଜେଡିରୁ ବିଦାହେଲେ ସ୍ୱାଧୀନ, ପ୍ରଦୀପ

ଭୁବନେଶ୍ୱର, ୧୨।୨(ସୁନିତ୍ ମିଶ୍ର)

ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ବିଜେଡି ଗୁରୁବାର ଆଉ ୨ ଜଣଙ୍କୁ ନିଲମ୍ବିତ କରିଛି। କଟକ ଏବଂ କଟକ ସଦରର ୨ ଜଣ ଦଳରୁ ନିଲମ୍ବିତ ହୋଇଥିବା ଦଳ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚିତ କରାଯାଇଛି। କଟକ ଜିଲା ବାବୁଜଙ୍ଗ ଗ୍ରାମପଞ୍ଚାୟତର ସରପଞ୍ଚ ସ୍ୱାଧୀନ ଭୂୟାଁ ଏବଂ କଟକ ସଦରର ଜୋନ୍-୫ ଜିଲା ପରିଷଦ ସଦସ୍ୟ ପ୍ରଦୀପ ମହାଲିଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଏନେଇ ଦଳର ସାଧାରଣ ସମ୍ପାଦକ ବିଜୟ ନାଏକଙ୍କ ଦସ୍ତଖତରେ ବିଜ୍ଞପ୍ତି ଜାରି କରାଯାଇଛି। ସୂଚନାଯୋଗ୍ୟ, କିଛିଦିନ ହେବ ଲକ୍ଷ୍ୟ କରାଯାଉଛି ବିଭିନ୍ନ ଜିଲାର ବହୁ ତୃଣମୂଳସ୍ତରର ବିଜେଡି ନେତା ଦଳ ଛାଡ଼ି ଭାଜପାରେ ସାମିଲ ହେବାରେ ଲାଗିଛନ୍ତି। ଯେଉଁମାନେ ବିଜେଡିରୁ ନିଲମ୍ବିତ ହେଉଛନ୍ତି ତା'ର ଦିନକ ପରେ ସେମାନେ ଭାଜପାରେ ମିଶୁଛନ୍ତି। ଏବେ ନିଲମ୍ବିତ ହୋଇଥିବା କଟକର ଏହି ୨ ନେତା କୁଆଡ଼େ ଯାଉଛନ୍ତି ସେନେଇ ସମସ୍ତଙ୍କ ନଜର ରହିବ।




# ଏକତରଫା ମୂଳଚାଲ



ବ୍ରହ୍ମ ଚେଲାନି

ଦୁଇଦଶନ୍ଧିରୁ ଅଧିକ ସମୟ ଧରି ଭାରତକୁ ଏକ ନିରପେକ୍ଷ ଭାଗୀଦାରି ଭାବେ ଆମେରିକା ବିବେଚନା କରିଆସିଛି। ଭାରତର ବିକାଶଶୀଳ ଶକ୍ତି, ଦକ୍ଷତାସମ୍ପନ୍ନ ମିଲିଟାରି ଏବଂ ଗଣତାନ୍ତ୍ରିକ ପରିଚୟ ଥିବାରୁ ଆମେରିକାର ପ୍ରଶାନ୍ତ ମହାସାଗରୀୟ ରଣନୀତି ପାଇଁ ଭାରତ ଅପରିହାର୍ଯ୍ୟ ହୋଇଛି। ଆମେରିକାର ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ଶାସନର ଲଗାତର ୫ଟି ପ୍ରଶାସନ ସେମାନଙ୍କ ଭାଗୀଦାରିକୁ ଦୃଢ଼କରିବା ସକାଶେ ଅତ୍ୟଧିକ ନିବେଶ କରିଛନ୍ତି। ସେମାନେ ଭାରତକୁ କେବଳ ଏକ ମାର୍କେଟ ଭାବେ ଦେଖିନାହାନ୍ତି, ବରଂ ଏହାକୁ ଏକ ଦୀର୍ଘମିଆଦୀ ରଣନୀତିକ ଭାଗୀଦାରି ଭାବେ ଚୟନ କରିଛନ୍ତି। ହେଲେ ସେହି ସମୟରେ ଭାରତ ସହ ଆମେରିକାର ଯେଉଁ ସଦ୍‌ଭାବନା ଗଢ଼ିଉଠିଛି, ଡୋନାଲ୍ଡ ଟ୍ରମ୍ପ ଗତବର୍ଷ ରାଷ୍ଟ୍ରପତି ହେବା ପରେ ତାହା ଦ୍ରୁତଗତିରେ ଅବକ୍ଷୟ ହେବାରେ ଲାଗିଛି। ଟ୍ରମ୍ପ୍ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବାପରେ ସାର୍ବଜନୀନ ସ୍ତରରେ ଅପମାନ କରାଯିବାର ପଦକ୍ଷେପ ଓ ଏକ କଷ୍ଟଦାୟକ ବାଣିଜ୍ୟିକ ଯୁଦ୍ଧ ସାମ୍ନାକୁ ଆସିଛି। ଆମେରିକା ଭୂରାଜନୈତିକ ଚାପର ସାଧନ ଭାବେ ଟାରିଫ୍‌କୁ ପ୍ରୟୋଗ କରୁଛି। ଫେବୃଆରୀ ୨ରେ ଘୋଷଣା କରାଯାଇଥିବା ମଧ୍ୟବର୍ତ୍ତିକାଳୀନ ବାଣିଜ୍ୟିକ ଚୁକ୍ତି ଅର୍ଥନୈତିକ ଯୁଦ୍ଧକୁ ରୋକିପାରେ, କିନ୍ତୁ କୌଣସି ରଣନୀତିକ ଭାଗୀଦାରି ପାଇଁ ଆବଶ୍ୟକ ବିଶ୍ୱସନୀୟତା ଶୀଘ୍ର ପୁନଃ ସ୍ଥାପନ ହେବାର କୌଣସି ସମ୍ଭାବନା ନାହିଁ।

ଭାରତ ଉପରେ ଆମେରିକା ଲାଗୁ କରିଥିବା ଅତ୍ୟନ୍ତ ପ୍ରଭାବୀ ଟାରିଫ୍‌କୁ ୫୦%ରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇ ନୂତନ ଭାବେ ଘୋଷଣା ହୋଇଥିବା ଚୁକ୍ତି ଭାରତକୁ ସ୍ୱଳ୍ପମିଆଦୀ ଆଶ୍ୱସ୍ତି ଦେଇପାରେ। କିନ୍ତୁ ଆମେରିକାର ଶିଳ୍ପ ଉତ୍ପାଦ ଓ ବ୍ୟାପକ କୃଷିଭିତ୍ତିକ ସାମଗ୍ରୀ ଉପରେ ଭାରତ ପାଖାପାଖି ଶୂନ ଟାରିଫ୍ ଦିଗରେ ଆଗକୁ ବଢ଼ିବା ସହ ଅନେକ ସର୍ତ୍ତ ଏଥିରେ ଜଡ଼ିତ ରହିଛି। ଦେଖିବାକୁ ଗଲେ ଦେଶରେ ସବୁଠୁ ଅଧିକ ନିଯୁକ୍ତି ସୃଷ୍ଟି କରୁଛି କୃଷିକ୍ଷେତ୍ର। ଏଭଳି ଏକ ସମ୍ବେଦନଶୀଳ କ୍ଷେତ୍ରକୁ ମୁକ୍ତ କରିଦେଇ ଆମେରିକାରୁ ପ୍ରଚୁର ଆମଦାନୀ କରିବା ପାଇଁ ଭାରତ ନେଇଥିବା ନିଷ୍ପତ୍ତିକୁ ନେଇ ଦେଶରେ ବିରୋଧ ଆରମ୍ଭ ହୋଇଗଲାଣି। ଏତିକିରେ ଶେଷ ହୋଇନାହିଁ। ଭାରତ ମଧ୍ୟ ଆଗାମୀ ୫ ବର୍ଷ ମଧ୍ୟରେ ୫୦୦ ବିଲିୟନ ଡଲାର ମୂଲ୍ୟର ଆମେରିକୀୟ ସାମଗ୍ରୀ କିଣିବାକୁ ରାଜିହୋଇଛି। ରିହାତିରେ ପାଉଥିବା ରୁଷିଆ ତେଲ ପରିବର୍ତ୍ତେ ବଜାର ଦରରେ ଆମେରିକାରୁ ଶକ୍ତି କ୍ରୟ କରିବ, ଯେଉଁଥିରେ ଅତିରିକ୍ତ ପରିବହନ ଖର୍ଚ୍ଚ ସାମିଲ ରହିଛି। ଏହି ସମୟରେ ଭାରତ ପ୍ରତି ଆମେରିକା କୌଣସି ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିନାହିଁ।



ଏହି ଏକତରଫା ମୂଳଚାଲରେ ଏକ ସ୍ଥାୟୀ, ପାରସ୍ପରିକ ଓ ନିୟମ ଆଧାରିତ ଭାଗୀଦାରି ଥିବା ଭଳି ଦେଖାଯାଉନାହିଁ। ବରଂ ଆମେରିକାର ବାଣିଜ୍ୟ ନୀତି କେତେ ମାତ୍ରାରେ ବିଶ୍ୱ ବାଣିଜ୍ୟ ସଂଗଠନ ନିୟମରୁ ଦୂରେଇଯାଇଛି ତାହା ଏହି ଚୁକ୍ତିରୁ ସାମ୍ନାକୁ ଆସିଛି। ଭଲ ଭାବରେ ବୁଝାପଡୁଛି ଯେ ସମ୍ଭବତଃ ଏହା ଏକ ରଣନୀତିକ ବୁଝାମଣା ନୁହେଁ, ବରଂ ଉତ୍ତେଜନା ହ୍ରାସକରିବା ସକାଶେ କରାଯାଇଥିବା ଚୁକ୍ତି।

ଯେଉଁ ପ୍ରକାରେ ଏହି ଚୁକ୍ତି ଘୋଷଣା କରାଗଲା ତାହା ଏହି ବିଷୟକୁ ଅଧିକ ଦୃଢ଼ କରେ-ବିଶେଷକରି, ସମାନ ଭାଗୀଦାରିର ସଙ୍କେତ ଦେବାକୁ ଉଭୟ ଦେଶର ରାଜଧାନୀରେ ଦ୍ୱିପାକ୍ଷିକ ବୁଝାମଣା କିମ୍ବା ମିଳିତ ଘୋଷଣାନାମା ଏକାବେଳକେ ଘୋଷଣା କରାଯାଇଥିଲା। ଭାରତ ନିକଟରେ ୟୁରୋପୀୟ ସଂଘ ସହ ମୁକ୍ତ-ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛି। ବୈଶ୍ୱିକ ଜିଡିପିର ପ୍ରାୟ ୨୫% ଏବଂ ବିଶ୍ୱ ବାଣିଜ୍ୟର ଏକ ତୃତୀୟାଂଶକୁ ନେଇ ବାଣିଜ୍ୟିକ କରିଡର ସୃଷ୍ଟି କରୁଥିବା ଏହି ଚୁକ୍ତିକୁ ଉଭୟପକ୍ଷ 'ମଦର ଅଫ୍ ଅଲ୍ ଡିଲ୍ସ' ବା ସବୁ ଚୁକ୍ତିର ଜନନୀ ଭାବେ ପ୍ରଚାର କରିଥିଲେ। ଅପରପଟେ, ଆମେରିକା- ଭାରତ ଚୁକ୍ତି ପ୍ରଥମେ ଟ୍ରମ୍ପଙ୍କ ଦ୍ୱାରା ଘୋଷଣା କରାଯାଇଥିଲା। ଟ୍ରମ୍ପ୍ ଚୁକ୍ତିକୁ ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟକରି ଦର୍ଶାଇଥିଲେ ଯେ, ବନ୍ଧୁତ୍ୱ ଓ ସମ୍ମାନ ଦୃଷ୍ଟିରୁ ଚୁକ୍ତି ପାଇଁ ମୋଦିଙ୍କ ଅନୁରୋଧକୁ ସେ ସ୍ୱୀକୃତି ଦେଇଛନ୍ତି। କିଛିଦିନ ପରେ ଭାରତୀୟ ସମୟ ସକାଳ ୫ଟାରେ ଚୁକ୍ତିର ସର୍ତ୍ତକୁ ଦର୍ଶାଇ ହ୍ୱାଇଟ ହାଉସ ଏକ ମିଳିତ ବିବୃତି ଜାରିକଲା। ତା'ପରେ ପରୋକ୍ଷ ଏବଂ ପ୍ରତ୍ୟକ୍ଷରେ ରୁଷିଆ ତେଲ ଆମଦାନୀ ବନ୍ଦ କରିବାର ପ୍ରତିଶ୍ରୁତିକୁ ଭାରତ ଉଲ୍ଲଂଘନ କରିଥିବା ଯଦି ଆମେରିକା ଜାଣିବ ତେବେ ଦଣ୍ଡସ୍ୱରୂପ ଟାରଫ୍ ପୁଣି ଲାଗୁକରିବ ବୋଲି ରାଷ୍ଟ୍ରପତିଙ୍କ ଏକ ଆଦେଶ ଟ୍ରମ୍ପ୍ ପ୍ରଶାସନ ଜାରିକଲା, ଯାହା ସ୍ଥିତିକୁ ଆହୁରି ଖରାପ କରିଦେଲା। ଭାରତୀୟ ଶକ୍ତି ଆମଦାନୀକୁ ଆମେରିକାର ଜାତୀୟ ସୁରକ୍ଷା ପ୍ରସଙ୍ଗ ଭାବେ ଦର୍ଶାଇ ପ୍ରଶାସନ ଆର୍ଥିକ ବୁଝାମଣାକୁ ଏକ ଅନୁପାଳନର ପରୀକ୍ଷାରେ ପରିଣତ କରିଦେଇଛି। ଭାରତକୁ ଏହା ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ, କେବଳ ଆମେରିକା ଦ୍ୱାରା ଅନୁମୋଦିତ କଟକଣା ମଧ୍ୟରେ ସ୍ୱାୟତ୍ତତାକୁ ସହ୍ୟ କରାଯିବ।

ଭାରତୀୟ ନେତାମାନେ ଚୁକ୍ତିକୁ ଏକ ବିଜୟ ଭାବେ ଉପସ୍ଥାପିତ କରିଛନ୍ତି। ଦର୍ଶାଇଛନ୍ତି ଯେ, ଭାରତ ଏବେ ଚାଇନା ଏବଂ ଭିଏତ୍‌ନାମ ତୁଳନାରେ କମ୍ ଟାରିଫ୍‌ର ସମ୍ମୁଖୀନ ହୋଇଛି। କିନ୍ତୁ ଏକ ସମ୍ପର୍କ ପାଇଁ ଏହା ଏକ ନିମ୍ନସ୍ତରର ମାନଦଣ୍ଡ, ଯାହାକୁ ଲଗାତର ଭାବେ ଆମେରିକା ପ୍ରଶାସନଗୁଡ଼ିକ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଆସିଛନ୍ତି। ସମ୍ଭବତଃ ସେସବୁ ଭଲ ଭାବେ ସଚେତନ ଥିଲେ ଯେ, ଟ୍ରମ୍ପ୍ ଏହାକୁ ସମର୍ଥନକରି ନ ପାରନ୍ତି। ସବିଶେଷ ବୁଝାମଣା ଏଯାବତ ଚୂଡ଼ାନ୍ତ ହୋଇନାହିଁ ଏବଂ ଟ୍ରମ୍ପ୍ ତାଙ୍କ ମାନସିକତାରେ ପରିବର୍ତ୍ତନ କରିବା, ଚୁକ୍ତିକୁ ରଦ୍ଦକରିବା ଏବଂ ନୂଆ ଦାବି ଉପସ୍ଥାପନ କରିବାର ଏକ ଲମ୍ବା ଇତିହାସ ରହିଛି। ଆଗକୁ ଯାହା ବି ଘଟୁ, ଭାରତ କେବେ ବି ଟ୍ରମ୍ପଙ୍କ ଅତୀତର ବିଶ୍ୱାସଘାତକତାକୁ ଶୀଘ୍ର ଭୁଲିପାରିବ ନାହିଁ। କେବଳ ଏତିକି ନୁହେଁ , ଭାରତର ଅଭିବୃଦ୍ଧି ଅନ୍ୟ ସବୁ ପ୍ରମୁଖ ଅର୍ଥ ବ୍ୟବସ୍ଥାଗୁଡ଼ିକୁ ଟପିଯାଇଥିଲେ ବି ସେ ଗତ ଜୁଲାଇରେ ଭାରତକୁ 'ମୃତ ଅର୍ଥ ବ୍ୟବସ୍ଥା' ବୋଲି ଦର୍ଶାଇ ଦେଇଥିବା ଅପମାନକୁ ମଧ୍ୟ ଭାରତ ଏଡ଼ାଇ ଯାଇପାରିବ ନାହିଁ। ଦେଖିବାକୁ ଗଲେ, ଟ୍ରମ୍ପଙ୍କ କୃପାଦୃଷ୍ଟି ଭାରତକୁ ଲାଭ ଦେଇପାରେ। ଟ୍ରମ୍ପ୍ ବୈଦେଶିକ ନୀତିରେ ନେଣଦେଣ ଭାବନାକୁ ପ୍ରକାଶକରି ସେ ଦର୍ଶାଇଛନ୍ତି, ତାଙ୍କ ନେତୃତ୍ୱରେ ଆମେରିକା ଏକ ବିଶ୍ୱସ୍ତ ରଣନୀତିକ ଭାଗୀଦାରି ନୁହେଁ। ଫଳରେ ଭାରତ ସରକାର ଦେଶର ଆର୍ଥିକ ସମ୍ପର୍କକୁ ଆମେରିକାଠାରୁ ଦୂରେଇନେଇ ଅନ୍ୟତ୍ର ମୁହାଁଇବା ପାଇଁ ପ୍ରତିଶ୍ରୁତିବଦ୍ଧ, ଯାହା ଇୟୁ ସହ ଏଫ୍‌ଟିଏ ଏବଂ ଇଂଲଣ୍ଡ ସହ ହୋଇଥିବା ଚୁକ୍ତିରୁ ସାମ୍ନାକୁ ଆସିଛି। ଆମେରିକା ସହ ନୂଆ ବାଣିଜ୍ୟ ଚୁକ୍ତି ହେଲେ ମଧ୍ୟ ଏହି ପଦକ୍ଷେପ ଆଗକୁ ଜାରି ରହିବା ସମ୍ଭାବନା ରହିଛି। ମାର୍କେଟଗୁଡ଼ିକ ମଧ୍ୟ ଆମେରିକା ଉପରେ ଅତ୍ୟଧିକ ବିଶ୍ୱାସ ରଖିବା ସମ୍ଭାବନା କମ୍। ବାଣିଜ୍ୟ ଚୁକ୍ତି ଖବର ଭାରତରେ ଶେୟାର ବଜାରରେ ବୃଦ୍ଧି ଘଟାଇଲା, କିନ୍ତୁ ଲାଭ ସ୍ୱଳ୍ପକାଳୀକ ହୋଇପାରେ।

ଟାରିଫ୍ କିମ୍ବା ଧମକ ଦ୍ୱାରା ରଣନୀତିକ ଭାଗୀଦାରି ବଜାୟ ରଖାଯାଇପାରେ ନାହିଁ; ଏହା କେବଳ ପୂର୍ବାନୁମାନଶୀଳତା, ପାରସ୍ପରିକ ସମ୍ପର୍କ ଓ ସଂଯମ ଯୋଗୁ ସମ୍ଭବ ହୁଏ , ଯାହା ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱ ସମୟରେ ସ୍ପଷ୍ଟରୂପେ ଦେଖିବାକୁ ମିଳୁନାହିଁ। ଆମେରିକା ସାବଧାନ ରହିବା ଉଚିତ। ଧମକ ଓ ଚାପରେ ଟ୍ରମ୍ପ୍ ଯାହା ବି ସ୍ୱଳ୍ପମିଆଦୀ ସୁବିଧା ବା ଲାଭ ହାସଲକରନ୍ତୁ ନା କାହିଁକି , ପୂର୍ବ ପ୍ରଶାସନଗୁଡ଼ିକ ଦ୍ୱାରା ସ୍ୱୀକୃତ ଭାଗୀଦାରିତାକୁ ଅସ୍ଥିର କରିବାର ଦୀର୍ଘକାଳୀକ କ୍ଷତି ଯୋଗୁ ତାହା ହ୍ରାସ ପାଇବ । ଏଭଳି ଭାଗୀଦାରି କେବଳ ଭାରତ-ପ୍ରଶାନ୍ତସାଗରୀୟ ଅଞ୍ଚଳ ନୁହେଁ ବରଂ ଅନ୍ୟଠାରେ ମଧ୍ୟ ଆମେରିକାର ସ୍ୱାର୍ଥ ପାଇଁ ଗୁରୁତ୍ୱପୂର୍ଣ୍ଣ।

**ପ୍ରଫେସର, ଏମରିଟସ୍ ଅଫ୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

# ଆସ୍ଥାର ବଜାରୀକରଣ



ଅଖିଳ ତରାଇ

ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି ଆଧ୍ୟାତ୍ମିକତା। ଏଠାରେ ଦେବଦେବୀମାନେ କେବଳ ପୂଜାପାଠର ମାଧ୍ୟମ ନୁହନ୍ତି, ବରଂ ସେମାନେ ଆମ ଜୀବନଶୈଳୀ, ସଂସ୍କାର ଏବଂ ନୈତିକତାର ପ୍ରତୀକ। ହିନ୍ଦୁ ଧର୍ମରେ ପ୍ରତିମା ପୂଜାର ଏକ ବୈଜ୍ଞାନିକ ଓ ପାରମାର୍ଥିକ ଦିଗ ରହିଛି। ଶାସ୍ତ୍ର ଅନୁସାରେ, ଜଣେ ଶିଳ୍ପୀ ଯେତେବେଳେ ଜଣେ ଦେବତାଙ୍କ ପ୍ରତିମା ଗଢ଼େ, ସେଥିପାଇଁ ତାକୁ କଠୋର ନିୟମ ଓ ଧ୍ୟାନର ସାହାରା ନେବାକୁ ପଡ଼େ। କିନ୍ତୁ ବର୍ତ୍ତମାନର ଡିଜିଟାଲ ବିପ୍ଳବ ଏବଂ ସୋସିଆଲ ମିଡିଆର ପ୍ରାଦୁର୍ଭାବ ମଧ୍ୟରେ ଏହି ପବିତ୍ରତା କେଉଁଠି ହଜିଯିବାକୁ ବସିଲାଣି। କିଛି ମୁଷ୍ଟିମେୟ ଲାଇକ, ଶେୟାର ଏବଂ ଭ୍ୟୁ ପାଇଁ ଦେବଦେବୀଙ୍କ ପ୍ରତିମୂର୍ତ୍ତିକୁ ବିକୃତ କରି ପ୍ରଦର୍ଶନ କରିବା ଏକ ସାଧାରଣ କଥା ହୋଇଗଲାଣି, ଯାହା ଚିନ୍ତାର ବିଷୟ।

ସୋସିଆଲ ମିଡିଆ ଯେତିକି ସୁବିଧା ଆଣିଛି, ସେତିକି ବିଭ୍ରାଟ ସୃଷ୍ଟି କରିଛି। ଆଜିକାଲି ଆର୍ଟିଫିସିଆଲ ଇଣ୍ଟେଲିଜେନ (ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା) ବ୍ୟବହାର କରି ଦେବଦେବୀଙ୍କୁ ଅସ୍ୱାଭାବିକ ରୂପରେ ଚିତ୍ରଣ କରାଯାଉଛି। କେଉଁଠି ଭଗବାନ ଶିବଙ୍କ ହାତରେ ସିଗାରେଟ ଧରାଇ ଦିଆଯାଉଛି ତ କେଉଁଠି ମା' ଦୁର୍ଗାଙ୍କୁ ଆଧୁନିକ ମଡେଲ ଭଳି ପୋଷାକ ପିନ୍ଧାଇ ପ୍ରଦର୍ଶନ କରାଯାଉଛି। ଏପରି କି ଦେବଦେବୀଙ୍କୁ କାର୍ଟୁନ ଚରିତ୍ର ଭାବେ ଉପସ୍ଥାପନ କରାଯାଉଛି। ଏହା କେବଳ କଳାତ୍ମକ ସ୍ୱାଧୀନତା ନୁହେଁ, ବରଂ ଏକ ଜାତିର ବିଶ୍ୱାସ ଉପରେ କୁଠାରାଘାତ। ଯେଉଁ ରୂପକୁ ଆମେ ପୂଜା କରିଆସୁଛୁ, ତାକୁ ନିଜ ସ୍ୱାର୍ଥ ପାଇଁ ବିକୃତ କରିବା ଦୁର୍ଭାଗ୍ୟଜନକ।

ଆଜିର ଯୁବପିଢ଼ି ମଧ୍ୟରେ 'ଭାଇରାଲ' ହେବାର ଏକ ଅହେତୁକ ନିଶା ରହିଛି। ସେମାନେ ଭାବୁଛନ୍ତି ଯେ ଦେବଦେବୀଙ୍କୁ ଯେତେ ଅଦ୍ଭୁତ ଭାବେ ଉପସ୍ଥାପନ କରିବେ, ସେତେ ଅଧିକ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ। ଏହି 'ଆକର୍ଷଣ' ପାଇବାର ନିଶା ସେମାନଙ୍କୁ ସଂସ୍କାରଚ୍ୟୁତ କରୁଛି। ହିନ୍ଦୁ ଧର୍ମରେ ଭଗବାନଙ୍କ ପ୍ରତିମା ଏକ ନିର୍ଦ୍ଦିଷ୍ଟ 'ମୁଦ୍ରା' ବା 'ଭଙ୍ଗୀ'ରେ ଥାଏ। ଉଦାହରଣ ସ୍ୱରୂପ, ଭଗବାନ ବିଷ୍ଣୁଙ୍କ ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମର ଏକ ଗୂଢ଼ ଅର୍ଥ ଅଛି। ଯଦି କେହି ଏହାକୁ ବଦଳାଇ ଭିନ୍ନ କିଛି ଲଗାଇ ଦିଏ, ତେବେ ତାହା କେବଳ ଏକ ଫଟୋ ହୋଇ ରହିଯାଏ, ସେଥିରେ ଦିବ୍ୟତା ରହେ ନାହିଁ। ଏହି ପ୍ରଦର୍ଶନବାଦୀ ମାନସିକତା ଯୋଗୁ ଠାକୁରଙ୍କୁ ବର୍ତ୍ତମାନ ଏକ 'ଶୋ-ପିସ'ରେ ପରିଣତ କରାଯାଉଛି।

ଆମେ ଯେପରି ଭାବନା ରଖିବା, ସେପରି ଫଳ ପାଇବା। ଯେତେବେଳେ ସମାଜରେ ଦେବଦେବୀଙ୍କ ବିକୃତ ରୂପ ଅଧିକ ପ୍ରସାରିତ ହୁଏ, ସେତେବେଳେ ଆଗାମୀ ପିଢ଼ିର ମନରେ ସେମାନଙ୍କ ପ୍ରତି ଥିବା ସମ୍ମାନ କମିଯାଏ। ପିଲାମାନେ ଦେବତାଙ୍କୁ କେବଳ ସୁପରହିରୋ କିମ୍ବା ମନୋରଞ୍ଜନର ଚରିତ୍ର ଭାବେ ଦେଖିବା ଆରମ୍ଭ କରନ୍ତି। ଏହାଦ୍ୱାରା ଧର୍ମର ମୂଳଦୁଆ ଦୋହଲିଯାଏ। ଯଦି ଆମେ ନିଜେ ନିଜର ଆରାଧ୍ୟଙ୍କୁ ଅପମାନିତ କରୁଛୁ, ତେବେ ଅନ୍ୟମାନଙ୍କଠାରୁ ସମ୍ମାନ ଆଶା କରିବା ବୃଥା।

ଭାରତୀୟ ସମ୍ବିଧାନ ଅନୁସାରେ ପ୍ରତ୍ୟେକ ବ୍ୟକ୍ତିର ନିଜ ଧର୍ମକୁ ପାଳନ କରିବାର ଅଧିକାର ଅଛି। କିନ୍ତୁ ଭାରତୀୟ ଦଣ୍ଡ ସଂହିତାର ଧାରା ୨୯୫ଏ ଅନୁସାରେ, ଯଦି କେହି ଜାଣିଶୁଣି କୌଣସି ଧର୍ମ ବା ଧାର୍ମିକ ବିଶ୍ୱାସକୁ ଅପମାନିତ କରେ, ତେବେ ତାହା ଏକ ଦଣ୍ଡନୀୟ ଅପରାଧ। ସୋସିଆଲ ମିଡିଆରେ ଦେବଦେବୀଙ୍କ ବିକୃତ ଫଟୋ ପୋଷ୍ଟ କରିବା ଏହି ଆଇନର ପରିସରଭୁକ୍ତ ହୋଇପାରେ। କେବଳ ଆଇନ ଦ୍ୱାରା ସବୁକିଛି ବଦଳାଇ ହେବ ନାହିଁ। ଜଣେ ସଚେତନ ନାଗରିକ ଭାବେ ଆମର ମଧ୍ୟ କିଛି ଦାୟିତ୍ୱ ଅଛି। ଏଭଳି କୌଣସି ବିକୃତ ପୋଷ୍ଟକୁ ଦେଖିଲେ ତାକୁ ସଙ୍ଗେ ସଙ୍ଗେ ରିପୋର୍ଟ କରନ୍ତୁ। ବିକୃତ ଫଟୋ ବା ଭିଡିଓରେ କେବେ ହେଲେ 'ଲାଇକ' କିମ୍ବା 'ସେର୍' କରନ୍ତୁ ନାହିଁ। ମନେରଖନ୍ତୁ, ଆପଣଙ୍କର ଗୋଟିଏ କ୍ଲିକ ସେହି ବ୍ୟକ୍ତିର ମନୋବଳ ବଢ଼ାଇଥାଏ। ଆଜିର ଯୁବପିଢ଼ିକୁ ଶାସ୍ତ୍ରୀୟ କଳା ଓ ମୂର୍ତ୍ତିକଳାର ମହତ୍ତ୍ୱ ବୁଝାନ୍ତୁ। ଧର୍ମ ଓ ଆସ୍ଥା କୌଣସି ଖେଳନା ନୁହେଁ। ଯେଉଁ ଜାତି ନିଜର ଦେବଦେବୀ ଓ ସଂସ୍କୃତିକୁ ସମ୍ମାନ ଦେଇପାରେ ନାହିଁ, ସେହି ଜାତିର ପତନ ସୁନିଶ୍ଚିତ। ସୋସିଆଲ ମିଡିଆର ଚକାଚକ୍ୟରେ ନିଜର ଆତ୍ମାକୁ ବିକ୍ରି ନ କରିବା ଉଚିତ। ଆଧୁନିକତା ନାମରେ ବିକୃତିକୁ ଆପଣେଇବା ବୋକାମି ଛଡ଼ା ଆଉ କିଛି ନୁହେଁ। ଆଜି ସମୟ ଆସିଛି, ଆମେ ଏକଜୁଟ ହୋଇ ଏହି ବିକୃତିକୁ ବନ୍ଦ କରିବା ଏବଂ ଦେବଦେବୀଙ୍କ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା। ମନେରଖନ୍ତୁ, ଭଗବାନଙ୍କୁ ଭଲ ପାଇବା ମାନେ ତାଙ୍କୁ ବିକୃତ କରିବା ନୁହେଁ, ବରଂ ତାଙ୍କୁ ତାଙ୍କର ଦିବ୍ୟ ରୂପରେ ଗ୍ରହଣ କରିବା।

**ଗଞ୍ଜାମ, ମୋ: ୭୭୮୭୦୦୧୦୦୧**

## ଏଇ ଭାରତରେ

ସୁନ୍ଦରବନ ଗାଁର ଲୋକେ ଜୀବନ-ଜୀବିକା ସଂଘର୍ଷରେ ବିଜୟୀ ହୋଇଛନ୍ତି। ପଶ୍ଚିମବଙ୍ଗ ସନ୍ଦେଶ୍‌ଖାଲି ବ୍ଲକ ଜେଲିଆଖଲି ଗାଁକୁ ଅନେକ ଛୋଟ ନଦୀ ଘେରିରହିଛି। କୋଲ୍‌କାତାଠାରୁ ୭୨ କି.ମି. ଦୂରରେ ଥିବା ୧୨୫୪ ପରିବାରବିଶିଷ୍ଟ ଏହି ଗାଁର ଲୋକସଂଖ୍ୟା ୫୦୮୪। ସମୁଦ୍ର ପାଖ ଏହି ଗାଁର ପାଣିରେ ଲବଣାଂଶ ବଢ଼ିବା ଯୋଗୁ ଜମି ଚାଷ ଉପଯୋଗୀ ନ ହେବାରୁ ସେଠାକାର ଲୋକେ ମାଛଚାଷ କରିବାକୁ ନିଷ୍ପତ୍ତି ନେଲେ ଏବଂ ଏଥିରେ ସଫଳ ମଧ୍ୟ ହୋଇପାରିଛନ୍ତି। ଏଥିରେ ସହଯୋଗ କରିଛି କୋଲ୍‌କାତାର ଏକ ସଂଗଠନ ଗ୍ରାମ ସମୃଦ୍ଧି ଫାଉଣ୍ଡେଶନ(ଜିଏସ୍‌ଏଫ୍)। ୨୦୧୪ରୁ ୨୦୨୫ ମଧ୍ୟରେ ପାଖାପାଖି ୨୦୦୦ କ୍ଷୁଦ୍ର ଚାଷୀଙ୍କୁ ଏକାଠି କରି ୨୦ ଫୁଟ ଚଉଡ଼ା, ୨୦ ଫୁଟ ଲମ୍ବ ଓ ୧୦ ଫୁଟ ଗଭୀର ୩୯୦ଟି ଗାଡ଼ିଆ ଖୋଳାଯାଇ ମାଛଚାଷ କରାଯାଉଛି। ପ୍ରତି ପୋଖରୀ ପାଇଁ ଜିଏସ୍‌ଏଫ୍ ୬ ହଜାର ଟଙ୍କା ଖର୍ଚ୍ଚ କରୁଛି, ଯେଉଁଥିରେ ଜଣେ କୃଷକ କେବଳ ୧୦୦୦ ଟଙ୍କା ଦେଉଛନ୍ତି। ମାଛଚାଷ କରି ଭଲ ରୋଜଗାର କରିବା ଯୋଗୁ ଗାଁ ଛାଡ଼ି ଲୋକେ ଆଉ ବାହାରକୁ ଯାଉନାହାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୩ ଫେବୃଆରୀ ୧୯୭୭

- କେ. ଅମରେଶ୍ୱରୀ ଆନ୍ଧ୍ରପ୍ରଦେଶ ହାଇକୋଟର ଅତିରିକ୍ତ ବିଚାରପତି ନିଯୁକ୍ତ।
- ରାଷ୍ଟ୍ରପତି ଫକିରୁଦ୍ଦିନ ଅଲି ଅହମ୍ମଦଙ୍କ ହୃଦ୍‌ରୋଗରେ ପରଲୋକ।
- ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଶ୍ରୀମତୀ ବନ୍ଦର ନାୟକଙ୍କ ଶ୍ରୀଲଙ୍କା ଫ୍ରିଡମ ପାର୍ଟିରୁ ୪ ଜଣ ପାର୍ଲାମେଣ୍ଟ ସଭ୍ୟଙ୍କ ଇସ୍ତଫା ପ୍ରଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | 8 | | 6 | 1 | |
| 8 | | | 2 | 7 | | | | |
| 9 | 1 | | 4 | | | 2 | | 7 |
| | 4 | 8 | | | | 7 | | 1 |
| | 2 | | 6 | | | 8 | 3 | 4 |
| | 3 | 9 | | | | | 2 | |
| 3 | 8 | | | 4 | | | | 5 |
| 1 | | | 3 | 6 | 2 | | | |
| 4 | | | | 5 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 9 | 6 | 3 | 8 | 5 | 2 | 1 |
| 6 | 2 | 3 | 5 | 7 | 1 | 4 | 8 | 9 |
| 8 | 1 | 5 | 4 | 2 | 9 | 6 | 3 | 7 |
| 4 | 5 | 7 | 9 | 6 | 2 | 8 | 1 | 3 |
| 2 | 8 | 6 | 3 | 1 | 5 | 9 | 7 | 4 |
| 9 | 3 | 1 | 7 | 8 | 4 | 2 | 5 | 6 |
| 1 | 6 | 8 | 2 | 4 | 7 | 3 | 9 | 5 |
| 5 | 7 | 4 | 8 | 9 | 3 | 1 | 6 | 2 |
| 3 | 9 | 2 | 1 | 5 | 6 | 7 | 4 | 8 |

ଗତକାଲିର ଉତ୍ତର

# ରେଡିଓ: ମନର କଥା କହେ



ରୋଜାଲିନ ପ୍ରଧାନ

ରେଡିଓ ଆମ ଜୀବନରେ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇରହିଛି। ସେ ସୂଚନା ପ୍ରସାରଣ ହେଉ କି ଆନନ୍ଦ ପ୍ରଦାନ, ରେଡିଓ ସବୁବେଳେ ଆମ ସାଥିରେ ରହିଛି।

ମନେପଡୁଛି ସେଇ ଦିନଗୁଡ଼ିକ, ଯେତେବେଳେ ଗାଁ ମୁଣ୍ଡ ବରଗଛ ମୂଳେ ରେଡିଓର ସ୍ୱର ଗୁଞ୍ଜରି ଉଠୁଥିଲା। 'ଆକାଶବାଣୀ, କଟକ...' - ଏହି କେଇପଦ ଶବ୍ଦ କେବଳ ସୂଚନା ନଥିଲା, ବରଂ କୋଟି କୋଟି ଓଡ଼ିଆଙ୍କ ପାଇଁ ଏକ ଭରସାର ସ୍ୱର ଥିଲା। ଆଜି ସେହି ଅମର ଯନ୍ତ୍ରର ସମ୍ମାନାର୍ଥେ ସାରା ବିଶ୍ୱ ପାଳନ କରୁଛି 'ବିଶ୍ୱ ବେତାର ଦିବସ'। ଏହି ଦିବସ ମନେପକାଇଦିଏ ଯେ ସୂଚନା ପ୍ରସାରଣର ଶକ୍ତିଶାଳୀ ମାଧ୍ୟମ ଭାବେ ରେଡିଓର କୌଣସି ବିକଳ୍ପ ନାହିଁ। ଆଜିର ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ଯୁଗରେ ମଧ୍ୟ ରେଡିଓର ଆବେଗ ଅତୁଟ ରହିଛି। ବାତ୍ୟା ହେଉ କି ବନ୍ୟା, ରଥଯାତ୍ରାର ସିଧାପ୍ରସାରଣ ହେଉ କି କ୍ରିକେଟ ମଇଦାନର ରୋମାଞ୍ଚକର ଭାଷ୍ୟ ଶ୍ରୋତାଙ୍କୁ ଆକର୍ଷିତ କରିଚାଲିଛି।

ରେଡିଓର ଜନ୍ମ କାହାଣୀ କୌଣସି ରୋମାଞ୍ଚକର ଉପନ୍ୟାସଠାରୁ କମ୍ ନୁହେଁ। ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଯେତେବେଳେ ଜେମ୍ସ କ୍ଲର୍କ ମାକ୍ସୱେଲ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗର ପରିକଳ୍ପନା କଲେ, ସେତେବେଳେ କେହି ଭାବି ନ ଥିଲେ ଯେ ଦିନେ ଶୂନ୍ୟତାର ବ୍ୟବହାରରେ ମଣିଷର କଥା ଦୂର-ଦୂରାନ୍ତରକୁ ଯାଇପାରିବ। ହେନ୍‌ରିକ ହର୍ଜ ଏହି ତରଙ୍ଗର ପ୍ରମାଣ ଦେଲେ ଏବଂ ପରବର୍ତ୍ତୀ ସମୟରେ ଗୁଗ୍ଲିଏଲ୍ମୋ ମାର୍କୋନି ପ୍ରଥମ କରି ବେତାର ଯୋଗାଯୋଗ ପ୍ରତିଷ୍ଠା କଲେ। ଭାରତରେ ଏହାର ଯାତ୍ରା ୧୯୨୦ ଦଶକରେ ଆରମ୍ଭ ହୋଇଥିଲା। ୧୯୨୩ରେ ବମ୍ବେ ରେଡିଓ କ୍ଲବ ପ୍ରଥମ ପ୍ରସାରଣ ଆରମ୍ଭ କରିଥିଲା ଏବଂ ପରବର୍ତ୍ତୀ ସମୟରେ ଏହା 'ଅଲ୍ ଇଣ୍ଡିଆ ରେଡିଓ' ଓ ପରେ 'ଆକାଶବାଣୀ' ଭାବେ ପରିଚିତ ହେଲା। ସେତେବେଳେ ଏହା କେବଳ ମନୋରଞ୍ଜନର ମାଧ୍ୟମ ନ ଥିଲା ବରଂ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶଭକ୍ତିର ବାର୍ତ୍ତା ପହଞ୍ଚାଇବା ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ସାଜିଥିଲା।

ୟୁନେସ୍କୋ ଦ୍ୱାରା ୨୦୧୧ ମସିହାରେ ପ୍ରଥମ କରି ଫେବୃଆରୀ ୧୩ ତାରିଖକୁ ବିଶ୍ୱ ବେତାର ଦିବସ ଭାବେ ଘୋଷଣା କରାଯାଇଥିଲା। ଏହି ଦିନଟିକୁ ବାଛିବାର ଏକ ବିଶେଷ ଐତିହାସିକ କାରଣ ରହିଛି। ୧୯୪୬ ଫେବୃଆରୀ ୧୩ ରେ ଜାତିସଂଘ ନିଜସ୍ୱ ରେଡିଓ ଷ୍ଟେଶନ ପ୍ରତିଷ୍ଠା କରିଥିଲା, ଯାହା ବିଶ୍ୱ ଶାନ୍ତି ଓ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିଲା। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ବେତାର କେନ୍ଦ୍ରଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା। ଏହା ମାନବ ଅଧିକାର ଓ ଅଭିବ୍ୟକ୍ତିର ସ୍ୱାଧୀନତା, ସଂହତିକୁ ଗୁରୁତ୍ୱ ଦେଇଥାଏ। ରେଡିଓର ବିଶେଷତ୍ୱ ହେଉଛି ଏହାର ନିର୍ଭରଯୋଗ୍ୟତା।

### ବିଶ୍ୱ ବେତାର ଦିବସ ଉପଲକ୍ଷେ



ଟେଲିଭିଜନ ଓ ଇଣ୍ଟରନେଟ ଆସିଲା ପରେ ଅନେକେ ଭାବିଥିଲେ ରେଡିଓର ଯୁଗ ଶେଷ ହେବ, କିନ୍ତୁ ତାହା ଭୁଲ ପ୍ରମାଣିତ ହୋଇଛି। ଯେତେବେଳେ କୌଣସି ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଆସେ, ସେତେବେଳେ ମୋବାଇଲ ନେଟୱାର୍କ ବିଫଳ ହୁଏ ଏବଂ ବିଦ୍ୟୁତ୍ ଅଭାବରୁ ଟିଭି ଚାଲେ ନାହିଁ, ସେତିକି ବେଳେ ଗୋଟିଏ ଛୋଟ ବ୍ୟାଟେରୀ ଚାଳିତ ରେଡିଓ ହିଁ ସତର୍କ ସୂଚନା ଦେଇ ଜୀବନ ରକ୍ଷା କରେ। ରେଡିଓ ମଣିଷର କଳ୍ପନା ଶକ୍ତିକୁ ବଢ଼ାଏ। ଆମେ ଯେତେବେଳେ ରେଡିଓରେ ନାଟକଟିଏ ଶୁଣୁ, ଆମ ମନ ଭିତରେ ନିଜସ୍ୱ ଏକ ଚିତ୍ରପଟ ପରିକଳ୍ପିତ ହୁଏ, ଯାହା କୌଣସି ହାଇ-ଡେଫିନେସନ ସ୍କ୍ରିନ ଦେଇପାରିବ ନାହିଁ।

ଗୋଷ୍ଠୀ ବେତାର ବା କମ୍ୟୁନିଟି ରେଡିଓ ହେଉଛି ସାଧାରଣ ମଣିଷର ଅସାଧାରଣ ସ୍ୱର। ଏହା ହେଉଛି ଲୋକଙ୍କ ପାଇଁ ଓ ଲୋକଙ୍କ ଦ୍ୱାରା ପରିଚାଳିତ ଏକ ମାଧ୍ୟମ। ବିଶ୍ୱ ପରିପ୍ରେକ୍ଷୀରେ ଏହାର ସୂତ୍ରପାତ ଲାଟିନ ଆମେରିକାରେ ୧୯୪୦ ଦଶକରେ ହୋଇଥିଲା, ଯେଉଁଠି ଖଣି ଶ୍ରମିକମାନେ ନିଜ ଅଧିକାର ପାଇଁ ଏହାକୁ ବ୍ୟବହାର କରୁଥିଲେ। ଭାରତରେ ଏଥିପାଇଁ ସଂଘର୍ଷ ଦୀର୍ଘ ଦିନର ଥିଲା। ୧୯୯୫ରେ ସୁପ୍ରିମକୋର୍ଟ ଘୋଷଣା କଲେ ଯେ ବାୟୁତରଙ୍ଗ ହେଉଛି ଜନସାଧାରଣଙ୍କ ସମ୍ପତ୍ତି। ଏହା ପରେ ୨୦୦୪ ମସିହାରେ ଆନ୍ନା ବିଶ୍ୱବିଦ୍ୟାଳୟରେ ଭାରତର ପ୍ରଥମ କମ୍ୟୁନିଟି ରେଡିଓ ସ୍ଥାପିତ ହୋଇଥିଲା। ଓଡ଼ିଶାରେ ୨୦୧୦ ଫେବ୍ରୁୟାରୀ ୧୨ ରେ ଓଡିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର 'ରେଡିଓ ନମସ୍କାର ତାର ପ୍ରସାରଣ ଆରମ୍ଭ କରିଥିଲା ,ଏବେ ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ମୋଟ ୪୬ ଟି କମ୍ୟୁନିଟି ରେଡିଓ ତାଙ୍କର ପ୍ରସାରଣ ଜାରିରଖିଛନ୍ତି ଏବଂ ସ୍ଥାନୀୟ ଲୋକଙ୍କ ସମସ୍ୟା ଉଠାଇବାରେ ସଫଳ ହୋଇଛନ୍ତି।

ସମୟ ବଦଳିବା ସହ ରେଡିଓ ମଧ୍ୟ ନିଜକୁ ଆଧୁନିକ କରିଛି। ଏବେ ଡିଜିଟାଲ ରେଡିଓ ଏବଂ ପଡ୍‌କାଷ୍ଟ ମାଧ୍ୟମରେ ଏହା ପୁଣି ଥରେ ଯୁବପିଢ଼ିଙ୍କ ପ୍ରିୟ ପାଲଟିଛି। କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ ଗୋଷ୍ଠୀ ବେତାର ଯେତେ ସଶକ୍ତ ହେବ, ଦେଶର ତୃଣମୂଳ ସ୍ତରର ସ୍ୱର ସେତେ ଶକ୍ତିଶାଳୀ ହେବ। ରେଡିଓ କେବଳ ଏକ ଯନ୍ତ୍ର ନୁହେଁ, ଏହା ଏକ ଅନୁଭୂତି। ଏହି ବିଶ୍ୱ ବେତାର ଦିବସରେ ଆମେ ସେହି ସବୁ କଣ୍ଠଶିଳ୍ପୀ ଓ ବେତାର କର୍ମୀଙ୍କୁ ସମ୍ମାନ ଜଣାଇବା ଉଚିତ, ଯେଉଁମାନେ ନିଜ ସ୍ୱରରେ ଅନ୍ଧକାର ଭିତରେ ଆଲୋକର ବର୍ତ୍ତିକା ଜାଳି ରଖିଛନ୍ତି। ଫଳରେ ଶିଶୁଙ୍କ ଠାରୁ ବୟସ୍କ, ମହିଳା, ଯୁବ, ଚାଷୀ, ଶ୍ରମିକ ଆଦି ବ୍ୟକ୍ତିଙ୍କ ନିମନ୍ତେ ଶିକ୍ଷା, ସୂଚନା, ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଦାରା ସାମାଜିକ ଅର୍ଥନୈତିକ ରାଜନୈତିକ ଉନ୍ନତିରେ ରେଡିଓର ପ୍ରମୁଖ ଭୂମିକା ରହିଛି। କର୍ମ ତତ୍ପର ଜୀବନରେ ମଣିଷ ପୂର୍ଣ୍ଣ ସମୟ ଦେଇ ଟିଭି ସାମ୍ନାରେ ବସିରହି ଦେଖିବାକୁ ପସନ୍ଦ କରିବା ପରିବର୍ତ୍ତେ ରେଡିଓକୁ ପାଖରେ ରଖି, ବଜାଇ, ଶୁଣି କାମ କରିବା ସହିତ ନିଜ ପସନ୍ଦ ମୁତାବକ କାର୍ଯ୍ୟକ୍ରମ ଶୁଣି ପାରୁଛି। ଏହା ସ୍ପଷ୍ଟଯେ, ମନପସନ୍ଦର ଟ୍ୟୁନ, ବ୍ୟକ୍ତିଙ୍କୁ କର୍ମ ଅନୁକୂଳ କରାଏ ଓ ବ୍ୟକ୍ତି ଆଗ୍ରହର ସହିତ ଶୀଘ୍ର କାର୍ଯ୍ୟ ସରିବାରେ ସକ୍ଷମ ହୁଏ। ତେବେ ରେଡିଓରେ ଭିନ୍ନ ଭିନ୍ନ ପ୍ରତିଭା, ମାର୍ଗଦର୍ଶକ, ଜନସାଧାରଣଙ୍କ ସହଭାଗୀତା ପ୍ରମାଣ କରେ ରେଡିଓ ଆଜିବି ପ୍ରତିଟି ହୃଦୟରେ ରହିଛି। ଏଣୁ ହୃଦୟର ସ୍ପନ୍ଦନ ଯେପରି ଚିରନ୍ତନ, ରେଡିଓର ସ୍ୱର ମଧ୍ୟ ସେପରି ଚିର ସବୁଜ ହୋଇ ସଦା ରହିଥାଉ।

**କୋଣାର୍କ, ମୋ: ୭୩୭୭୧୮୪୬୯୦**

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରାଫିକ୍ ସମସ୍ୟା ଅଣାୟତ୍ତ

ମହାଶୟ,

ଭୁବନେଶ୍ୱରରୁ ପୁରୀକୁ ସଂଲଗ୍ନ କରୁଥିବା କଳ୍ପନା ଛକଠାରୁ ଗଙ୍ଗୁଆ ବ୍ରିଜ୍ ରାସ୍ତା ସର୍ବଦା ଚଳଚଞ୍ଚଳର ମୁଖ୍ୟ କାରଣ ହେଲା ପୁରୀ ଜଗନ୍ନାଥ ଧାମ। ଅତ୍ୟଧିକ ଯାନବାହନ ଚଳପ୍ରଚଳ ଯୋଗୁ କଳ୍ପନା ଛକଠାରୁ ଭିଡ଼ ଆରମ୍ଭ ହୋଇଯାଉଛି ଏବଂ ସମୟକ୍ରମେ ଏହା ଅଣାୟତ ହୋଇପଡ଼ିଲାଣି। କିନ୍ତୁ ଟ୍ରାଫିକ୍ ନିୟମରେ ପରିବର୍ତ୍ତନ ହେବାର କୌଣସି ସୂଚନା ମିଳୁନାହିଁ। ସରକାର ପୁରୀ-ଭୁବନେଶ୍ୱର ରାସ୍ତାକୁ ୪ ଲେନ୍ ବିଶିଷ୍ଟ କରିବା ପାଇଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ ଏବଂ ଏକ ରୋଡ୍‌ମ୍ୟାପ୍ ମଧ୍ୟ ପ୍ରସ୍ତୁତ ହୋଇସାରିଥିଲା। ବର୍ତ୍ତମାନ କିନ୍ତୁ ଏହା ପାଣିର ଗାର ସଦୃଶ। ସୂତ୍ରରୁ ଜଣାଯାଏ, ପୋଲିସ ବାବୁମାନେ ସେଇ ଭିଡ଼କୁ ଅଣଦେଖା କରୁଛନ୍ତି। ଏହାକୁ କ'ଣ ସରକାରଙ୍କ ଘୋଷଣାର ନମୁନା କୁହାଯିବ କି ? ଯଦି ନୁହେଁ, ତା'ହେଲେ ସରକାର ଶୀଘ୍ର ଏଇ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ୍ କେତେ ଯେ ଧନଜୀବନ କ୍ଷୟକ୍ଷତି ଘଟିବ, ତାହା କିଏ କହିବ।

**-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚାହିଁବାକୁ ତାହା ଲଭିଛୁ ସିନା
ମଣିଷ ପରି
ଶିଖିଛୁ କେବଳ ଆପଣା ଛାଏଁ
କୁଟିଳ କରି ।

-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭାରତ ବନ୍ଦର ଆଂଶିକ ପ୍ରଭାବ

ଛତ୍ରପୁର,୧୨ା୨(ଦିଲୀପ ସାମଲ): କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଗୁରୁବାର ସକାଳ ୬ଟାରୁ ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଓଡ଼ିଶାରେ ଏହି ବନ୍ଦକୁ କଂଗ୍ରେସ ଓ ବିଜୁ ଶ୍ରମିକ ସାଝୁଖ୍ୟ ସମର୍ଥନ ଘୋଷଣା କରିଥିଲେ । ଏହି କ୍ରମରେ ଗଞ୍ଜାମ ଜିଲାରେ ଶ୍ରମିକ ସଙ୍ଗଠନଗୁଡିକ ପକ୍ଷରୁ ରାସ୍ତାରୋକୋ, ପିକେଟିଂ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଛତ୍ରପୁରଠାରେ ଏଆଇସିୟୁସି ସମେତ ବିଭିନ୍ନ ଶ୍ରମିକ ସଂଗଠନଗୁଡିକ ପକ୍ଷରୁ ରେଳେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆନ୍ଦୋଳନକାରୀ ଏମ୍‌ଜିଏନ୍‌ଆରଇଜିଏସ୍ ଉଚ୍ଛେଦ, ଭି ବି ଜି ରାମ ଜୀ ଆଇନକୁ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ, ବିଦ୍ୟୁତ ବିଲ ସଂଶୋଧନ, କୃଷକ ବିରୋଧୀ ବିଲ-୨୦୨୫କୁ ବାତିଲ ଆଦି ଶ୍ରମିକ ଓ କୃଷକ ତଥା ଜନ ବିରୋଧୀ ଆଇନ ବାତିଲ ନାରା ଦେଇ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କଲେଜ ଛକ ନିକଟ ଜାତୀୟ ରାଜପଥ ଅବରୋଧ କରିଥିଲେ। ଛତ୍ରପୁର ଥାନା ପୋଲିସ ଆନ୍ଦୋଳନରେ ସାମିଲ ହୋଇଥିବା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ଓ ଏଆଇସିୟୁସି ନେତା ନୀଳକଣ୍ଠ ଦାଶଙ୍କୁ ଉଠାଇ ନେଇ ପରେ ଛାଡିଥିଲା । ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ହୋଇଥିଲା ।

**ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର):** ଦିଗପହଣ୍ଡିରେ ଭାରତ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯାଇଛି । ସ୍ଥାନୀୟ କଂଗ୍ରେସ, ସିପିଆଇ, ବିଜେଡ଼ି, ସିପିଆଇ(ଏମ) ର ବହୁସଂଖ୍ୟକ ଦଳୀୟ ନେତୃବୃନ୍ଦ ଓ କର୍ମୀ ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡରେ ବ୍ରହ୍ମପୁର ଭାୟା ଦିଗପହଣ୍ଡି ୧୭ ନଂ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ । ଫଳରେ ବସ, ଟ୍ରକ ଚଳାଚଳ ବନ୍ଦ ରହିଥିଲା । ଦଳୀୟ କର୍ମୀ ଦୋକାନ ବଜାର, ସ୍କୁଲ କଲେଜ, ଅଫିସ ଦପ୍ତର ବନ୍ଦ କରିଥିଲେ । ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ତଥା ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା, ସିପିଆଇ ବଡ଼ ଖେମୁଣ୍ଡି ଜୋନାଲ ସମ୍ପାଦକ କିଶୋର ଶତପଥି, ସିପିଆଇ(ଏମ) ଜିଲା କମିଟି କାର୍ଯ୍ୟକର୍ତ୍ତା ପ୍ରମୁଖଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା ।

**ଧରାକୋଟ,(ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଧରାକୋଟ ଅଞ୍ଚଳରେ ଭାରତ ବନ୍ଦ ଡାକରାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି । ସିପିଆଇ ଓ ଏଆଇକେଏମଏସ ତରଫରୁ ଧରାକୋଟ ଓ ମାଣିକପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଧରାକୋଟରେ ସିପିଆଇ ତରଫରୁ ଜୋନାଲ କମିଟି ସଂପାଦକ ବିଦେଶୀ ନାହାକ, ସହ ସମ୍ପାଦକ ରଘୁନାଥ ପାତ୍ର, ସଭ୍ୟ ସନ୍ତୋଷ କୁମାର ସ୍ୱାଇଁ ବିକ୍ଷୋଭ ସହ ଅଫିସଗୁଡ଼ିକୁ ବନ୍ଦ କରାଯାଇଥିଲା । ସେହିପରି ଅଖିଳ ଭାରତ କିସାନ ମଜଦୁର ସଭା ତରଫରୁ ମାଣିକପୁରଠାରେ ରାସ୍ତାରୋକୋ କରାଯାଇଥିଲା ।

**ଗଞ୍ଜାମ,(ବିଦ୍ୟାଧର ସାହୁ):** ଗଞ୍ଜାମ ସହରରେ ସିପିଆଇଏମ ନେତା ଦିଲୀପ କୁମାର ଛୋଟରାଏଙ୍କ ନେତୃତ୍ୱରେ ବାମପନ୍ଥୀଙ୍କ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା । ବ୍ୟବସାୟୀମାନେ ନିଜେ ନିଜେ ଦୋକାନ ବଜାର ବନ୍ଦ କରୁଥିବା ଦେଖିବାକୁ ଦେଖାଯାଇଥିଲା । ବ୍ଲକର ସମସ୍ତ ସରକାରୀ ବସ ଚଳାଚଳ ବନ୍ଦ ରହିଥିଲା ।

ହିଞ୍ଜିଳିକାଟୁ,( ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁରେ ଏଆଇୟୁଟିୟୁସିର ନିମାଇଁ ଚରଣ ସାହୁ, ପୁପୁନ ସାହୁ, ନାରାୟଣ ସାହୁ, କିଷାନ ସାହୁ, ସାଥି ସୋମନାଥ ବେହେରା ପ୍ରମୁଖ ଶ୍ରମିକ ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ । ଏମ୍‌ଜିଏନଆରଇଜିଲସ୍ ଶ୍ରମିକ ୟୁନିୟନର ଯଶୋଦା ନାଇକ, ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନର ଶାନ୍ତି ନାଇକ, ଜାମିନି ଦାସ, ସରସତୀ ନାୟକ, ସଂଗ୍ରାମୀ ଶ୍ରମିକ ୟୁନିୟନର ପି ଯୋଗେନ୍ଦ୍ର, ଘରୋଇ ମହିଳା ଶ୍ରମିକ ୟୁନିୟନର ବିନୋଦିନି ଦାସ,କ୍ରାନ୍ତିକାରୀ କୃଷକ ସଭାର ଲକ୍ଷ୍ମୀ ନାୟକ ପ୍ରମୁଖ ଆନ୍ଦୋଳନ ଚଳାଇଥିଲେ ।

**ଖଲ୍ଲିକୋଟ,(ପ୍ରଶାନ୍ତ କୁମାର ମିଶ୍ର):** ଖଲ୍ଲିକୋଟ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବନ୍ଦ ପାଳନ କରାଯାଇଛି । ସ୍ୱତଃ ପ୍ରବୃତ୍ତ ଭାବରେ ଜନସାଧାରଣ ଏହି ଧର୍ମଘଟରେ ସାମିଲ ହୋଇ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିଥିଲେ । ଖଲ୍ଲିକୋଟ ବସଷ୍ଟାଣ୍ଡ ଠାରେ ଅଞ୍ଚଳ ସମ୍ପାଦକ ସାଥୀ ସୀମାଞ୍ଚଳ ବେହେରାଙ୍କ ସଭାପତିତ୍ୱରେ ଏକ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇ ସାଧାରଣ ଧର୍ମଘଟ ସମ୍ପର୍କରେ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ନେତା ସାଥୀ ଦୁର୍ଗା ଚରଣ ପାତ୍ର ଜନ ସାଧାରଣଙ୍କୁ ଅବଗତ କରାଇଥିଲେ । କ୍ଷେତ ମଜଦୁର ୟୁନିୟନ ଜିଲ୍ଲା ସଭାପତି ରଘୁନାଥ ଗୌଡ଼, ଜିଲ୍ଲା ସିପିଆଇର ବରିଷ୍ଠ ନେତା ରଙ୍କ ନାଥ ସ୍ୱାଇଁ, ଟିଙ୍ଗିଆ ସରପଞ୍ଚ ମନୋଜ ଗୌଡ଼, କନ୍ଧ ପ୍ରଧାନ, ଆଦିବାସୀ ଏକତା ମଞ୍ଚର ଆବାହକ ବିଜୟ ସ୍ୱାଇଁ, ସାଥୀ ରାଜେନ୍ଦ୍ର ବାରିକ, ସାଥୀ ଗୁରୁଦେବ ଜାନୀ, ସାଥୀ ସନ୍ତୋଷ ଦଳାଇ ପ୍ରମୁଖ ଏହି ଧର୍ମଘଟରେ ସାମିଲ ଥିଲେ ।

**ବୁଗୁଡ଼ା,(କାଳିଚରଣ ଦାଶ):** ବୁଗୁଡାରେ ପରିବହନ ସେବା ସାଙ୍ଗକୁ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ଏବଂ ବ୍ଲକ ଆଶାକର୍ମୀ ସଂଘ ପକ୍ଷରୁ ମେଡିକାଲ ପରିସରରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରାଯାଇଥିଲା । ଅନ୍ୟପକ୍ଷରେ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ ସହିତ ଦୋକାନ ବଜାର ସ୍ୱାଭାବିକ ଭାବେ ଖୋଲା ରହିଥିଲା । ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ଯୋଗୁଁ ବୁଗୁଡା ବସଷ୍ଟାଣ୍ଡ ପରିସର ଖାଁଖାଁ ଲାଗୁଥିଲା

# ଗଜପତି ଜିଲାରେ ଗଡ଼ିଲାନି ଗାଡ଼ି

ପାରଳାଖେମୁଣ୍ଡି/କାଶୀନଗର/ରାମଗିରି,୧୨ା୨
(ଗିରିଧାରୀ ପରିଛା/ ପି ମୁରଲୀ/ ବୃନ୍ଦାବନ ଗୌଡ଼):

ଭାଜପା ନେତୃତାଧୀନ ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ଶ୍ରମିକ ଓ କୃଷକ ସଂଗଠନଗୁଡିକ ତରଫରୁ ଗୁରୁବାର ହୋଇଥିବା ଭାରତ ବନ୍ଦର ପ୍ରଭାବ ଗଜପତି ଜିଲାରେ ପଡିଛି । ବିଭିନ୍ନ ସ୍ଥାନରେ ଯାନବାହାନ ଚଳାଚଳ ଓ ଦୋକାନ ବଜାର ବନ୍ଦ ହେବା ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ ହୋଇଥିଲା । ତେବେ ଗ୍ରାମାଞ୍ଚଳରେ ଥିବା ସରକାରୀ ବେସରକାରୀ ଅନୁଷ୍ଠାନ ଗୁଡିକ ବନ୍ଦ ହୋଇନଥିବା ଦେଖାଯାଇଥିଲା । କେବଳ ଯାତ୍ରୀବାହୀ ଗାଡି ବନ୍ଦ ରହିଥିଲା। ଜିଲାର ଶ୍ରମିକ ଓ କୃଷକ ସଂଗଠନର ବହୁ କର୍ମୀ ଓ ସମର୍ଥକମାନେ ପାରଳାଖେମୁଣ୍ଡି ପୁରୁଣା କୋର୍ଟ ଛକଠାରୁ ବାହାରି ଫାୟାର ଷ୍ଟେସନ ଛକଠାରେ ପ୍ରତିବାଦ ସଭା କରିଥିଲେ । ଆଶାକର୍ମୀ ମାନଙ୍କ ଶୋଭାଯାତ୍ରା ନଗର ପରିକ୍ରମା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଆଇକେଏମଏସର ଜିଲ୍ଲା ସଂପାଦକ କେଦାର ଶବର, କାଡୁକା ଶବର, ଆଇଏଫଟିୟୁର କାରୁଗା ଶବର, ଏଆଇକେଏସର ଦଣ୍ଡପାଣି ରଇତ, ଏମ ବାଙ୍ଗାରି ଏଆଇଟିୟୁସିର ନରସିଂହ ମାଳବିଷୋୟୀ, ରଞ୍ଜନ ମହାପାତ୍ର, ମହେନ୍ଦ୍ର ତନାୟା ନିର୍ମାଣ ଶ୍ରମିକ ସଂଗଠନ ଇସ୍ରାଏଲ ମାଳୀ, ଆଇଏନଟିୟୁସିର ଜଶ୍ମିନ, ଟିୟୁସିସିର ପି ମୁରଲି ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ । କଂଗ୍ରେସ ନେତା ବସନ୍ତ କୁମାର ପଣ୍ଡା, ଜଶ୍ମିନ ଶେଖ ପ୍ରମୁଖ ଯୋଗଦେଇଥିଲେ ।



କାଶୀନଗରର ବ୍ଲକ ଓ ଏନଏସିରେ ବନ୍ଦର ପ୍ରଭାବ ପଡିଛି । ଛି . ବିଭିନ୍ନ ବାମପନ୍ଥୀ ଦଳ , ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କଂଗ୍ରେସର ନେତା ଏବଂ କର୍ମୀଙ୍କ ସହ ସଂଗଠିତ ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ବହୁ ଶ୍ରମିକ ଧର୍ମଘଟରେ ଭାଗ ନେଇଥିଲେ। କଂଗ୍ରେସ ନେତା ରାମ ପ୍ରସାଦ ପଟ୍ଟନାୟକ, ସିପିଆଇଏମ ନେତା କାର୍ତ୍ତିକ ଶବର, ସଂଯୁକ୍ତ କିଷାନ ମୋର୍ଚ୍ଚାନେତା କେଦାର ଶବର ପ୍ରମୁଖ ସରକାର କୃଷକ ଓ ଶ୍ରମିକମାରଣ ନୀତି ଅବଲମ୍ବନ କରୁଛନ୍ତି ଅଭିଯୋଗ କରିଥିଲେ ।

ସେହିପରି ଆର. ଉଦୟଗିରି ବ୍ଲକର ରାମଗିରି ଅଞ୍ଚଳରେ ସମ୍ପୂର୍ଣ୍ଣ ରୂପେ ଭାରତ ବନ୍ଦର ପ୍ରଭାବ ପଡ଼ିଛି । ରାମଗିରି ଗାନ୍ଧୀ ଛକ ଠାରେ ରାସ୍ତା ଅବରୋଧ କରାଯାଇଥିଲା । ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ଦଳେଇ, ଓଡିଶା ଦଳିତ ଶୋଷଣ ମୁକ୍ତି ମଞ୍ଚ ସମ୍ପାଦକ ମାନସ ଜେନା, ଭାରତୀୟ ଗଣତାନ୍ତ୍ରିକ ଯୁବ ପାରଟେସନ୍‌ର ଆର. ଉଦୟଗିରି ବ୍ଲକ ସଭାପତି କୃଷ୍ଣ ଚନ୍ଦ୍ର କାର୍ଜି ଏବଂ ଉପସଭାପତି ମଧୁସୂଦନ ଭୂୟାଁ ପ୍ରମୁଖଙ୍କ ସହ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଯୁବକମାନେ ସାମିଲ ଥିଲେ ।

# ଜି.ଉଦୟଗିରିରେ ଗାଡି,ଦୋକାନବଜାର ବନ୍ଦ

ଜି.ଉଦୟଗିରି,୧୨ା୨(ଚିନ୍ମୟ କୁମାର ସେଠି)

କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ବିଭିନ୍ନ କୃଷକ ସଂଗଠନ ତରଫରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ କନ୍ଧମାଳ ଜିଲା ଜି.ଉଦୟଗିରି ଠାରେ ଦେଖିବାକୁ ମିଳିଛି । ଏହି ବନ୍ଦ ପାଳନ ଡାକରାକୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଂଗଠନ ସମର୍ଥନ କରିଥିଲେ । କଂଗ୍ରେସ କର୍ମକର୍ତ୍ତା ମାନେ ସକାଳୁ ବିଭିନ୍ନ ସ୍ଥାନରେ ଦୋକାନ ବଜାର ସ୍କୁଲ କଲେଜ ବ୍ୟାଙ୍କ, ତହସିଲ, ଏନଏସି, ବ୍ଲକ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡିକୁ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ । ନଗର କଂଗ୍ରେସ ସଭାପତି ସୁବ୍ରମନ୍ୟମ ନାୟକ, ବିଧାୟକ ପ୍ରତିନିଧି ମଧୁଲିନା ଦିଗାଲ, କାଉନସିଲର ଯାକେଶ ପ୍ରଧାନ, ଫିରୋଜ ଦିଗାଲଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ଜରୁରୀ ସେବା ବ୍ୟତୀତ ସମସ୍ତ ଯାନବାହନ ବନ୍ଦ ରହିଥିଲା । ଯାହାଫଳରେ ଯାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା୧୮.୦୩.୨୦୨୬ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି । ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା । ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

**ବାଲେଶ୍ୱର ମୁଖ୍ୟ ଶାଖା, ଆର୍.କେ. ପ୍ଲାଜା, ହସ୍ପିଟାଲ ରୋଡ୍, ଡୋମିନୋସ୍ ନିକଟ, ସରକାରୀ ଚିକିତ୍ସାଳୟ ସମ୍ମୁଖ, ବାଲେଶ୍ୱର, ପିନ୍-୭୫୬୦୦୧, ଫୋନ୍ ନଂ.: ୭୭୩୫୩୪୬୬୬୯, ଇମେଲ: ubin0550060@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତାମାନେ: ୧) ମେସର୍ସ ଧରଣୀ ଫିସ୍ ଟ୍ରେଡିଂ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଜୟଦ୍ରଥ ବାଗ ଓରଫ ସନିଆ ବାଗ,** ପିତା: ଦିବାକର ବାଗ, ବଳରାମଗଡି ନିକଟ, ବାଲେଶ୍ୱର, **୨) ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଜୟଦ୍ରଥ ବାଗ ଓରଫ ସନିଆ ବାଗ,** ପିତା: ଦିବାକର ବାଗ, ଚାନ୍ଦ ସ ମିଲ କ୍ୟାମ୍ପସ୍ ନିକଟ, ଗଣେଶ୍ୱରପୁର, ଜାନୁଗଞ୍ଜ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୧୯, **ସ୍ଥାୟୀ ଠିକଣା:** ଗ୍ରାମ- ତାଳବଣି ଛତ୍ରପୁର (ଗୋହିରା ଛକ), ପୋ: ଛତ୍ରପୁର, ଥାନା: ବ୍ରହ୍ମପୁର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୫୮ / **ଜାମିନ୍‌ଦାର: ଶ୍ରୀ ଯଦୁରଥ ବାଗ,** ପିତା: ଦିବାକର ବାଗ, ଗ୍ରାମ: ତାଳବଣି ଛତ୍ରପୁର (ଗୋହିରା ଛକ), ପୋ: ଛତ୍ରପୁର, ଥାନା: ବ୍ରହ୍ମପୁର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୫୮ | ଟ.୨୧,୬୨,୪୭୬.୯୬ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୧: ଶ୍ରୀ ଯଦୁରଥ ବାଗ,** ପିତା: ଶ୍ରୀ ଦିବାକର ବାଗଙ୍କ ନାମରେ ଥିବା ବାସପୋଯୋଗୀ ଜମି ଯାହାର ଖାତା ନଂ.: ୩୨୯/୧୪୩୦, ପ୍ଲଟ୍ ନଂ.: ୮୭୮/୨୯୩୭, ସମୁଦାୟ କ୍ଷେତ୍ର: ଏକର୦.୦୯୫ ଡିସିମିଲି, ଘରବାରି, ମୌଜା: ଶ୍ରୀକଣ୍ଠପୁର, ତହସିଲ: ବାଲେଶ୍ୱର, ଥାନା: ବାଲେଶ୍ୱର ଟାଉନ, ଥାନା ନଂ.-୩୦, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଶ୍ରୀମତୀ ମୀନତି ବାଗ ଏବଂ ଶ୍ରୀ ସୁରଥ ଚନ୍ଦ୍ର ବାଗ, ଦକ୍ଷିଣ: ଶ୍ରୀ ହଳଧର ବିଶ୍ୱାଳ, ପୂର୍ବ: ପ୍ଲଟ୍ ନଂ. ୧୧୫୫, ପଶ୍ଚିମ: ପ୍ଲଟ୍ ନଂ. ୧୧୫୭ ଏବଂ ଶ୍ରୀ ପ୍ରିୟନାଥ ସାହୁ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୮୦,୭୫,୦୦୦.୦୦ / ଅମାନତ ଜମା ରାଶି: ଟ.୮,୦୭,୫୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୮୦,୭୫୦.୦୦**

**ଇ-ନିଲାମ ତାରିଖ ଏବଂ ସମୟ: ୧୮.୦୩.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com**

**ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ**

ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : **https://baanknet.com, www.unionbankofindia.co.in** ଦେଖନ୍ତୁ ।

**ସ୍ଥାନ: ବାଲେଶ୍ୱର, ତାରିଖ: ୧୨.୦୨.୨୦୨୬** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


## ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ

ଶେରଗଡ଼,୧୨ା୨(ସୂର୍ଯ୍ୟ ନାରାୟଣ ଦାଶ)

ସ୍ଥାନୀୟ ଉଦୟ ପ୍ରତାପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଶାଖା ଓ ଅଗ୍ନିଶମ ବାହିନୀର ମିଳିତ ଆନୁକୂଲ୍ୟରେ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଉପେନ୍ଦ୍ର କୁମାର ବାଡ଼ତ୍ୟାଙ୍କ ପୌରୋହିତ୍ୟରେ ପ୍ରଶାସନିକ ଅଧୀକ୍ଷକ ଶିଶିରକାନ୍ତ ତ୍ରିପାଠୀ, ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ବାଲ୍ ଶିବାଜୀ ପାତ୍ର ଏବଂ ଅଗ୍ନିଶମ ବାହିନୀର କର୍ମଚାରୀମାନେ ମଞ୍ଚାସୀନ ଥିଲେ ।

# ଶର୍ଟ ସର୍କିଟ୍‌ରୁ ଜଳିଗଲା ଘର

ଦାରିଙ୍ଗବାଡ଼ି, ୧୨ା୨(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ସିମନବାଡ଼ି ବଜାରରେ ଶର୍ଟ ସର୍କିଟ୍‌ରୁ ଏକ ୩ ମହଲା କୋଠାରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି । ନିଆଁକୁ ସ୍ଥାନୀୟ ବାସିନ୍ଦା ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ଅଧିକାରୀ ଧବଳେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ କର୍ମଚାରୀ ପହଞ୍ଚି ପ୍ରାୟ ୧ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ । ସିମନବାଡ଼ିଠାରୁ ରାଇକିଆ ଯିବା ରାସ୍ତାର ବଜାରରେ ଜିତେନ୍ଦ୍ର ସାହୁଙ୍କ ୩ ମହଲା କୋଠା ରହିଛି । ତଳକୋଠାରେ ଲୁଗା ଦୋକାନ ରହିଥିବା ବେଳେ ଦ୍ୱିତୀୟ ମହଲାରେ ରୋଷଶାଳ, ଗାଧୁଆଘର, ବେଡ୍‌ରୁମ୍ ଆଦି ରହିଛି । ତୃତୀୟ ମହଲା ଶିଡ଼ିଘର ଓ ଗୋଦାମ ଗୃହ ଭାବେ ବ୍ୟବହାର ହେଉଛି । ଦ୍ୱିତୀୟ ମହଲାରେ ଏକ ୱାଶିଂ ମେଶିନରୁ ନିଆଁ ବାହାରିଥିବା ଅନୁମାନ କରାଯାଇଛି । ପ୍ରଥମେ ତଳମହଲା ଲୁଗା ଦୋକାନରେ ବ୍ୟବସାୟ କରୁଥିବା ଜିତେନ୍ଦ୍ରଙ୍କ ସ୍ତ୍ରୀ ଏବଂ କର୍ମଚାରୀ ଦେଖିଥିଲେ । ଏହା ଜାଣିବା ପରେ ସ୍ଥାନୀୟ ଲୋକ ରୁଣ୍ଡହୋଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ । ପରେ ଅଗ୍ନିଶମ ବାହିନୀ ପହଞ୍ଚିଥିଲା ।


**HDFC BANK**
We understand your world

# AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 23-February-2026 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75700331 | SOUMYA RANJAN MAHANTA | 28400 | HDFC BANK LTD, BARBIL-JODA HIGHWAY, BARBIL, KEONJHAR-758035 |
| 2 | 76002474 | SMRUTI RAJ SAMAL | 36000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 3 | 4000905280 | MALAY RANJAN PARIDA | 483800 | HDFC BANK LTD, DURGA BAZAR, JAGATSINGHPUR, ODISHA-754103 |
| 4 | 75414355 | SIBA SAHOO | 308200 | |
| 5 | 75231173 | MANORANJAN MOHARANA | 305700 | |
| 6 | 75423140 | SK AZHAR UDDIN | 281100 | |
| 7 | 75488344 | ARATI DANDASENA | 16100 | HDFC BANK LTD, GANESH NAGAR, RENGALI, SAMBALPUR-768212 |
| 8 | 75975614 | DILESWAR BEHERA | 30000 | HDFC BANK LTD, HATATOTA, TALCHER, ANGUL-759100 |
| 9 | 4001018226 | PRASANT KUMAR MOHARANA | 302300 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 10 | 76058432 | PRASANT KUMAR MOHARANA | 108700 | |
| 11 | 75950766 | PRASANT KUMAR MOHARANA | 99700 | |
| 12 | 75282097 | P ANITA PATRA | 23400 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 13 | 4000738274 | BHRAMARABAR DALEI | 166000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 14 | 74772167 | SAUMITRI PARAMANIK | 53000 | |
| 15 | 75916889 | GANAPATI BISWAL | 251000 | |
| 16 | 4001023353 | SUBODH KUMAR PUROHIT | 73000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 17 | 75595631 | SURAJ KUMAR PATEL | 44200 | HDFC BANK LTD, MISSION ROAD, SUNDARGARH-770001 |
| 18 | 4000806826 | RAMACHANDRA NAYAK | 190000 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 19 | 74340649 | SRIKANTA KUMAR RANA | 71700 | |
| 20 | 74431251 | PADU BARIKA | 69700 | |
| 21 | 75709528 | GOPINATH KHARA | 120600 | |
| 22 | 75825853 | SADAN BHOI | 51000 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 23 | 4000851923 | MOHAMMAD WAASIF KHAN | 109000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 24 | 4000957211 | MOHAMMAD WAASIF KHAN | 48000 | |
| 25 | 75941602 | SABITA PALO | 298300 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 26 | 75976836 | HEMANTA KUMAR NAYAK | 455000 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 27 | 4000657191 | MAHENDRA KUMAR DAS | 321000 | |
| 28 | 75362552 | HATA KISHOR SAHU | 47200 | |
| 29 | 4000727262 | MAHENDRA KUMAR DAS | 30500 | |
| 30 | 75693910 | PRASANT ADITYA | 853800 | HDFC BANK LTD, PLOT NO 191, 204, 205, 206, UNIT - 36, SAMANTARAPUR, BHUBANESWAR-751014 |
| 31 | 75693452 | BADAL KUMAR ROUT | 94500 | |
| 32 | 75584785 | BIDYADHARA MOHARANA | 66000 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 33 | 76006989 | SATYANARAYAN HARICHANDAN | 208500 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 34 | 75103405 | FAKIR MOHAN BEHERA | 40000 | HDFC BANK LTD, PLOT NO-676/1249, JAYASREE CINEMA HALL ROAD, CHATRAPUR, GANJAM, ODISHA-761020 |
| 35 | 75871748 | KUNTI BEHERA | 116600 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 36 | 75877615 | SATCHIDANANDA DWARI | 55900 | |
| 37 | 76001274 | LAMBODAR JAL | 25500 | |
| 38 | 74652160 | JITENDRA KUMAR JENA | 99900 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 39 | 75819608 | SARASWATI MAHAPATRA | 24900 | HDFC BANK LTD, VIP PLAZA, VIP ROAD, PURI-752001 |
| 40 | 74219128 | JITENDRA KUMAR ROUT | 71400 | HDFC BANK LTD, MAHIPAL, KENDRAPARA-754211 |
| 41 | 76008941 | KAMALA SAMAL | 36800 | |
| 42 | 76012902 | RAJIB PANDA | 71900 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |

| S No | Loan No | Nominee/Borrower's Name | Loan Amount | Place of Auction (Branch Address) |
|---|---|---|---|---|
| 1 | 74772167 | NOMINEE-SUKANTI PARAMANIK, W/O-SAUMITRI PARAMANIK | 53000 | **HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030** |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 13/02/2026**
**Place : ODISHA**
**Sd/- Authorized Officer**
**HDFC BANK LTD.**



## "छत्तीसगढ़ शासन, वन एवं जलवायु परिवर्तन विभाग", धमतरी वनमंडल, धमतरी

**काष्ठागार धमतरी का ई-ऑक्सन का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्नानुसार किया जावेगा। इच्छुक वोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्ते एवं अन्य जानकारी कार्यालयीन दिवस व समय पर वनमंडल कार्यालय / वन काष्ठागार धमतरी से प्राप्त की जा सकती है।

**नीलाम दिनांक - 17 फरवरी 2026**
**नीलाम समय - प्रात: 9.00 बजे से**

**नीलाम में प्रस्तावित वनोपज की अनुमानित मात्रा**

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्ठा घ.मी. | बल्ली / खुंटा नग में | लट्ठा घ.मी. | बल्ली / खुंटा नग में | लट्ठा घ.मी. | बल्ली / खुंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | 85.739 | 2348 | 17.520 | 872 | 103.259 | 3220 |
| साल | 31.874 | 152 | - | - | 31.874 | 152 |
| बीजा | 11.218 | 98 | 28.232 | - | 39.450 | 98 |
| शीशम | 0.742 | 18 | - | - | 0.742 | 18 |
| हल्दु / मुण्डी | 4.331 | 26 | 11.968 | - | 16.299 | 26 |
| साजा | 20.991 | 235 | 17.974 | - | 38.965 | 235 |
| घावड़ा | 4.947 | 53 | 16.606 | - | 21.553 | 53 |
| स.मो. | 0.295 | 1 | - | - | 0.295 | 1 |
| पापड़ा | - | - | 2.101 | - | 2.101 | - |
| अन्य | 76.820 | 1354 | 40.137 | 95 | 116.957 | 1449 |
| योग | **236.957** | **4285** | **134.538** | **967** | **371.495** | **5252** |

**जलाऊ**

| प्रजाति | काष्ठागार धमतरी |
|---|---|
| | नया |
| अन्य | 97 चट्टा |
| योग:- | 97 चट्टा |

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।

**फोन: 07722-238371, फैक्स: 07722-236137** G-252606606/3 **स्वा. / - वनमंण्डलाधिकारी, धमतरी वनमंडल, धमतरी**



**ई0 प्रोक्योरमेन्ट सेल**
**कार्यपालक अभियंता का कार्यालय**
**भवन निर्माण विभाग, भवन प्रमण्डल, लातेहार**

**ई– प्रोक्योरमेन्ट नोटिस**

ई–टेन्डर रेफरेन्स नं0–12/2025-26/EE/BCD/LATEHAR दिनांक– 11.02.2026

| क्र0 सं0 | कार्य का नाम | प्राक्कलित राशि (रू0) | कार्य पूर्ण करने की अवधि |
|---|---|---|---|
| 1 | लातेहार जिलान्तर्गत बारियातु प्रखण्ड में 1000 MT क्षमता के गोदाम निर्माण। | 2,97,32,100 /- | 11 (Eleven) Months |

1. वेबसाईट पर निविदा प्रकाशन की तिथि :– 28 / 02 / 2026 को 11:00 बजे
2. बिड प्राप्ति के लिए अन्तिम तिथि / समय :– 16 / 03 / 2026 को 11:00 बजे
3. निविदा प्रकाशित करने वाले कार्यालय का नाम एवं पत्ता :– कार्यपालक अभियंता का कार्यालय, भवन निर्माण विभाग, भवन प्रमण्डल, लातेहार।
4. निविदा खोलने की तिथि / समय एवं स्थान :– 17 / 03 / 2026 को 11:30 बजे नोडल पदाधिकारी, ई0 प्रोक्योरमेन्ट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, राँची।
5. प्रोक्योरमेन्ट पदाधिकारी का सम्पर्क संख्या :–9431501121
6. ई–प्रोक्योरमेन्ट सेल का हेल्पलाईन संख्या :–8434414939
7. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
8. सूचना प्रौधोगिकी एवं ई–गवर्नेस विभाग, झारखण्ड सरकार के आदेश ज्ञापांक 120 दिनांक 03.10.2023 के द्वारा निर्गत SOP (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक 2229 दिनांक 06.10.2023 के आलोक में निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, SOP के तहत् अग्रधन की राशि उसी खाते में वापस होगी। अगर खाता को बंद कर दिया जाता है तो उसकी सम्पूर्ण जवाबदेही निविदादाता की होगी।
• अन्य किसी भी प्रकार के बदलाव की सूचना http://jharkhandtenders.gov.in पर देखा जा सकता है।

कार्यपालक अभियंता का कार्यालय
भवन निर्माण विभाग, भवन प्रमण्डल, लातेहार।

**PR 372909 Building(25-26)#D**



No.14001/6/2526

idco | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL)-I, IDCO, IDCO TOWER, BHUBANESWAR**

Tender Call Notice No.-BBSR/ELECT/E-4530/23-24/375 Dated : 06.02.2026

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

**Name of the Work : Construction of 11 KV line to provide power supply to upcoming industries at Gothapatna, I.E., Bhubaneswar**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect)-I, IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT/ e-150/2025-26 | 12.02.2026 at 17.00 Hrs. | 21.02.2026 at 17.00 Hrs. |

Further details can be seen from the e-procurement portal : www.tendersodisha.gov.in. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website**.

**Sd./- Divisional Head (Elect)-I**
**IDCO, Bhubaneswar**

**OIPR-14001/14003/1/25-26/0001**



**JHARIA REHABILITATION AND DEVELOPMENT AUTHORITY, DHANBAD**

**e-Procurement Notice**

**Tender Reference No: JRDA/CIVIL/25-26/50/182**

**Date: 11.02.2026**

| | | |
|---|---|---|
| 1. | Name of Work | Construction of Primary Health Centre PHC in Belgaria Township at Dhanbad (2nd Call) |
| 2. | Estimated Cost | Rs. 2,77,22,023.00 |
| 3. | EMD | Rs. 2,77,300.00 |
| 4. | Tender Document Cost | Rs. 10,000.00 |
| 5. | Time of Completion | 11 months |
| 6. | Date/Time from which bid is available for online bidding | 13.02.2026 at 01:00 PM |
| 7. | Last Date/Time for on-line submission of bids | 27.02.2026 at 03:00 PM |
| 8. | Date and Time of Bid Opening | 28.02.2026 at 04:00 PM |
| 9. | Name and Address of Officer inviting tender | Head of Department (Civil), JRDA, Dhanbad Hatia More, Golf Ground Road, Hirapur, Dhanbad - 826001 Jharkhand, India Email: infojrda.dhn@gmail.com |

Note : 1. Only e-tenders will be accepted.
2. Further details can be seen on website – https://jharkhandtenders.gov.in

Sd/-
**Head of Department (Civil), JRDA, Dhanbad**

**PR 372860 District(25-26).D**

## ମହିଳା ଏସ୍ଆଇଙ୍କୁ ମରଣାନ୍ତକ ଆକ୍ରମଣ,୨ ମହିଳା ଗିରଫ

ବ୍ରହ୍ମପୁର, ୧୨।୨(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ କାର୍ଯ୍ୟରତ ମହିଳା ଏସଆଇଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ୨ ମହିଳାଙ୍କୁ ବାନ୍ଧିଛି। ସେମାନେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଛଣମେରି ଗ୍ରାମର ବବି ରାଉଳ(୫୦) ଓ ତାଙ୍କ ଭଉଣୀ ଅଳକା ରାଉଳ (୪୩)। ପୋଲିସ ମାମଲା ନଂ ୬୭/୨୬ ରେ ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ପୂର୍ବରୁ ଉଭୟ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ପୋଲିସ ଘରୋଇ କଳିକୁ କେନ୍ଦ୍ରକରି ରୁଜୁ ହୋଇଥିବା ଦୁଇଟି ମାମଲାରେ ଗିରଫ ହୋଇଥିଲେ। ବୁଧବାର ରାତ୍ର ଉପରୋକ୍ତ ଉଭୟ ମହିଳାଙ୍କୁ ନ୍ୟାୟ ମିଳିନଥିବାରେ ସେମାନେ ଜିଲା ଜଜଙ୍କ ବାସଭବନ ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ବୈଦ୍ୟନାଥପୁର ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ସେଠାରେ ନବସିବାକୁ କହିଥିଲା। ହେଲେ ସେମାନେ ଉତ୍ତ୍ୟକ୍ତ ହୋଇ ପୋଲିସକୁ ଗାଳିଗୁଲଜ କରିଥିଲେ। ମହିଳା ପୋଲିସ ଏସଆଇ ପ୍ରିୟଙ୍କା ସାହୁ ସେମାନଙ୍କୁ ବୁଝାସୁଝା କରିବାରୁ ତାଙ୍କ ଚୁଟି ଧରି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଅନ୍ୟ ପୋଲିସ କର୍ମଚାରୀ ମହିଳା ପୋଲିସଙ୍କୁ ଉଦ୍ଧାର କରିଥିଲେ।

## ୯୨ କେଜି ଗଞ୍ଜେଇ ଜବତ, ୨ ଗିରଫ

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ବଡ଼ବଜାର ଥାନା ଫାଷ୍ଟଗେଟ ଛକ ନିକଟରୁ ବେଆଇନ ଭାବେ ଚାଲାଣ ହେଉଥିବା ୯୨ କେଜି ଗଂଜେଇ ଜବତ କରିଛି। ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କର୍ଣ୍ଣାଟକ ମନହଲିର ସବୀର ଅଲି (୨୬)ଓ ଗଜପତି ଅଢ଼ବାର ସାଇନୋଶ ନାଇକ(୨୪)। ନଂ ୬୧୮/୨୫-୨୬ ରେ ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ଏକ କାର (ନମ୍ବର ଏପି ୪୦ ସିଏଚ ୯୯୯୩ ) ଦ୍ୱାରା ଗଞ୍ଜାଇ ଚାଲାଣ ହେଉଥିବା ଖବର ପାଇ ବିଭାଗୀୟ କର୍ମଚାରୀ ଛକି ରହିଥିଲେ। ହ୍ମପୁର ସହର ଭିତରକୁ ପ୍ରବେଶ କରୁଥିବା ଉକ୍ତ କାରକୁ ଅଟକାଇ ଯାଞ୍ଚ ବେଳେ ୪ଟି ଜରି ବ୍ୟାଗରୁ ଉକ୍ତ ଗଞ୍ଜେଇ ଜବତ କରାଯାଇଥିଲା। ଜେରା ବେଳେ ସେମାନେ ଉକ୍ତ ଗଞ୍ଜେଇ ଗଜପତିରୁ ଆଣି ମୁମ୍ବାଇ ଚାଲାଣ କରୁଥିବା ବେଳେ ଧରାପଡିଥିବା କହିଛନ୍ତି। ଏନେଇ ଅବକାରୀ ବିଭାଗ ଡ଼ିଏସପି ସ୍ମୃତିକାନ୍ତ ରାଉତ ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ରମ୍ଭା,୧୨।୨(ବନବାସୀ ସେଠୀ)

ପିଏମଶ୍ରୀ ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୫ତମ ବାର୍ଷିକୋତ୍ସବ ପ୍ରାଧନ ଶିକ୍ଷକ ଗୋପୀନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଡ.ପ୍ରଭାତ କୁମାର ମହାପାତ୍ର, ମୁଖ୍ୟ ବକ୍ତା ପ୍ରଫେସର ଡ.ଅମ୍ଳାନଜ୍ୟୋତି ମହାନ୍ତି, ସମ୍ମାନିତ ବକ୍ତା ରୋଟାରୀଆନ ଡ.ପ୍ରଭାକର ତ୍ରିପାଠୀ, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ସମ୍ମାନିତ ଅତିଥି ସମାଜିକ କର୍ମୀ ସୁବାଷ ଚନ୍ଦ୍ର ପଣ୍ଡା, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ବେହେରା ଏବଂ ଉଦଘାଟକ ଭାବେ ପ୍ରାକ୍ତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମଞ୍ଚ ପରିଚାଳନା ଓ ଉପସ୍ଥାପନାରେ ଶିକ୍ଷୟିତ୍ରୀ ରୋଜାଲିନ ମହାପାତ୍ର ଓ ଶିକ୍ଷକ ଆଶିଷ କୁମାର ମହାପାତ୍ର ରହିଥିବା ବେଳେ ବାର୍ଷିକ ବିବରଣୀ ଶିକ୍ଷୟିତ୍ରୀ ଶ୍ରୀୟା ଦେବୀ ସ୍ୱାଇଁ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲେ।

## ରାସ୍ତା କାମରେ ଦୁର୍ନୀତି ଅଭିଯୋଗର ତଦନ୍ତ

କବିସୂର୍ଯ୍ୟନଗର,୧୨।୨(କୃପାସିନ୍ଧୁ ସ୍ୱାଇଁ) ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସିଏଚ ନୂଆଗାଁ ଠାରୁ ସିକିରି ପର୍ଯ୍ୟନ୍ତ ସିସି ରୋଡ଼ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ କବିସୂର୍ଯ୍ୟନଗର ବିଧାୟକ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ପାଇଁ ବିଭାଗୀୟ ଉଚ୍ଚ ଅଧିକାରୀ ଓ ମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇଛନ୍ତି । ଉକ୍ତ କାର୍ଯ୍ୟର ଯାଞ୍ଚ କରାଯାଇଛି। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ହିଞ୍ଜିଳିକାଟୁ ନେତା ଶିଶିର କୁମାର ମିଶ୍ର, ୱାର୍କ୍ସ ଡିପାର୍ଟମେଣ୍ଟ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ ବିଭିନ୍ନ ସ୍ଥାନରୁ ପିଚୁର ପରୀକ୍ଷା, ପ୍ରୋଟେସନ ୱାଲ, କଲଭର୍ଟ ଅନୁଧାନ କରାଯାଇଥିଲା। ବିଧାୟକ ଏହି ନିମ୍ନମାନର କାମ ସମ୍ପର୍କରେ ଉପରିସ୍ଥ ଅଧିକାରୀ ଓ ମନ୍ତ୍ରୀଙ୍କୁ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିକ୍ରିୟା ରଖିଛନ୍ତି।

# ସବୁ ବନ୍ଦ କଲେ, ଗହଳି କରି ଦାବି ରଖିଲେ


ଜେନନା ହସପିଟାଲ ରୋଡରେ ଜଣେ କର୍ମୀ ରାସ୍ତା ଓଗାଳୁଛନ୍ତି।



ବଡ ମେଡିକାଲ ରାସ୍ତାରେ ଇଫଟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ): ସର୍ବଭାରତୀୟ ଶ୍ରମିକ ସଂଗଠନ ପକ୍ଷରୁ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ୧୨ ଘଣ୍ଟିଆ ଧର୍ମଘଟ ହୋଇଛି। ଏହି ଧର୍ମଘଟକୁ କଂଗ୍ରେସର ସମର୍ଥନ ଦେଖିବାକୁ ମିଳିଥିଲା। ବିଭିନ୍ନ ଶ୍ରମ ସଂଗଠନର ନେତୃବୃନ୍ଦ ଗହଳି କରି ସବୁ ଅନୁଷ୍ଠାନ ବନ୍ଦ କରି ବିଭିନ୍ନ ଦାବି ରଖିଥିଲେ। କେନ୍ଦ୍ରୀୟ ଶ୍ରମିକ ସଂଗଠନ ଗୁଡ଼ିକ ପକ୍ଷରୁ ଶ୍ରମ କୋଡ଼ ବାତିଲ, ମନରେଗାର ପୁନଃ ପ୍ରଚଳନ, ଫସଲର ମୁଲ୍ୟ ନିର୍ଦ୍ଧାରଣ ପାଇଁ ଆଇନ,ସରକାରୀ ସମ୍ପତ୍ତିର ବିକ୍ରି ବନ୍ଦ କରିବା, ଦର କମାଇବା ,ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର କରିବା ଦାବିରେ ଧର୍ମଘଟ ବନ୍ଦ ଡାକରା ଦିଆଯାଇଥିଲା। ସକାଳେ ରେଳ ଷ୍ଟେସନ ଠାରେ ପିକେଟିଂ ଆରମ୍ଭ ହୋଇଥିଲା। ତାପରେ ପୋଷ୍ଟ ଅଫିସ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆରଡିସି, କୋର୍ଟ, ଟିପିଏସଓଡିଏଲ, ଏସଡିଓ, ତହସିଲ ଓ ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନ ଓ ପେଟ୍ରୋଲ ପମ୍ପଗୁଡିକ ବନ୍ଦ କରାଯାଇଥିଲା। ଏଥି ସହିତ ସ୍କୁଲ, କଲେଜ ବନ୍ଦ ଥିଲା। ବସ, ଟ୍ରକଗୁଡିକ ଚଳାଚଳ ବନ୍ଦଥିଲା। ଅପରାହ୍ନରେ ପୁଣି ବ୍ରହ୍ମପୁର ଚଳଚଞ୍ଚଳ ହୋଇ ଉଠିଥିଲା। ସେଭଳି କିଛି ଅପ୍ରୀତିକର ପରିସ୍ଥିତି ଉପୁଜିନଥିଲା। ପୋଲିସ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଥିଲା। ଇଫଟୁ ଦ୍ୱାରା ଅନୁବନ୍ଧିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ

### ବ୍ରହ୍ମପୁରରେ ଧର୍ମଘଟର ଆଂଶିକ ପ୍ରଭାବ

ଆଉଟସୋର୍ସିଂ କର୍ମଚାରୀ ବି ଏଥିରେ ସାମିଲ ହୋଇଯାଇଥିଲେ। ଏମକେସିଜି ମେଡିକାଲର ମୁଖ୍ୟ ଦ୍ୱାରାରେ ଗହଳି କରି କେନ୍ଦ୍ରର ଶ୍ରମିକ କର୍ମଚାରୀ ବିରୋଧି ୪ ଶ୍ରମ ସଂହିତାକୁ ବାତିଲ ଦାବି କରିଥିଲେ। ବଡ କମ୍ପାନୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ୨୯ ଶ୍ରମ ଆଇନକୁ ବାତିଲ କରି ସରକାର ଶ୍ରମିକଙ୍କ ଅଧିକାରକୁ ଛଡେଇ ନେଇଛନ୍ତି। ଶ୍ରମ ସଂସ୍କାର ନାଁରେ ସରକାର ସହ ଆଠ ଘଣ୍ଟା ପରିବର୍ତ୍ତେ ୧୦ ଘଣ୍ଟା ଶ୍ରମ ଦିବସ ଓ ମହିଳାଙ୍କୁ ରାତ୍ରୀ କାଳୀନ ଡ୍ୟୁଟି ଓ ଫିକ୍ସଡ଼ ଟର୍ମ ଏମ୍ପ୍ଲଇମେଣ୍ଟ ଭଳି କର୍ମଚାରୀ ବିରୋଧୀ ନୀତି ଲାଗୁ ଆରମ୍ଭ କରିଛନ୍ତି। ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଧର୍ମଘଟରେ ଆଇଏଫଟିୟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନଙ୍କ ସମେତ ପୌର କର୍ମଚାରୀ ନେତା ଉତ୍ତମ ନାୟକ, ଆଉଟସୋର୍ସିଂ କର୍ମଚାରୀ ନେତା ପ୍ରଶାନ୍ତ ପରିଛା, ସ୍ୱାସ୍ଥ୍ୟ କର୍ମଚାରୀ ନେତା ସୁନୀଲ ପାତ୍ର, ଏନଟିୟୁସି ପକ୍ଷରୁ ପ୍ରଶାନ୍ତ ପାଇଯୋଶୀ, ସିପିଆଇ ପକ୍ଷରୁ ଅଳି କିଶୋର ପଟ୍ଟନାୟକ, ଯୁଧିଷ୍ଠିର ବେହେରା ,ପ୍ରଶାନ୍ତ ପାଟଯୋଶୀ, ପ୍ରଦୀପ ସେଠି, ଭୋକଲି ସେଠି, ସୋମନାଥ ବେହେରା, ସତ୍ୟ ତ୍ରିପାଠୀ, ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର,ଗୋପାଳ ପାଣିଗ୍ରାହୀ, ବାବୁଲା ନାୟକ,ମଧୁ ବେହେରା,ଜି. ମୋହନ ରାଓ ପ୍ରମୁଖ ସାମିଲ ଥିଲେ।

## ନୂତନ ପ୍ରଜାତିର ଡ୍ରୋମ୍ବୁସ ମାଛ ସନ୍ଧାନ

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ):



ଜେଡଏସ୍ଆଇ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ମିଳିତ ଉଦ୍ୟମରେ ନୂତନ ପ୍ରଜାତିର ଗୋବି ଜାତୀୟ ଡ୍ରୋମ୍ବୁସ ମାଛ ସନ୍ଧାନ ମିଳିଛି। ୨୦୨୩ରେ ଗଞ୍ଜାମ ଜିଲାର ବାହୁଦା ମୁହାଣରେ ଜଣେ ଧୀବରଙ୍କ ଜାଲରେ ଏହା ପଡିଥିଲା। ଗବେଷିକା ସ୍ମୃତି ରେଖା ଆଚାର୍ଯ୍ୟ ଓ ଗବେଷକ ରାଜେଶ କୁମାର ବେହେରା ସେଠାରେ ପହଞ୍ଚି ଧୀବରମାନଙ୍କଠାରୁ ୯ ପ୍ରକାର ମାଛ ସଂଗ୍ରହ କରିଥିଲେ । ସେଗୁଡ଼ିକୁ ଆଣି ଗୋପାଳପୁର ଜେଡଏସଆଇ ପରୀକ୍ଷାଗାରରେ କେନ୍ଦ୍ରର ବୈଜ୍ଞାନିକ ଡ.ଅନଲ ମହାପାତ୍ର, ଶୁଭେନ୍ଦୁ ଶେଖର ମିଶ୍ର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଶେଷଦେବ ପାତ୍ର ପରୀକ୍ଷା କରିଥିଲେ। ଏହା ଭାରତ ପାଇଁ ପ୍ରଥମ ବୋଲି ଜଣାପଡିଥିଲା। ପରେ ଅନ୍ତର୍ଜାତୀୟ ପତ୍ରିକା ଜୋନାଲ ଅଫ ମେରାଇନ ବାୟୋଲୋଜିକାଲ ଆସୋସିଏଶନ ଅଫ ଦି ୟୁନାଇଟେଡ଼ କିଙ୍ଗ କେମ୍ବ୍ରିଜ ୟୁନିଭରସିଟି ପ୍ରେସରେ ପ୍ରକାଶିତ ହୋଇଛି। ଏହି ପ୍ରଜାତିର ମାଛ ଭାରତୀୟ ସମୁଦ୍ର ତଟରେ ପ୍ରଥମ ଥର ପାଇଁ ମିଳିଛି। ଏହି ସମପ୍ରଜାତି ଚିଲିକା ସମୁଦ୍ର ତଟରେ ୨ଟି ପ୍ରକାର ମାଛ ମିଳିଥିଲା। ପୃଥିବୀରେ ଏହି ମାଛର ୧୪ ପ୍ରଜାତି ରହିଛି। ଏହାର ଡ଼ି ଏନ ଏ ଟେଷ୍ଟ ପ୍ରଥମ ଥର ହୋଇଛି। ଏହି ମାଛ ବାଲିଗେଡ଼ା ଭଳି । ମୁହାଁଣ ଉପକୂଳ ବାଲି କାଦୁଓ ଅଞ୍ଚଳରେ ଏମାନେ ରୁହନ୍ତି। ଛୋଟ ପ୍ରଜାତି ଓ ବିଷାକ୍ତ ନ ଥିବାରୁ ଏହା ଖାଦ୍ୟ ଉପଯୋଗୀ। ଏହା ଉପରେ ଆହୁରି ଅଧିକ ଗବେଷଣା କରି ତଥ୍ୟ ସଂଗ୍ରହ କରାଯିବ ବୋଲି କେନ୍ଦ୍ରର ବୈଜ୍ଞାନିକ ଡ଼.ମହାପାତ୍ର କହିଛନ୍ତି।

## ନୀଳକଣ୍ଠନଗର ଏସ୍ଏସ୍ଭିଏମ୍‌ରେ ନିଷ୍କ୍ରମଣ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୨।୨(ଅଶୋକ କୁମାର ସାହୁ):

ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦଶମ, + ଦୁଇ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ନିଷ୍କ୍ରମଣ ଉତ୍ସବ ପାଳିତ ହୋଇଛି। ଉଭୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଆଗାମୀ ବୋର୍ଡ଼ ପରୀକ୍ଷାରେ ଉତ୍କର୍ଷତା ପ୍ରତିପାଦନ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରାରମ୍ଭରେ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ନାରାୟଣ ପଣ୍ଡା ଓ ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ ସ୍ୱାଗତ ଭାଷଣ, ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ ଅଭିଭାଷଣ ଦେଇଥିଲେ । ସ୍କୁଲ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମାଧ୍ୟମିକ ଶିକ୍ଷାପରିଷଦର ପ୍ରାକ୍ତନ ଉପସଚିବ ଡଃ. କୁଳମଣି ଓଝା ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ବିଜ୍ଞାନ ବିଭାଗର ଶ୍ରୀୟାଲିସା ଦେବୀ, ଆଶୁତୋଷ ସେଠୀ ଏବଂ ଅର୍ପିତା ଆଚାର୍ଯ୍ୟ ଶୈକ୍ଷିକ ଅନୁଭୂତି କହିଥିଲେ। ଅନୁଷ୍ଠାନର ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ ଛାତ୍ରୀଛାତ୍ରଙ୍କୁ ଜଣେ ଉତ୍ତମ ନାଗରିକ ଭାବେ ନିଜକୁ ପ୍ରସ୍ତୁତ କରିବାକୁ ଶପଥ ପାଠ କରାଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ସ୍ୱରାଜ୍ୟ ମାଝି ଓ ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟ ପରିଚାଳନା ସମିତିର କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ହରିକୃଷ୍ଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିଚାଲାଣ ପ୍ରତିବାଦରେ ବିଜେଡିର ବାଇକ୍ ଶୋଭାଯାତ୍ରା

ଆସିକା,୧୨।୨(ସୁରେନ୍ଦ୍ର ନାଥ ସାହୁ)



ବଆସିକା ସହର ଉପକଣ୍ଠ ଋଷିକୂଲ୍ୟା ଓ ବଡନଦୀର ବିଭିନ୍ନ ଘାଟରୁ ବେଆଇନ ବାଲି ଚାଲାଣ ପ୍ରତିବାଦରେ ଗୁରୁବାର ଆସିକା ବିଜେଡି ପକ୍ଷରୁ ବାଇକ ଶୋଭାଯାତ୍ରା ହୋଇଥିଲା । ବିଜେଡି ଯୁବନେତା ନଚିକେତା ସ୍ୱାଇଁ ଓ କେନ୍ଦୁପଦର ସରପଞ୍ଚ ଭବାନୀ ଶଙ୍କର ମଳିକ (ଟୁଟୁ)ଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା କେନ୍ଦୁପଦର ଗ୍ରାମରୁ ବାହାରି ଗହଙ୍ଗୁ, ଚନ୍ଦନପେଢି, ଧନିଜା, ପଢାଳ, କେନ୍ଦୁପଦର, ନରସିଂହପଲ୍ଲୀ ଆଦି ବାଲିଘାଟକୁ ଯାଇ ବେଆଇନ ବାଲି ଚାଲାଣର ଦୃଢ ପ୍ରତିବାଦ କରାଯାଇଥିଲା। ତୁରନ୍ତ ଏହା ବନ୍ଦ ନହେଲେ ଦଳ ପକ୍ଷରୁ ଆଗକୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ତେବେ ଶୋଭାଯାତ୍ରା ଲାଗି ଆନ୍ଦୋଳନକାରୀଙ୍କ ପକ୍ଷରୁ ପୋଲିସର କୌଣସି ଅନୁମତି ନଥିବା ଦର୍ଶାଇ ରାଲିକୁ ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ଥାନା ଅଧିକାରୀ କୁଳମଣି ସେଠୀ, କୋଟିନଡା ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରମୁଖ ବନ୍ଦ କରିଥିବା ଜଣାପଡିଛି ।

## ଅନ୍ତର୍ଜାତୀୟ ବାୟୁ ପ୍ରତିରକ୍ଷା, ସୁରକ୍ଷା ସମ୍ମିଳନୀ ଉଦ୍‌ଘାଟିତ

ଗୋପାଳପୁର,୧୨।୨(ନବୀନ ରାଜ ଆଚାରୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

କନିସି ତହସିଲ ଅଧିନସ୍ଥ ପାଲୁର ହିଲ ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଅନ୍ତର୍ଜାତୀୟ ବାୟୁ ପ୍ରତିରକ୍ଷା ଓ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଙ୍ଗାଲୁର ଡିଆରଡିଓ ମହାନିର୍ଦ୍ଦେଶକ ଡ.ବିନୟ ଦାସ ଯୋଗଦେଇ ଆଜିକା ଦୁନିଆରେ ବାୟୁ ପ୍ରତିରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ଏକ ଶାନ୍ତିପ୍ରିୟ ଦେଶ। ଦେଶରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଦେଶ ଛାଡ଼ି ଗଲେ ମଧ ମାଆ ପାଇଁ ଓ ମାତୃଭୂମି ପାଇଁ କାମ କରିବାକୁ ପଡ଼ିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି, ମେକାନିକାଲ ଏୟାର ଡିଫେନ୍ସ ବ୍ରିଗେଡିୟର ସିଦ୍ଧାର୍ଥ ମଲିକ, ଆର୍ମି ଏୟାର ଡିଫେନ୍ସ କଲେଜ ଗୋପାଳପୁରର କମାଣ୍ଡର କର୍ଣ୍ଣେଲ ମନୋଜ ଯାଦବ, ବୈଜ୍ଞାନିକ 'ଜି' ତଥା ଆଇଟିଆର ଚାନ୍ଦିପୁରର ଅତିରିକ୍ତ ନିର୍ଦ୍ଦେଶକ ଡ.ନୀଳାଦ୍ରି ରାୟ, ସ୍ୱତନ୍ତ୍ର ଅତିଥି ଅବସରପ୍ରାପ୍ତ ମେଜର ଜେନେରାଲ ଅତନୁ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ମାଲେସିଆ ଟେଲର ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ.ନୁର ଜମାନ ଖାଞ୍ଜି, ତୁର୍କୀର କାପାଡୋସିଆ ବିଶ୍ୱବିଦ୍ୟାଳୟର ଅଧାପକ ଡ.ଅଲିୟସ ଯୋଗ ଦେଇଥିଲେ। ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ.ସୁକାନ୍ତ କୁମାର ମହାପାତ୍ର ଉଦ୍‌ଘାଟନ ଭାଷଣ ଦେଇଥିବା ବେଳେ କୁଳପତି ଡ.ପ୍ରିୟଦର୍ଶନ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ସମାନ୍ତରାଳ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ମନୋନୀତ ଲେଖକମାନେ ଅନୁମୋଦିତ ସମ୍ମିଳନୀ ଉପ-ବିଷୟ ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏକ ଭେଣ୍ଡର ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଥିଲା। ଯାହା ପ୍ରତିରକ୍ଷା ସମ୍ବନ୍ଧୀୟ ପ୍ରଯୁକ୍ତି ଏବଂ ଗବେଷଣା ପଦକ୍ଷେପ ପ୍ରଦର୍ଶନ ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା। ଅଂଶୁମାନ ରାୟ, ରୋମସ୍ ଇଣ୍ଟେଲ୍ (ହାଇବ୍ରିଡ୍ ମୋଡ୍), ବାଙ୍ଗାଲୋରର ବରିଷ୍ଠ ବୈଜ୍ଞାନିକ ବରିଷ୍ଠ ପ୍ରମୁଖ ବୈଜ୍ଞାନିକ, ସିଏସ୍ଆଇଆର ଏନ୍ଏଲ ଡ଼. ବାଲାମତୀ ଚୌଧୁରୀ ଯୋଗ ଦେଇଥିଲେ। ବିଭିନ୍ନ ବିଷୟର ସନ୍ଦର୍ଭରେ ୩୫୦ରୁ ଉର୍ଦ୍ଧ୍ୱ ଆସିଥିବା ବେଳେ ସେଥି ମଧ୍ୟରୁ ୫୭ ଟିକୁ ଆଇଇଇଇ ସମ୍ମିଳନୀରେ ପ୍ରକାଶ କରିବା ଗ୍ରହଣ କରାଯାଇଥିଲା। ଡିଆରଡିଓ ପକ୍ଷରୁ ପ୍ରାୟୋଜିତ କରାଯାଇଥିଲା। ଏହି ଅବସରରେ ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ, ଡ.ମାନସ ପାତ୍ର, ଡ.ପ୍ରୀତି ରଞ୍ଜନ ସାହୁ, ଡ. ମାନବେନ୍ଦ୍ର ପାତ୍ର, ଡ. ସସ୍ମିତା ପାଢ଼ୀ, ଡ.ବ୍ରଜ କିଶୋର ମିଶ୍ର, ଡ.ଗାୟତ୍ରୀ ପଣ୍ଡା, ଡ.ଚାରୁଲତା ପଲାଇ, ଡ.ରତିକାନ୍ତ ନାୟକ, ପ୍ର ଦୁର୍ଗା ମାଧବ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

## ଗଞ୍ଜାମ ବାର୍ ଆସୋସିଏସନର ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀ ଓ ବ୍ରାହ୍ମାକୁମାରୀ ଭଉଣୀ।

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ବାର ଆସୋସିଏସନ ପକ୍ଷରୁ ସଭାପତି ମନୋଜ ପଟ୍ଟନାୟକଙ୍କ ପୌରୋହିତ୍ୟରେ ବ୍ରହ୍ମକୁମାରିସେ, ନ୍ୟାୟବାଦୀ ୱିଙ୍ଗ ବ୍ରହ୍ମକୁମାରିସ ଏବଂ ଗଞ୍ଜାମ ଓକିଲ ସଙ୍ଘର ମିଳିତ ଆନୁକୂଲ୍ୟରେ ଗଞ୍ଜାମ ବାର ଆସୋସିଏସନ କନଫରେନ୍ସ ହଲ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଛି। ଜାତୀୟ ସଂଯୋଜକ, ଆଇନବିଦ ଶାଖା, ବ୍ରହ୍ମକୁମାରୀସ, ଆରଇଆରଏଫ, ମାଉଣ୍ଟଆବୁ ରାଜଯୋଗିନୀ ବି.କେ. ଲତା ଅଗ୍ରୱାଲ ଏବଂ ଉପସଭାପତି, ଆଇନବିଦ ଶାଖା, ବ୍ରହ୍ମକୁମାରୀସ, ପୂର୍ବତନ ମୁଖ୍ୟ ବିଚାରପତି ବି.ଡି.ରାଠି ଅତିଥି ଭାବେ ଉପସ୍ଥିତ ରହି ମୂଲ୍ୟଭିତ୍ତିକ ନ୍ୟାୟ ଉପରେ ଜାତୀୟ ଅଭିଯାନ:ଆଇନର ଆତ୍ମା ବିଷୟରେ ଉଲ୍ଲେଖ କରିଥିଲେ। ଉପ-ସଭାପତି ଟି.କେ ରେଡ୍ଡୀ,ସମ୍ପାଦକ ଟି. ଭେଙ୍କଟ ରାଓ,ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

## ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ଡିଜାଇନ ହାକାଥନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ଶୀତଳାପଲ୍ଲୀ ସ୍ଥିତ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ପରିସରରେ ଉଚ୍ଚ-ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସ୍ୱଦେଶୀ ନବୋନ୍ମେଷକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏକ ୨୪-ଘଣ୍ଟିଆ ଡିଜାଇନ ହାକାଥନ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମଟି 'ଭେଡିକ' ଏରୋସ୍ପେସ, ଅଟୋମୋଟିଭ, ପ୍ରତିରକ୍ଷା ଏବଂ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ବିପିୟୁଟିର ସେଣ୍ଟର ଅଫ ଏକ୍ସଲେନ୍ସ ଦ୍ୱାରା ଯାନ୍ତ୍ରିକ ପ୍ରକୌଶଳ (ମେକାନିକାଲ ଇଞ୍ଜିନିୟରିଂ) ବିଭାଗ ଏବଂ 'ଆଇଡିଆ ଆଣ୍ଡ ଇନୋଭେସନ ସେଲ'ର ମିଳିତ ସହଯୋଗରେ ଆୟୋଜିତ ହୋଇଛି। ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ଇଞ୍ଜିନିୟରିଂ ଅନୁଷ୍ଠାନରୁ ଛାତ୍ରଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆଧୁନିକ ଶିଳ୍ପ ସମସ୍ୟାର ଅଭିନବ ସମାଧାନ ବାହାର କରିବାକୁ ପ୍ରୟାସ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ଛାତ୍ର ମଙ୍ଗଳ ବିଭାଗର ଡିନ ପ୍ରଫେସର ଡ଼. ଶରତ କୁମାର ସାହୁ ଉଦଘାଟନ କରିଥିଲେ। ଯାନ୍ତ୍ରିକ ପ୍ରକୌଶଳ ବିଭାଗର ମୁଖ୍ୟ ଅନୁକମ୍ପା ଚ୍ୟାଉ ପଟ୍ଟନାୟକ, ଆଇଡିଆ ଆଣ୍ଡ ଇନୋଭେସନ ସେଲ୍ର ପ୍ରଫେସର-ଇନ-ଚାର୍ଜ ଡ. ଦେବାଶିଷ ମହାପାତ୍ର, ଲେଫ୍ଟନାଣ୍ଟ ସନ୍ଦୀପ ଭୋଇ ଏବଂ ଯାନ୍ତ୍ରିକ ପ୍ରକୌଶଳ ବିଭାଗର ସହକାରୀ ପ୍ରଫେସର ସାଗର କୁମାର ମୁର୍ମୁ ଉପସ୍ଥିତ ଥିଲେ। ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳକୁ ୧୫,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ଡ. ବାଲାଜୀ କୁମାର ଚୌଧୁରୀ ଧନ୍ୟବାଦ ଦେଇଥିଲେ।

# ତୃଣମୂଳ ସଙ୍ଗଠନକୁ ନେଇ ବିଜେଡିର ଚିନ୍ତା

ବ୍ରହ୍ମପୁର,୧୨।୨(ଅଶୋକ କୁମାର ସାହୁ)


ନୀବନ ନିବାସରେ ଗଞ୍ଜାମ ବିଜେଡିର ନେତୃବୃନ୍ଦ।

ଗଞ୍ଜାମ ଜିଲାରେ ବିଜେଡିର ତୃଣମୂଳସ୍ତରରେ ସଂଗଠନ ଦୋହଲିବାରେ ଲାଗିଛି। ଦୀର୍ଘ ୨୪ ବର୍ଷ ହେଲା ବିଜେଡି ଶାସନ କରିବା ପରେ ଏବେ ପରାଜୟର ସ୍ୱାଦ ଚାଖିଛି। ଭାଜପା ଶାସନକୁ ଆସିବା ପରେ ତୃଣମୂଳସ୍ତରରେ ବିଜେଡିର ଯେଉଁ ଦବଦବା ରହିଛି ତାହା ଉଣା ଅଧିକେ ଭୁଷୁଡିବାରେ ଲାଗିଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଥିଲେ ବି ତାହା ଠିକ ଅଛି ବୋଲି ବିଜେଡି ବାହାସ୍ଫୋଟ ମାରୁଛି। କିନ୍ତୁ ବିଜେଡିରେ ପୂର୍ବରୁ ଥିବା କିଛି ଅସନ୍ତୁଷ୍ଟ ନେତା ଭାଜପା ମୁହାଁ ହେବା ଚର୍ଚ୍ଚା ହେବାରୁ ତାହା ବିଜେଡିକୁ ଅଡୁଆ ପରିସ୍ଥିତି ଆଡକୁ ଟାଣି ନେଉଛି। ସାରା ରାଜ୍ୟରେ ଏଭଳି ଚାଲିଥିବାବେଳେ ଗଞ୍ଜାମ ବି ସେଥିରୁ ବାଦ ପଡିନାହିଁ। ଏଣେ ଜିଲା ବିଜେଡି ସଭାପତି ବିକ୍ରମ ପଣ୍ଡା ପୀତବାସ ହତ୍ୟା ମାମଲାରେ ଜେଲରେ ଥିବା ଓ ସେ ଅସୁସ୍ଥ ହୋଇପଡିବା ବିଜେଡିକୁ ଆହୁରି ଦୁର୍ବଳ କରିଦେବା ଆଶଙ୍କା ଥିବାରୁ ଗଞ୍ଜାମ ଉପରେ ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଆଖି ରହିଛି। ତେଣୁ ଭଗବାନ ଗନ୍ତାୟତ ଓ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁଙ୍କୁ ନୂତନ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରି ତୃଣମୂଳସ୍ତରକୁ ସଂଗଠିତ କରିବାକୁ ନବୀନ ଚାହୁଁଛନ୍ତି। ତେଣୁ ମଙ୍ଗଳବାର ନବୀନ ନିବାସରେ ଗଞ୍ଜାମର ପୁରୁଖା ବିଜେଡି ନେତାଙ୍କୁ ନେଇ ଏକ ବୈଠକ ହୋଇଯାଇଛି। ତେବେ ବୈଠକର ଆଲୋଚନାରୁ ଜଣାପଡିଛି ଯେ, ପୂର୍ବରୁ ଗଞ୍ଜାମର ଅଧିକାଂଶ ପୌରଞ୍ଚଳ ବିଜେଡି ହାତରେ ଥିଲା। ଏବେବି ଅନେକ ରହିଛି। ଏବେ ପୌର ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ସମସ୍ତେ ଏକାଠି ହୋଇ କାମ କରିବାକୁ ନବୀନ ମନ୍ତ୍ର ଫୁଙ୍କିଛନ୍ତି। ଗଞ୍ଜାମରେ ଏବେ ନୂଆ କରି ୭ ପୌରାଞ୍ଚଳ ଘୋଷିତ ହୋଇଛି। ସେଠାରେ ପ୍ରଥମ କରି ନିର୍ବାଚନ ହେଉଥିବାରୁ ସେଥିପାଇଁ ନୂଆ ରଣନୀତି ପ୍ରସ୍ତୁତ କରିବାକୁ ନବୀନ କୁଆଡ଼େ କହିଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହନ୍ତି ଯେ, ନବୀନଙ୍କ ସହ ଆଲୋଚନା ସୌଜନ୍ୟମୂଳକ ଥିଲା। ବିଜେଡି ଅମଳରେ ଯାହା କାମ ହୋଇଥିଲା ତାହାକୁ ଭାଜପା ସରକାର ପୂରଣ କରିବାରେ ବିଫଳ ହୋଇଛି। ନାରୀ ନିର୍ଯ୍ୟାତନାଠାରୁ ଆରମ୍ଭ କରି ଧାନର ଅଭାବୀ ବିକ୍ରି ଅଣାୟତ୍ତ ହୋଇପଡିଛି। ସଂଗଠନର କର୍ମୀମାନେ ଗାଁ ଗାଁରେ ଏକ ହୋଇ ରହିଛନ୍ତି। ତେଣୁ ଗାଁ ସଂଗଠନକୁ ମଜଭୁତ କରିବାକୁ ନବୀନ କହିଥିବା ସେ କହିଛନ୍ତି। ବିଜେଡି ଅମଳରେ ଅନେକ ବିକାଶ ହୋଇଛି। ତେଣୁ ଗ୍ରାମାଞ୍ଚଳ ଓ ପୌରାଞ୍ଚଳଗୁଡିକରେ ବିଜେଡିର ଲୋକପ୍ରିୟତା ରହିଛି। ତେଣୁ ଭାଜପା ସରକାର ଆସିବା ପରେ ଲୋକେ କିଭଳି ସମସ୍ୟାଗ୍ରସ୍ତ ହୋଇପଡିଛନ୍ତି ତାକୁ ନେଇ ବିଜେଡି ଗାଁ ମୁହାଁ ହେବ। ଗାଁରେ ଲୋକଙ୍କୁ ଏକତ୍ର କରିବ। ଦଳ ବି ଏକ ହୋଇ ଆଗାମୀ ନିର୍ବାଚନରେ ସବୁ ପୌରାଞ୍ଚଳ ଓ ସମସ୍ତ ପଞ୍ଚାୟତ ହାତକୁ ଆଣିବାକୁ ଚେଷ୍ଟା କରିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ନୂତନ କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତଙ୍କୁ ପଚାରିବାରୁ ସେ କହିଲେ ଯେ, ନୂଆ ସଭାପତି ଦାୟିତ୍ୱ ମିଳିବା ପରେ ଏହା ସୌଜନ୍ୟମୂଳକ ସାକ୍ଷାତ ଥିଲା। ନବୀନ ବାବୁ ଯାହା ଦାୟିତ୍ୱ ଦେଇଛନ୍ତି ତାହାକୁ ପୂରଣ କରିବାକୁ ଚେଷ୍ଟା କରାଯିବ। ଯେଭଳି ବିଜେଡି ପୁଣି ଶାସନକୁ ଆସିବ ସେଥିନେଇ ଉଦ୍ୟମ କରାଯାଉଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ବିଏମସି ମେୟର ସଂଘମିତ୍ରା ଦଳେଇଙ୍କୁ ପଚାରିବାରୁ ସେ କହିଲେ ଯେ, ଭାଜପା ସରକାର ଆସିଲେ ବି ବିଜେଡିର ଲୋକପ୍ରିୟତା କମିନାହିଁ। ରାଜନୈତିକ ମହଲରେ ଅନେକ ଚର୍ଚ୍ଚା ହେଉଥିଲେ ବି ବିଜେଡି ଏକ ବିକଶିତ ଦଳ, ବିକାଶକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ଲୋକେ ଠିକ ବୁଝିଛନ୍ତି। ଦଳ ବି ଏକ ହୋଇ ରହିଛି। ନବୀନଙ୍କ ନିର୍ଦ୍ଦେଶରେ ତୃଣମୂଳସ୍ତରରେ ଦଳକୁ କିଭଳି ସୁଦୃଢ଼ କରାଯିବ ସେଥିପାଇଁ ଉଦ୍ୟମ ଅବ୍ୟାହତ ରହିଛି ଓ ରହିବ ମଧ୍ୟ ବୋଲି ସେ କହିଥିଲେ। ଏହି ଆଲୋଚନାରେ ନୂତନ କାର୍ଯ୍ୟକାରୀ ଜିଲା ସଭାପତି ଭଗବାନ ଗନ୍ତାୟତ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଚନ୍ଦ୍ରଶେଖର ସାହୁ, ଭୃଗୁ ବକସିପାତ୍ର, ବିଏମସି ମେୟର ସଂଘମିତ୍ରା ଦଳେଇ, ସୁବାଷ ମହାରଣା, ସୁବାସ ବେହେରା, ମଞ୍ଜୁଳା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ନଚିକେତା ସ୍ୱାଇଁ ଜିଲା ଯୁବ ବିଜେଡି ସଭାପତି



ଆସିକା,୧୨।୨(ସୁରେନ୍ଦ୍ର ନାଥ ସାହୁ): ନଚିକେତା ସ୍ୱାଇଁ ଗଞ୍ଜାମ ଜିଲା ଯୁବ ବିଜେଡି ସଭାପତି ଭାବେ ମନୋନୀତ କରାଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପକ୍ଷରୁ ବୁଧବାର ଜାରି କରାଯାଇଥିବା ବିଜ୍ଞପ୍ତି ମାଧ୍ୟମରେ ଏହା ଜଣାଇ ଦିଆଯାଇଛି। ଏହି ଖବର ଜଣାପଡିବା ପରେ ଆସିକା ବିଜେଡିରେ ଖୁସି ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଦଳର ଯୁବ ସଂଗଠନକୁ ସକ୍ରିୟ କରିବା ଦିଗରେ ନଚିକେତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ନୂଆ ପଦବୀ ମିଳିବା ପରେ ଦଳର ଯୁବ ସଂଗଠନକୁ ଅଧିକ ଗତିଶୀଳ କରିବାରେ ଏହା ସହାୟକ ହେବ ବୋଲି କୁହାଯାଇଛି। ନଚିକେତାଙ୍କୁ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଦିଆଯାଇଛି।

# ଅଙ୍ଗଦାନ କରି ଅମର ହୋଇଗଲେ ଆଶିଷ

ଭଞ୍ଜନଗର,୧୨।୨(ବାବୁଲା ପ୍ରଧାନ) ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ବଡ଼କୋଦଣ୍ଡାର ଆଶିଷ ସାହୁ ଦୁର୍ଘଟଣାରେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ଗତ ୭ ତାରିଖରେ ଡାକ୍ତର ତାଙ୍କର ବ୍ରେନ୍ ଡେଡ୍ ଘୋଷଣା କରିଥିଲେ। ତାଙ୍କର ଅଙ୍ଗଦାନ କରିବା ପାଇଁ ଜଣେ ସମ୍ପର୍କୀୟ ଭଉଣୀ ଆଶିଷଙ୍କ ପରିବାର ଲୋକଙ୍କୁ ବୁଝାଇଥିଲେ। ପରିବାର ଲୋକେ ସମ୍ମତି ଜଣାଇବା ପରେ ଗତ ୧୦ତାରିଖରେ ଆଶିଷଙ୍କ ଲିଭର୍



ଓ କିଡନୀ ୩ ଜଣଙ୍କୁ ପ୍ରଦାନ କରାଯାଇଥିଲା। ଆଶିଷ ୩ ଜଣଙ୍କୁ ବଞ୍ଚାଇ ଅମର ହୋଇଯାଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ଗାର୍ଡ ଅଫ ଅନର ସହ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।ଆଶିଷ ଭୁବନେଶ୍ୱରରେ ଏକ ଘରୋଇ

### ପୁରୀ ସ୍ୱର୍ଗଦ୍ୱାରରେ ଦିଆଗଲା ଗାର୍ଡ ଅଫ୍ ଅନର୍

ଶିକ୍ଷାନୁଷ୍ଠାନରେ ଡିଏମ ଏଲ୍‌ଟି ପଢୁଥିଲେ। ବାପା ତ୍ରିପତି ସାହୁ ଶ୍ରମିକ କାମ କରୁଥିଲେ। ପରିବାର ଚଳିବା କଷ୍ଟକର ହେଉଥିଲା। ମଝିରେ ମଝିରେ ଆଶିଷ ପାର୍ଟ ଟାଇମ କାମ ଭାବେ ଏକ ବିବାହ ମଣ୍ଡପରେ କ୍ୟାଟରିଂ ବୟ କାମ କରୁଥିଲେ। ଗତ ୪ ତାରିଖରେ କାମ ସାରି ତାଙ୍କ ସାଙ୍ଗ ଯାଜପୁର ଜିଲା ମଙ୍ଗଳପୁର ଅଞ୍ଚଳର ଜଣେ ଯୁବକଙ୍କ ସହ ବାଇକ୍‌ରେ ଭୁବନେଶ୍ୱର ଭଡ଼ାଘରକୁ ଫେରୁଥିଲେ। ବାଟରେ ପୁରୀ ବାଇପାସ ରାସ୍ତା ରେବତୀ ନଗର ନିକଟରେ ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସାଙ୍ଗଙ୍କ ମୃତ୍ୟୁ ଘଟିଥିବା ବେଳେ ଆଶିଷ ଗୁରୁତର ହୋଇଥିବାରୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପରେ ଆଶିଷଙ୍କୁ ଏସ୍‌ସିବି ମେଡ଼ିକାଲ କଲେଜ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ପରେ ବି ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ନ ଥିଲା। ଡାକ୍ତର ବ୍ରେନ ଡେଡ୍ ଘୋଷଣା କରିଥିଲେ।

## ଭାଜପାର ସମର୍ପଣ ଦିବସ ପାଳିତ

ଦାରିଙ୍ଗବାଡ଼ି, ୧୨।୨ (ଅରୁଣ ସାହୁ) ଦାରିଙ୍ଗବାଡ଼ି ବ୍ଲକ୍ କିରିକୁଟି ପଞ୍ଚାୟତ ଭାଜପାର ଶକ୍ତିକେନ୍ଦ୍ରରେ ଚଳିତ ବଜେଟ ଉପସ୍ଥାପନା ଏବଂ ଭାଜପାର ସମର୍ପଣ ଦିବସ ପାଳିତ ହୋଇଛି। ଏଥିରେ ଭିବି ଜୀ ରାମଜୀ ଯୋଜନାର ମଣ୍ଡଳ ସଂଯୋଜକ ରଞ୍ଜନ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦଳର ଜିଲା ସଭାପତି ପଣ୍ଡିତ ବିଶିମାଝି ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ ଜିଲା ସାଧାରଣ ସମ୍ପାଦକ ସୁକାନ୍ତ ସାହୁ, ଜିଲା ସମ୍ପାଦକ ସନ୍ତୋଷ ସାହୁ , ମଣ୍ଡଳ ସଭାପତି ମିଟୁ ସାହୁ ଯୁବ ମୋର୍ଚ୍ଚା ସଭାପତି ରୁଦ୍ର ନାରାୟଣ ବେହେରା, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ମହେନ୍ଦ୍ର ପ୍ରସାଦ ଦାସ, କିରିକୁଟି ପଞ୍ଚାୟତର ସରପଞ୍ଚ ମଧୁସ୍ମିତା ପ୍ରଧାନ, କିରିକୁଟି ସମିତିସଭ୍ୟ, ତଥା ବରିଷ୍ଠ କାର୍ଯ୍ୟକର୍ତ୍ତା ବିଷ୍ଣୁ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ସରକାରଙ୍କ ପକ୍ଷରୁ ଚଳିତ ବଜେଟ ଉପସ୍ଥାପନା ସମ୍ପର୍କରେ ପଞ୍ଚାୟତବାସୀଙ୍କୁ ସଚେତନ କରାଇଥିଲେ।

## ୩୦ କିମି ଅଟୋରେ ଆସିଲେ ଗର୍ଭବତୀ



### ଆସିଲାନି ଆମ୍ବୁଲାନ୍ସ

ବାଲିଗୁଡା,୧୨।୨(ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡ଼ା ଉପଖଣ୍ଡରେ ଜରୁରୀ କାଳୀନ ରୋଗୀଙ୍କୁ ଆବଶ୍ୟକ ସମୟରେ ଆମ୍ବୁଲାନ୍ସ ସେବା ମିଳୁ ନ ଥିବା ଅଭିଯୋଗ ହୋଇଛି। ଜଣେ ଗର୍ଭବତୀ ମହିଳାଙ୍କ ପରିବାର ଲୋକେ ଆମ୍ବୁଲାନ୍ସକୁ ଘଣ୍ଟାଘଣ୍ଟା ଅପେକ୍ଷା କରିବା ପରେ ଶେଷରେ ଜଣେ ଦୀର୍ଘ ୩୦ କିଲୋମିଟର ଅଟୋରେ ବାଲିଗୁଡା ଉପଖଣ୍ଡ ଡାକ୍ତରଖାନାରେ ପହଞ୍ଚିଛନ୍ତି। ଅଟୋଭଡା ବାବଦ ତାଙ୍କୁ ୧୨ ଶହ ଟଙ୍କା ଗଣିବାକୁ ପଡିଛି। ସ୍ୱାସ୍ଥ୍ୟସେବା ବାବଦରେ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ହେଁ ଏହି ଉପଖଣ୍ଡରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବାଲିଗୁଡା ବ୍ଲକ୍ ଅନ୍ତର୍ଗତ ପରମପଙ୍ଗା ପଞ୍ଚାୟତର ଗୁମୁଡୁମାହା ଗ୍ରାମର ଶିବାନୀ ମଳିକ ଗର୍ଭ ଯନ୍ତ୍ରଣା ଭୋଗିଥିଲେ। ବାଲିଗୁଡା ଡାକ୍ତରଖାନା ନେବାକୁ ପରିବାର ଲୋକେ ୧୦୮ ଓ ୧୦୨ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ହେଲେ ବହୁ ସମୟ ଅପେକ୍ଷା ପରେ ବି ଆମ୍ବୁଲାନ୍ସ ନ ପହଞ୍ଚିବାରୁ ବାଧ ହୋଇ ତାଙ୍କୁ ଏକ ଭଡା ଅଟୋରେ ଗୁମୁଡୁମାହା ଗ୍ରାମରୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବା ଜଣାପଡିଛି।

# ନିଖୋଜ ଯୁବକଙ୍କ ମୃତଦେହ ପୋଖରୀରୁ ଜବତ

## ହତ୍ୟା ସନ୍ଦେହରେ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁରର ତଦନ୍ତ

ଚକାପାଦ/ବାଲିଗୁଡ଼ା,୧୨।୨ (ପ୍ରତାପ କିଶୋର ବେହେରା/ ସଞ୍ଜୟ କୁମାର ପାଣିଗ୍ରାହୀ) ଚକାପାଦ ବ୍ଲକ୍ ଶଙ୍ଖାରାଖୋଲ ଗ୍ରାମର ଜଣେ ନିଖୋଜ ଯୁବକଙ୍କ ମୃତଦେହ ଗୁରୁବାର ଅଡ଼ାବାଡି ପୋଖରୀରୁ ଜବତ କରାଯାଇଛି। ସେ ହେଲେ ଭେଙ୍କେଟ ପତି ନିତାନ୍ତ ପ୍ରଧାନ (୩୦)। ସେ ଶଙ୍ଖାରାଖୋଲ ପଞ୍ଚାୟତ ସରପଞ୍ଚ ଜାନକୀ ପ୍ରଧାନ ଓ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅନୁରୂଧ ପ୍ରଧାନଙ୍କ ପୁତ୍ର। ଚଳିତ ମାସ ୧୧ ତାରିଖି ସକାଳେ ନିତାନ୍ତ ପ୍ରାତଃ ଭ୍ରମଣରେ ଯାଇ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ସନ୍ଧାନ ନ ପାଇବାରୁ ଟିକାବାଲି ଥାନାରେ ଅଭିଯୋଗ କରିଥିଲେ। କେଶ୍ ନଂ. ୬/୨୬ ରେ ପୋଲିସ ତଦନ୍ତ ଜାରି ରଖିଥିଲା। ଗୁରୁବାର ସ୍ଥାନୀୟ ଲୋକେ ଅଡାବାଡି ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ପକ୍ଷରୁ ମୃତଦେହକୁ ଚିହ୍ନଟ କରାଯିବା ସହ ମାଆ ଜାନକୀ ପ୍ରଧାନ ପୁନର୍ବାର ଥାନାରେ ହତ୍ୟା ସନ୍ଦେହ କରି ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ଟିକାବାଲି ପୋଲିସ ନଂ.୪୦/୨୬ ପ୍ରକାରେ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରକୁ ଡକାଇ ଛାନଭିନ୍ ଆରମ୍ଭ କରିଛି। ଖବର ପାଇ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଟିକାବାଲି ଅଗ୍ନିଶମ ବାହିନୀ ମଧ ମୁତୟନ ହୋଇଥିଲେ। ପୋଲିସ ସମସ୍ତ ପ୍ରମାଣ ସଂଗ୍ରହ କରୁଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ୨୫ ଫୁଟ ତଳକୁ ଖସିଲା ଟ୍ରକ୍

ମୋହନା,୧୨।୨ (ମନ୍ମଥ ମିଶ୍ର) ଅଡବା ଥାନା ଅନ୍ତର୍ଗତ ଅଡାପଙ୍କା ଗାଁ ନିକଟରେ ସଡ଼କ ଦୁର୍ଘଟଣା ଘଟିଛି। ଗଞ୍ଜାମ ଜିଲା ପୋଡ଼ାମାରି ଗାଁରେ ପଥର କୋଇଲା ଢ଼ାଳି କରି ରାୟଗଡ଼ା ଅଭିମୁଖେ ଏକ ୧୨ ଚକିଆ ଟ୍ରକ (ଓଡ଼ି୧୮ସି୯୮୪୦) ଯାଉଥିବା ବେଳେ ଅଡ଼ାପଙ୍କା ଗ୍ରାମ ନିକଟ ପୋଲକୁ ଧକ୍କା ଦେଇ ୨୫ ଫୁଟ ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣାରେ ବାପା ପଞ୍ଚାନନ ଗୌଡ଼ ଓ ପୁଅ ସୁଜିତ ଗୌଡ଼ ସାମାନ୍ୟ ଆହତ ହୋଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବରପାଇ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଅଡ଼ବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ଅଡ଼ବା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଦଶମ, ଦ୍ୱାଦଶ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାଇକିଆ,୧୨।୨ (ପ୍ରଦୀପ ବେହେରା) ରାଇକିଆ ବ୍ଲକ୍ ବଡ଼ବରବା ଉଚ୍ଚ ବିଦ୍ୟାଳୟରେ ବୁଧବାର ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେମାନେ ବୋର୍ଡ ପରୀକ୍ଷାରେ ଯେପରି ସଫଳତା ଅର୍ଜନ କରିବେ ସେ ନେଇ ଶୁଭେଚ୍ଛା ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରିକା ନାୟକ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରମାନେ ସେମାନଙ୍କର ବିଦ୍ୟାଳୟରେ ଅଧ୍ୟୟନ ମଧ୍ୟରେ ସାଉଁଟି ଥିବା ଅନୁଭୂତିକୁ ପ୍ରକାଶ କରିଥିଲେ। ଶିକ୍ଷକ ବିକାଶ ପ୍ରଧାନ, ବିଚିତ୍ରାନନ୍ଦ ଗୌଡ଼, ଶିକ୍ଷୟିତ୍ରୀ ପ୍ରିୟଙ୍କା ଜେନା, ସୋନାଲି ବିଶ୍ୱାଳ, ସାଗରିକା ନନ୍ଦ, ପୁଷ୍ପିତା ପ୍ରଧାନ, ଚନ୍ଦ୍ରକାନ୍ତ ମହାକୁଡ ଉପସ୍ଥିତ ଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଦିଗପହଣ୍ଡି,୧୨।୨(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ସ୍ଥିତ ପିଏମଶ୍ରୀ ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ଡ.ଶଙ୍କର ନାରାୟଣ ବେଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଏବିଇଓ ବାଳା ମାଝୀ ପ୍ରମୁଖ ମଞ୍ଚାସିନ ଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଏନ୍)/II/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ଟେଣ୍ଡରଗୁଡ଼ିକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରାଯିବ । **କ୍ର.ସଂ. ଏବଂ ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା; ଆନୁମାନିକ ମୂଲ୍ୟ; ବିଡ୍ ଅମାନତ ଯଥାକ୍ରମେ: (୧) ୪୫୯୮-ଜିଆରସି-ସିଇ-ସି-II-୨୮-୨୦୨୫, ତାରିଖ: ୧୧।୦୨।୨୦୨୬;** ଡେପୁଟି ସିଇ/ସିଏନ୍/ଆଦ୍ରାଙ୍କ ଅଧୀନରେ ଚାଣ୍ଡିଲ-ବର୍ନପୁର ତୃତୀୟ ଲାଇନ୍ ପ୍ରୋଜେକ୍ଟ ସଂକ୍ରାନ୍ତରେ ପୁରୁଲିଆଠାରେ ୦୪ ଗୋଟି ଟାଇପ୍-III କ୍ୱାର୍ଟର୍ସ, ୦୮ ଗୋଟି ଟାଇପ୍-II କ୍ୱାର୍ଟର୍ସ, ଚାଣ୍ଡିଲ ଓ ଦାମୋଦରଠାରେ କ୍ୟାମ୍ପ ଅଫିସ୍, ଅଫିସର ରେଷ୍ଟ ହାଉସ୍‌ର ନିର୍ମାଣ; ₹୨୦.୮୧ କୋଟି; ₹୧୧,୯୦,୬୦୦/-। **(୨) ୪୬୧୩-ଜିଆରସି-ସିଇ-ସି-II-୦୨-୨୦୨୬, ତାରିଖ: ୧୧।୦୨।୨୦୨୬;** ଦ.ପୂ. ରେଳପଥ ନିର୍ମାଣ ସଂଗଠନର ଡେପୁଟି ସିଇ/ସିଏନ୍/ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ଡାଙ୍ଗୋଆପୋଷି-ଜରୋଲି ଷ୍ଟେଶନ ମଧ୍ୟରେ ପ୍ରସ୍ତାବିତ ୩ୟ ଓ ୪ର୍ଥ ଲାଇନ୍ ସଂକ୍ରାନ୍ତରେ ମୁର୍ଗା ମହାଦେବ ରୋଡ୍, ବାଂଶପାଣି ଓ ଜରୋଲିର ୟାର୍ଡ ରିମଡେଲିଂ କାର୍ଯ୍ୟ ଏବଂ ଫର୍ମେଶନର ନିର୍ମାଣ, ଛୋଟ ପୋଲ, ଫୁଟ୍ ଓଭରବ୍ରିଜ୍, ପ୍ଲାଟଫର୍ମ, ଇ୧ ବିଲ୍ଡିଂ, ଆପ୍ରୋଚ୍ ରୋଡ୍, ସାଇଡ୍ ଡ୍ରେନ୍, ରିଟେନିଂ ୱାଲ୍ ଆଦିର ବିସ୍ତାରଣ ସମେତ ଟ୍ରାକ୍ ଲିଙ୍କିଙ୍ଗ୍, ବାଲାଷ୍ଟ ଯୋଗାଣ ଓ ବିଛାଇବା, ଅନ୍ୟାନ୍ୟ ବିବିଧ କାର୍ଯ୍ୟ; ₹୮୫.୮୨ କୋଟି; ₹୪୪,୪୧,୨୦୦/-। **(୩) ୪୬୧୪-ଜିଆରସି-ସିଇ-ସି-II-୦୩-୨୦୨୬, ତାରିଖ: ୧୧।୦୨।୨୦୨୬;** ଦ.ପୂ. ରେଳପଥ ନିର୍ମାଣ ସଂଗଠନର ଡେପୁଟି ସିଇ/ସିଏନ୍/ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ଡାଙ୍ଗୋଆପୋଷି-ଜରୋଲି ଷ୍ଟେଶନ ମଧ୍ୟରେ ପ୍ରସ୍ତାବିତ ୩ୟ ଓ ୪ର୍ଥ ଲାଇନ୍ ସଂକ୍ରାନ୍ତରେ ଡାଙ୍ଗୋଆପୋଷି, ପଦାପାହାଡ଼, ଜାମକୁଣ୍ଡିଆ ଓ ଦେଓଝରର ୟାର୍ଡ ରିମଡେଲିଂ କାର୍ଯ୍ୟ ଓ ଫର୍ମେଶନର ନିର୍ମାଣ, ଛୋଟ ପୋଲ, ଫୁଟ୍ ଓଭର ବ୍ରିଜ୍, ପ୍ଲାଟଫର୍ମ, ଇ୧ ବିଲ୍ଡିଂ, ଆପ୍ରୋଚ୍ ରୋଡ୍, ସାଇଡ୍ ଡ୍ରେନ୍ ଆଦିର ବିସ୍ତାରଣ ସମେତ ଟ୍ରାକ୍ ଲିଙ୍କିଙ୍ଗ୍, ବାଲାଷ୍ଟର ଯୋଗାଣ ଓ ବିଛାଇବା, ଅନ୍ୟାନ୍ୟ ବିବିଧ କାର୍ଯ୍ୟ; ₹୮୮.୨୧ କୋଟି; ₹୪୫,୬୦,୭୦୦/-। **ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୨୪ ମାସ । **ବନ୍ଦ ହେବା ତାରିଖ:** ପ୍ରତ୍ୟେକ ପାଇଁ ତା୧୧।୦୩।୨୦୨୬ରିଖ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଓ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-1180)

**OFFICE OF THE MUNICIPALITY, NABARANGPUR**
**NABARANGPUR (ODISHA), PIN-764059**
E-mail : muncipalityngpr@gmail.com
No.491 Date : 09.02.2026
**QUOTATION CALL NOTICE**

No.13001/213/2526 : The quotation is invited from the intending registered Agency/Firm/ Suppliers/ distributors having GSTN clearance certificate, Pan Card & Dealership Certificate etc for purchase, supply, fixing, Installation of colourful led strip lights in major junction,market area & entry points of Nabarangpur with 02 years AMC having reputed brand /company under Nabarangpur Municipality Office. The quotation is to be received by the undersigned on or before 5.00 P.M on dated 19.02.2026 through registered post/ speed post only (At-Nabarangpur Municipality, Po/Ps- Nabarangpur, Dist- Nabarangpur and Pin-764059) during the working hour from 10.00 A.M to 5.00 PM from dated 10.02.2026 to 19.02.2026. The rate should be inclusive of all taxes. The quotation will be opened on dt.20.02.2026 at 11.00 A.M in the office Chamber of Executive Officer, Nabarangpur Municipality in presence of the bidder/ Firm/Agency or their authorized representatives if any. The undersigned reserve the rights to accept or reject any or all quotation without assigned any reason thereof. For more details enquiry, Quotationer may contact to the Nabarangpur Municipality Office within the Official working hour (Mobile No. 9777333963). Details may accessed and quotation details can be downloaded from the website: https://www.nawarangpurm.in/ https://www.nabarangpur.odisha.gov.in/en/tender (will be available from Dtd 10/02/2026 11A.M to Dtd 16/02/2026 5P.M).

Sd./- Executive Officer
Nabarangpur Municipality
OIPR-13001/13065/1/25-26/0021

**ବାଲେଶ୍ୱର ପୌରପରିଷଦ, ବାଲେଶ୍ୱର**
ପରିପତ୍ର ସଂଖ୍ୟା: 727 ତା 06.02.26ରିଖ

No. 13001/199/2526: ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡ଼ିକ ପାର୍ଶ୍ୱରେ ଦର୍ଶାଯାଇଥିବା ଆଗାମୀ ସମୟସୀମା (ନିମ୍ନରେ ପ୍ରଦତ୍ତ) ନିମନ୍ତେ ଉଦ୍ଦିଷ୍ଟ। ସର୍ତ୍ତାବଳୀ ଅନୁସାରେ ନିଲାମ ଦିଆଯିବ। ବିଜ୍ଞାପନ ଅନୁଯାୟୀ ଆବେଦନ ସମୟ ସୀମା ତା୧୧।୨।୨୬ରିଖରୁ ତା୨୫।୨।୨୬ରିଖ ମଧ୍ୟରେ ଯାହାକି ଅପରାହ୍ନ ୦୩.୩୦ ଘଟିକା ପର୍ଯ୍ୟନ୍ତ ରଖାଯାଇଅଛି। ଏଥିନିମନ୍ତେ ଇଚ୍ଛୁକବ୍ୟକ୍ତି ଓ ପଞ୍ଜୀକୃତ ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘ (ALF) ବା ସଂସ୍ଥା ତା୨୫।୨।୨୬ରିଖ ପର୍ଯ୍ୟନ୍ତ ପୌରପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମ କ୍ରୟ କରି ଅପରାହ୍ନ ୦୩.୩୦ଘଟିକା ମଧ୍ୟରେ ଟେଣ୍ଡର ଆବେଦନ ଦାଖଲ କରିବେ। ଉପରୋକ୍ତ ଟେଣ୍ଡର ତା୨୭।୨।୨୬ରିଖ ଦିନ ସକାଳ ୧୧.୩୦ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସକ୍ଷମରେ ଖୋଲାଯିବ।
(Can also be Obtained in detail from Govt. website: http://balasore.odisha.gov.in).

Sd./- Executive Officer
Balasore Municipality
OIPR-13001/13154/1/25-26/0013

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone / Fax : (0680) 2233683, e-mail : sernb1.ganjam@yahoo.com
No.34001/72/2526 **"e" Procurement Notice**
**Bid Identification No. SE R&B Divn. No.I Bam. 61/2025-26**
Lr. No. 2021 Dated : 11.02.2026

| | |
|---|---|
| Name of work | : Building & E.I. Works |
| No. of works | : 07 (Seven) No's |
| Estimated Cost | : Approximately Rs.2.62 to 23.86 Lakh |
| Period of Completion | : One toThree Calendar months |
| Date and time of Availability of bid document in the portal | : From 10.00 hours of 17.02.2026 to 16.00 hours of 24.02.2026 |
| Last date / time for receipt of bids in the portal | : Upto 16.00 hours of 24.02.2026 |
| Name and address of the Officer inviting Bid | : Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer
Ganjam (R&B) Division No.I
Berhampur
OIPR-34001/34109/1/25-26/0024

**OFFICE OF THE NOTIFIED AREA COUNCIL, KODALA**
Government of Odisha
Odisha, Pin -761032, e-Mail : nackodala@gmail.com
Lt. No.385 / Dev / 2026 Dated: 09.02.2026
**CORRIGENDUM**

**No.13001/211/2526** : With reference to the e- Procurement notice no.373/NAC, dated 07/02/2026 and **BID IDENTIFICATION No-KOD-NAC-15/2025-26** that appeared on website www.tenderodisha.gov.in on 09/02/2026 and published in the newspaper is hereby cancelled due to some unavoidable reason.

Further details can be seen from the Procurement Portal: **www.tendersorissa.gov.in**

N.B: All other terms & Conditions remains un changes as thereof in the original notice. Further details can be seen from the Procurement Portal: www.tendersorissa.gov.in

Sd./- Executive Officer,
Kodala NAC
OIPR-13001/13203/1/25-26/0002

**HOUSING AND URBAN DEVELOPMENT DEPARTMENT**
**OFFICE OF THE BARGARH MUNICIPAL COUNCIL: BARGARH**
AT/PO/DIST.-BARGARH, PIN-768028
Letter No.478 Date : 09.02.2026
**EXPRESSION OF INTEREST**

No.13001/217/2526 : Executive Officer, on behalf of Municipal Council, Bargarh, Dist-Bargarh invites sealed EOI in two bid cover system(Technical & Financial Bid) from Registered/Experienced/ Reputed Consultants / Architects having valid Income Tax and GST Registration Certificates for Different Development Works of Bargarh Municipal Council. For Preparation of DPR for Construction of Market complex at Hatpada of Bargarh Municipality.

Preference shall be given to those consultant who has already rendered similar type of services to various/maximum urban local bodies of Odisha State Government. The quotation paper along with all documents shall be received in the office of the Executive Officer, Bargarh Municipal Council through Regd. post/Speed post or by person from dt-10.02.2026 to Dt-16.02.2026 up to 5.00 P.M and the same will be opened on Dt-17.02.2026 at 11.00 A.M. in the presence of the quotationer or their authorized representative. The EOI received beyond the scheduled date and time will not be considered at all. The detailed specification of quotation will also be available in Bargarh Municipality web site www.bargarhmunicipality.in .The quotationer shall have to deposit Rs.2,000/- only towards paper cost (Non-Refundable) in shape of Money Receipt or demand draft.

The undersigned reserves the rights to accept / cancel / reject any or all the quotations without assigning any reason thereof.

Sd./- Executive Officer
Bargarh Municipality
OIPR-13001/13103/1/25-26/0002

**ତହସିଲଦାରଙ୍କ କାର୍ଯ୍ୟାଳୟ, ତରଭା**
**ସର୍ବସାଧାରଣ ନୋଟିସ**
ପ୍ରୋ. ନଂ. 03/26

No. 24001/29/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ଜିଲ୍ଲାପାଳ ଓ ଦଣ୍ଡାଧିଶକାରୀ ସୁବର୍ଣ୍ଣପୁରଙ୍କ ସାର୍ଟିଫିକେଟ କେସ୍ ନଂ. ୦୧/୨୦୧୧ର ଆଦେଶ ମୁତାବକ ଶ୍ରୀ ଦୟାନିଧି ତ୍ରିପାଠୀ ପିତା ଶ୍ରୀ ବଂଶୀଧର ତ୍ରିପାଠୀଙ୍କଠାରୁ ଦେୟ ଟ.୧,୭୧,୯୨,୦୧୮.୦୦ (ଏକ କୋଟି ଏକସ୍ତରୀ ଲକ୍ଷ ବୟାନବେ ହଜାର ଅଠର) ମାତ୍ର ଆଦାୟ ନିମନ୍ତେ ମୌଜା: କୁମୁଣ୍ଡେ, ଖାତା ନଂ. ୫୮, ପ୍ଲଟ ନଂ. ୯୯, କିସମ: ମାଳ ଅଣ ଜଳସେଚିତ, ମୋଟ ରକବା ୦.୩୪୦ଡି., ପ୍ଲଟ ନଂ. ୧୦୦, କିସମ: ମାଳ ଅଣଜଳସେଚିତ, ମୋଟ ରକବା ୦.୫୪୦ଡି.। ପ୍ଲଟ ନଂ. ୧୫୩, କିସମ: ମାଳ ଅଣଜଳସେଚିତ, ମୋଟ ରକବା ୦.୨୯୦ଡି, ପ୍ଲଟ ନଂ. ୧୮୪, କିସମ: ବେର୍ଣ୍ଣା ଅଣଜଳସେଚିତ, ମୋଟ ରକବା ୧.୦୫୦ଡିକୁ ନିଲାମ ନିମନ୍ତେ ଜବତ କରାଯାଇଅଛି। ଏଣୁ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା୧୩।୦୨।୨୦୨୬ରିଖ ଦିବା ୧୧ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

OIPR-24001/24435/3/25-26/0001 ସ୍ୱା./- ତହସିଲଦାର, ତରଭା

No.13001/201/2526
**OFFICE OF THE GENERAL MANAGER, WATCO DIVISION, KEONJHAR-758001**
Ph. No.06766-254096, e-Mail : gmwatcokjr@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation for Bids (IFB) No. WATCOKJR-04/2025-26 dt.09.02.2026**

| | | |
|---|---|---|
| 1. | Name of the Work | : Construction of 250000 Ltr capacity UGR at Zone-10A near DHH Keonjhar |
| 2. | Estimated Cost | : Rs.15.63 Lakh |
| 3. | Period of completion | : 180 Days |
| 4. | Date & Time of availability of bid document in the portal | : 10 hours of dt.13.02.2026 to 17 hours of dt.26.02.2026 |
| 5. | Last date / time of receipt of bids in the portal | : Dt.26.02.2026 at 17 hours |
| 6. | Date & time of opening of bids | : Dt.27.02.2026 at 11.30 hours |
| 7. | Name and address of the Officer Inviting Bid | : The General Manager, WATCO Division, Keonjhar, 758001, Odisha, Ph. 06766-254096 e-Mail : gmwatcokjr@gmail.com |

Further details can be seen from the website www.tendersorissa.gov.in

Sd./- General Manager
WATCO DIVISION, Keonjhar
OIPR-13001/13215/1/25-26/0001

**GOVERNMENT OF ODISHA** No.8001/65/2526
**FOREST, ENVIRONMENT & CLIMATE CHANGE DEPARTMENT**
**OFFICE OF THE DIVISIONAL FOREST OFFICER, BOLANGIR FOREST DIVISION-767001**
Tel :06652-295134, e-mail : dfobalangir@gmail.com / dfo.bolangir@odisha.gov.in
Bid Identification No. DFO, BLG 04/2025-26 dated. 11.02.2026
Letter No.1520/1F, Dated, Bolangir the 11th February - 2026
**NOTICE INVITING TENDER**

| | | |
|---|---|---|
| 1 | Name of work | **Procurement of Chain Link Fence materials for Planting Season - 2026-2027 https://balangir.odisha.gov.in** |
| 2 | Estimated Cost | **Depending upon funds availability** |
| 3 | Period & time of completion | **15 days from the date of issue of orders** |
| 4 | Date & time of availability of the bid document in the portal | **16.02.2026 to 25.02.2026** |
| 5 | Last date/Time for receipt of bids in the portal | **Up to 5.00 PM of 25.02.2026** |
| 6 | Date & Time of bid opening | **11.30 hours on Dated 26.02.2026** |
| 7 | Name & Address of the officer inviting Bid | **Divisional Forest Officer, Bolangir Forest Division, Pin-767001** |

Others can see the details from Notice inviting Tenders, available in website - https://balangir.odisha.gov.in. Corrigendum if any, shall only be published in the above website

Sd./- Divisional Forest Officer,
Bolangir Forest Division
OIPR-8001/8061/1/25-26/0002

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK**
E-mail : ee_rwbdk@yahoo.com
No.25001/154/2526 **"e" Procurement Notice for Road Works**
**Bid Identification No. Online Tender 18 of 2025-26**

1. Name of the Work : Roads. 2. Total No. of Works : 5 Nos. 3. Estimated Cost : Rs.14.62 Lakh to Rs.19.49. Lakh. 4. Class of Contractor : "C" & "D" Class. 5. Period of Completion : As per Annexure. 6. Type of Tender : Single Cover. 7. Other Details :

| Procurement Officer | Bid Identification No. | Availability of Tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Executive Engineer, Rural Works Division-I, Bhadrak | Online-18 of 2025-26 | 16.02.26 At - 11.00 A.M. | 20.02.2026 up to 4.00 P.M. | 20.02.26 At - 2.00 P.M. | 21.02.26 At-11.00 A.M. |

Further details can be seen from the e-procurement portal "https://tendersorissa.gov.in"

Sd./- Er. Ganesh Chandra Hembram
Executive Engineer, R.W. Division, Bhadrak
OIPR-25001/25060/1/25-26/0001

**GOVERNMENT OF ORISSA** No.25001/146/2526
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA (MAYURBHANJ)**
E-mail ID : eerwkaranjia@yahoo.com
Letter No.609 // Date : 09.02.2026
**"e" Procurement Notice for Special Repair to Roads & Bridges and approach road & Periodical Maintenance works for year 2025-26**
**Bid Identification No. - RWDKNJ - 19/2025-26**

1. Name of the work : **Road Works (As per Annexure)**, 2. Estimated Cost : **Rs.5.93 to Rs.49.15 Lakhs Approximately (As per Annexure)**, 3. Class of Contractor : **B & C, D & C Class (As per Annexure)**, 4. Period of Completion : **As per Annexure**, 5. Tender Paper Cost : **Paper cost of bid as mentioned in Annexure of Road Works**
Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date & Time of Opening of Tender in O/o S.E.R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| **Superintending Engineer, Rural Works Division, Karanjia** | **Road Online RWDKNJ-19/25-26** | **Dt.16.02.2026 at 11.00 A.M.** | **Dt.23.02.2026 upto 11.00 A.M.** | **Dt.21.02.2026 upto 1.00 P.M.** | **Dt.24.02.2026 at 05.00 P.M.** |

Sd./- Executive Engineer
R.W. Division, Karanjia
OIPR-25001/25086/1/25-26/0014

**ରେଳପଥ ମନ୍ତ୍ରଣାଳୟ**
**[ପୂର୍ବ ତଟ ରେଳପଥ]**
**ବିଜ୍ଞପ୍ତି**
ଭୁବନେଶ୍ୱର, ୨୮ ଜାନୁୟାରୀ, ୨୦୨୬
ରେଳବାଇ ଆଇନ-୧୯୮୯ ର ଧାରା ୨୦କ ଅନୁଯାୟୀ ନୋଟିସ୍

ଏସ୍.ଓ. ୪୦୭ (ଇ) - ରେଳବାଇ (ସଂଶୋଧନ) ଆଇନ, ୧୯୮୯ (୨୪/୮୯) (ଏଠାରେ ପରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି)ର ଧାରା ୨୦କ ର ଉପ-ଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର, ସନ୍ତୁଷ୍ଟ ହେବା ପରେ ଯେ ସାଧାରଣ ଉଦ୍ଦେଶ୍ୟ ପାଇଁ ବିଶିଷ୍ଟ ରେଳ ପ୍ରକଳ୍ପ, ଯାହାର ନାମ, "ଓଡିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ପୂର୍ବ ତଟ ରେଳପଥ ର ଖୋର୍ଦ୍ଧା ରୋଡ୍ ଏବଂ ୱାଲ୍ଟିୟର ଡ଼ିଭିଜନ ଅଧୀନରେ ଭଦ୍ରକ - ବିଜୟନଗରମ (୫୨୫ କି.ମି.) ମଝିରେ ସ୍ୱୀକୃତ ତୃତୀୟ ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (୨୨ କି.ମି.) ଏବଂ ଖୋର୍ଦ୍ଧା ରୋଡ଼ - ବିଜୟନଗରମ (୩୬୩ କି.ମି.) ମଝିରେ ତୃତୀୟ ରେଳପଥ ନିର୍ମାଣ" ନାମକ ବିଶିଷ୍ଟ ରେଳ ପ୍ରକଳ୍ପ ପାଇଁ ଜିଲ୍ଲା - ଖୋର୍ଦ୍ଧା, ରାଜ୍ୟ - ଓଡିଶା ରେ ଆବଶ୍ୟକ ଜମି, ଯାହାର ସଂକ୍ଷିପ୍ତ ବର୍ଣ୍ଣନା ଏଠାରେ ସଂଲଗ୍ନ ସୂଚୀରେ ଦିଆଯାଇଛି, ଏପରି ଜମି ଅଧିଗ୍ରହଣ କରିବାର ତାଙ୍କର ଉଦ୍ଦେଶ୍ୟ ଘୋଷଣା କରନ୍ତି।

ଉକ୍ତ ଜମିରେ ଆଗ୍ରହୀ ଯେକୌଣସି ବ୍ୟକ୍ତି ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ତାରିଖ ରୁ ତିରିଶ ଦିନ ମଧ୍ୟରେ, ଉକ୍ତ ଆଇନ ର ଧାରା ୨୦ଘ ର ଉପ-ଧାରା (୧) ଅନୁଯାୟୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଏପରି ଜମି ଅଧିଗ୍ରହଣ ଉପରେ ଆପତ୍ତି ଉଠାଇ ପାରିବେ।

ପ୍ରତ୍ୟେକ ଆପତ୍ତି ଲିଖିତ ଭାବରେ ସକ୍ଷମ କର୍ତ୍ତୃପକ୍ଷ, ଅର୍ଥାତ୍ ଭୂମି ଅଧିଗ୍ରହଣ ଅଧିକାରୀ, ଖୋର୍ଦ୍ଧା, ରାଜ୍ୟ - ଓଡିଶାଙ୍କ ନିକଟରେ ଦାଖଲ କରାଯିବ ଯେଉଁଥିରେ ଏହାର କାରଣ ଉଲ୍ଲେଖ ରହିବ ଏବଂ ସକ୍ଷମ କର୍ତ୍ତୃପକ୍ଷ ଆପତ୍ତିକର୍ତ୍ତାଙ୍କୁ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ ଆଇନଜୀବୀଙ୍କ ମାଧ୍ୟମରେ ଶୁଣାଣୀର ସୁଯୋଗ ଦେବେ ଏବଂ ସମସ୍ତ ଆପତ୍ତି ଶୁଣିବା ପରେ ଏବଂ ଯଦି କୌଣସି ତଦନ୍ତ କରାଯାଏ, ଯଦି ଆବଶ୍ୟକ ମନେ କରନ୍ତି, ତେବେ ନିର୍ଦ୍ଦେଶ ଦ୍ୱାରା ଆପତ୍ତିଗୁଡ଼ିକୁ ଅନୁମତି ଦେଇପାରିବେ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ।

ଉକ୍ତ ଆଇନର ୨୦ଘ ର ଉପ-ଧାରା (୨) ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଯେକୌଣସି ଆଦେଶ ଚୂଡାନ୍ତ ହେବ।

ଏହି ବିଜ୍ଞପ୍ତି ଅଧୀନରେ ଥିବା ଜମିର ଭୂମି ନକ୍ସା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ଏବଂ ଆଗ୍ରହୀ ବ୍ୟକ୍ତି ସକ୍ଷମ ଅଧିକାରୀଙ୍କ ଉପରୋକ୍ତ କାର୍ଯ୍ୟାଳୟରେ ଯାଞ୍ଚ କରିପାରିବେ।

**ଅନୁସୂଚୀ**

"ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ଏବଂ ୱାଲ୍ଟିୟର ଡ଼ିଭିଜନ୍ ଅଧୀନରେ ଭଦ୍ରକ - ବିଜୟନଗରମ (୫୨୫ କିମି.) ମଝିରେ ସ୍ୱୀକୃତ ତୃତୀୟ ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (୨୨ କିମି.) ଏବଂ ଖୋର୍ଦ୍ଧା ରୋଡ଼ - ବିଜୟନଗରମ (୩୬୩ କିମି.) ମଝିରେ ତୃତୀୟ ରେଳପଥ ନିର୍ମାଣ" ନାମକ ବିଶିଷ୍ଟ ରେଳ ପ୍ରକଳ୍ପ ପାଇଁ ଜିଲ୍ଲା - ଖୋର୍ଦ୍ଧା, ରାଜ୍ୟ - ଓଡିଶାରେ ଆବଶ୍ୟକ ଜମି, ନିର୍ମାଣ ସହିତ କିମ୍ବା ବିନା ନିର୍ମାଣରେ, ଅଧିଗ୍ରହଣ କରିବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା (ପରିଶିଷ୍ଟ - ୧) ଏଠାରେ ସଂଲଗ୍ନ।

**ପରିଶିଷ୍ଟ - ୧**

| କ୍ରମିକ ସଂ | ମୌଜା ନାମ | ଖାତା ସଂଖ୍ୟା | ଚକ ସଂଖ୍ୟା | ପ୍ଲଟ୍ ସଂଖ୍ୟା | ଜମିର କିସମ | ରକବା କ୍ଷେତ୍ର (ଏକର) | ଅଧିଗ୍ରହଣ କ୍ଷେତ୍ର (ଏକର) | ଜମିର ପ୍ରକାର |
|---|---|---|---|---|---|---|---|---|
| ୧ | ବେଣାପଞ୍ଜାରୀ | ୩୪୬ | ୩୪ | ୨୪୦ | ଚକ | ୦.୨୫୦ | ୦.୦୨୮ | ବ୍ୟକ୍ତିଗତ |
| ୨ | ବେଣାପଞ୍ଜାରୀ | | | ୫୦ | ଚକ | ୦.୬୭୬ | ୦.୦୭୩ | ବ୍ୟକ୍ତିଗତ |
| ୩ | ବେଣାପଞ୍ଜାରୀ | ୨୮ | ୧୬୯ | ୨୪୨ | ଚକ | ୦.୦୨୫ | ୦.୦୨୫ | ବ୍ୟକ୍ତିଗତ |
| ୪ | ବେଣାପଞ୍ଜାରୀ | ୨୭୪ | - | ୨୪୩ | ଶାରଦ ଦୁଇ | ୦.୩୭୫ | ୦.୧୫୨ | ବ୍ୟକ୍ତିଗତ |
| ୫ | ବେଣାପଞ୍ଜାରୀ | ୬୧୫/୨୯୦ | - | ୨୪୪ | ଘରବାରି | ୦.୬୯୦ | ୦.୦୬୨ | ବ୍ୟକ୍ତିଗତ |
| ୬ | ବେଣାପଞ୍ଜାରୀ | | - | ୨୬୧ | ଘରବାରି | ୦.୦୫୦ | ୦.୦୫୦ | ବ୍ୟକ୍ତିଗତ |
| ୭ | ବେଣାପଞ୍ଜାରୀ | ୨୯୨ | ୧୭୯ | ୨୬୨ | ଚକ | ୦.୨୭୦ | ୦.୧୦୩ | ବ୍ୟକ୍ତିଗତ |
| ୮ | ବେଣାପଞ୍ଜାରୀ | ୬୧୫/୬୦୨ | ୧୭୭ | ୨୫୩ | ଚକ | ୧.୨୮୦ | ୦.୨୨୧ | ବ୍ୟକ୍ତିଗତ |
| | | | | | ମୋଟ = | ୩.୬୧୬ | ୦.୭୧୪ | |
| ୯ | ଦେଉଳବସ୍ତ | ୨୩୧/୧୪୨ | - | ୧୫/୧୦୧୯ | ଘରବାରି | ୦.୭୧୫ | ୦.୨୫୦ | ବ୍ୟକ୍ତିଗତ |
| ୧୦ | ଦେଉଳବସ୍ତ | ୨୩୧/୨୮୪ | - | ୧୫/୧୧୪୩ | ଘରବାରି | ୦.୨୨୫ | ୦.୧୪୬ | ବ୍ୟକ୍ତିଗତ |
| | | | | | ମୋଟ = | ୦.୯୪୦ | ୦.୩୯୬ | |
| ୧୧ | ଶ୍ୟାମପୁର | ୧୪୯ | - | ୩୫୪ | ଶାରଦ ଅଣଜଳସେଚିତ ଦୁଇ | ୦.୪୪୫ | ୦.୧୬୮ | ବ୍ୟକ୍ତିଗତ |
| ୧୨ | ଶ୍ୟାମପୁର | ୧୩୨ | - | ୩୫୯ | ଶାରଦ ଅଣଜଳସେଚିତ ଦୁଇ | ୦.୨୪୧ | ୦.୦୫୦ | ବ୍ୟକ୍ତିଗତ |
| ୧୩ | ଶ୍ୟାମପୁର | ୬୬ | - | ୩୫୨ | ଶାରଦ ଅଣଜଳସେଚିତ ଦୁଇ | ୦.୫୬୩ | ୦.୨୪୬ | ବ୍ୟକ୍ତିଗତ |
| ୧୪ | ଶ୍ୟାମପୁର | | - | ୩୫୦ | ଶାରଦ ଅଣଜଳସେଚିତ ଦୁଇ | ୦.୫୧୨ | ୦.୧୫୨ | ବ୍ୟକ୍ତିଗତ |
| ୧୫ | ଶ୍ୟାମପୁର | ୩୨ | - | ୩୫୧ | ଶାରଦ ଅଣଜଳସେଚିତ ଦୁଇ | ୦.୦୪୫ | ୦.୦୪୫ | ବ୍ୟକ୍ତିଗତ |
| ୧୬ | ଶ୍ୟାମପୁର | | - | ୩୪୯ | ଶାରଦ ଅଣଜଳସେଚିତ ଦୁଇ | ୦.୦୮୫ | ୦.୦୮୫ | ବ୍ୟକ୍ତିଗତ |
| ୧୭ | ଶ୍ୟାମପୁର | ୧୩୩ | - | ୩୫୭ | ଶାରଦ ଅଣଜଳସେଚିତ ଦୁଇ | ୦.୧୦୦ | ୦.୦୦୩ | ବ୍ୟକ୍ତିଗତ |
| ୧୮ | ଶ୍ୟାମପୁର | ୭୬ | - | ୩୫୮ | ଶାରଦ ଅଣଜଳସେଚିତ ଦୁଇ | ୦.୪୫୫ | ୦.୦୦୧ | ବ୍ୟକ୍ତିଗତ |
| | | | | | ମୋଟ = | ୨.୪୪୬ | ୦.୭୫୦ | |

**ଗ୍ରାମ ଅନୁଯାୟୀ ସାରାଂଶ**

| କ୍ରମିକ ସଂଖ୍ୟା | ଗାଁ ନାମ | ଅଧିଗ୍ରହଣ କ୍ଷେତ୍ର (ଏକର) | ମୋଟ ପ୍ଲଟ ସଂଖ୍ୟା |
|---|---|---|---|
| ୧ | ବେଣାପଞ୍ଜାରୀ | ୦.୭୧୪ | ୮ |
| ୨ | ଦେଉଳବସ୍ତ | ୦.୩୯୬ | ୨ |
| ୩ | ଶ୍ୟାମପୁର | ୦.୭୫୦ | ୮ |
| | ମୋଟ = | ୧.୮୬୦ | ୧୮ |

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ - III),
ପୂର୍ବ ତଟ ରେଳପଥ, ଭୁବନେଶ୍ୱର
PR-257/CI/25-26

# ପୋଲିସ କର୍ମଚାରୀଙ୍କ ଭଡ଼ାଘରେ ସେକ୍ସ ରାକେଟ୍

## ୪ ଦେହଜୀବୀ, ୩ ଗ୍ରାହକ ଉଦ୍ଧାର





ଖୋର୍ଦ୍ଧା, ୧୨।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ବିକାଶ ନଗର ଅଞ୍ଚଳର ଏକ ଭଡ଼ାଘରୁ ସେକ୍ସ ରାକେଟ୍ ଠାବ ହୋଇଛି। ଗୁରୁବାର ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରି କିଙ୍ଗପିନ୍‌ଙ୍କ ସମେତ ୪ ଦେହଜୀବୀ ଏବଂ ୩ଜଣ ଗ୍ରାହକଙ୍କୁ ଉଦ୍ଧାର କରିଛି। ପୋଲିସ ସମସ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ଅନ୍ୟପଟେ ଉକ୍ତ ଭଡ଼ାଘରର ମାଲିକ ଜଣେ ପୋଲିସ କର୍ମଚାରୀ ବୋଲି ଜଣାପଡ଼ିଛି। ପୂର୍ବରୁ ଏ ସମ୍ପର୍କରେ ପୋଲିସ ନିକଟରେ ଖବର ଥିବା ସତ୍ତ୍ୱେ କାହିଁକି ଚଢ଼ାଉ କରାଯାଇ ନ ଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଗୁରୁବାର ପୂର୍ବାହ୍ନରେ ବିଶେଷ ସୂତ୍ରରୁ ଖବରପାଇ ଖୋର୍ଦ୍ଧା ନାର୍କୋଟିକ୍ସ ସ୍କ୍ୱାଡ୍ ଏବଂ ସ୍ପେଶାଲ ସ୍କ୍ୱାଡ୍ ଇନଚାର୍ଜ ଡିଏସ୍‌ପି ରବି ନାରାୟଣ ଭଞ୍ଜଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଭଡ଼ାଘରେ ଚଢ଼ାଉ କରିଥିଲା। ଘର ଭିତରପଟୁ ବନ୍ଦ ରହିଥିଲା। ପୋଲିସ ବାରମ୍ବାର ଡାକିବା ସତ୍ତ୍ୱେ କେହି କବାଟ ନ ଖୋଲିବାରୁ କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଦେହଜୀବୀ ଏବଂ ଗ୍ରାହକଙ୍କୁ ଅସଜ୍ଜିତ ଅବସ୍ଥାରେ ଉଦ୍ଧାର କରି ସେମାନଙ୍କୁ ଥାନାକୁ ନେବା ସହ ଘରକୁ ସିଲ୍ କରିଥିଲେ। ପ୍ରକାଶ ଯେ, ଘର ମାଲିକ ଗଞ୍ଜାମ ଜିଲାରେ ପୋଲିସ କର୍ମଚାରୀଭାବେ କାର୍ଯ୍ୟରତ ଥିବା ବେଳେ କିଙ୍ଗପିନ୍‌ଙ୍କ ସମେତ ଦୁଇ ଜଣ ମହିଳା ଏଠାରେ ଭଡ଼ାନେଇ ରହୁଥିଲେ। ସମ୍ପୃକ୍ତ କିଙ୍ଗପିନ୍ ବାହାରୁ ଯୁବତୀଙ୍କୁ ଆଣି ଉକ୍ତ ଘରେ ରଖି ରାକେଟ ଚଳାଉଥିଲେ। ରାତିରେ ଗ୍ରାହକମାନେ କାର୍ ଦୂରରେ ପାର୍କିଂ କରି ଏଠାକୁ ଆସୁଥିଲେ। ଯୁବତୀମାନେ ରହୁଥିବାରୁ ପ୍ରଥମେ କେହି ସନ୍ଦେହ କରି ନ ଥିଲେ। ତେବେ ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକେ ସନ୍ଦେହ କରିବା ସହ କିଛି ମାସ ପୂର୍ବେ ଏ ସଂକ୍ରାନ୍ତରେ ପୋଲିସକୁ ମଧ୍ୟ ଖବର ଦିଆଯାଇଥିବା କେତେଜଣ ବାସିନ୍ଦା କହିଛନ୍ତି। ତେବେ କେବେଠାରୁ ଏଠାରେ ରାକେଟ୍ ଚାଲିଛି, ଆଉ କିଏ ଏମାନଙ୍କ ଗ୍ରାହକ ରହିଛନ୍ତି, ପୋଲିସ ତାହାର ଖୋଳତାଡ଼ କରୁଛି। ନିକଟରେ ବିକାଶ ନାଗରିକ ପରିଷଦର ବାର୍ଷିକୋତ୍ସବ ଆୟୋଜନ ହୋଇଥିଲା। ଏଥିରେ ସମ୍ପୂର୍ଣ୍ଣ ବିକାଶ ନଗର ବାସିନ୍ଦା ସାମିଲ ହୋଇଥିଲେ। ଏବେ ସେକ୍ସ ରାକେଟ ଠାବ ଘଟଣା ବିକାଶନଗର ଛବିକୁ ମଳିନ କରିଛି ବୋଲି କେତେଜଣ ବାସିନ୍ଦା ଗଣମାଧ୍ୟମରେ କହିଛନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ବହୁ ପ୍ରଭାବଶାଳୀ ବ୍ୟକ୍ତି, ରାଜନେତା ଗ୍ରାହକ ରହିଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଡିଏସ୍‌ପି ଭଞ୍ଜ କିଛି କହିବାକୁ ମନା କରିଥିବା ବେଳେ ଥାନା ଅଧିକାରୀ ସଞ୍ଜୟ ନାୟକ ଏହି ଘଟଣାର ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# ଶାଶୁ, ଶ୍ୱଶୁର, ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

## ଯୌତୁକ ପାଇଁ ବଧୂହତ୍ୟା

ସୋର, ୧୨।୨ (ଜନ୍ମେଜୟ ମିଶ୍ର)

ଏକ ଯୌତୁକଜନିତ ବଧୂହତ୍ୟା ମାମଲାର ବିଚାର କରି ଗୁରୁବାର ସୋର ଅତିରିକ୍ତ ଜିଲା ଦୌରାଜଜ୍ ମୀନାକ୍ଷୀ ଦାଶ ଅଭିଯୁକ୍ତ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

୨୦୧୦ରେ ସୋର ଥାନା ଉଲ୍ଲାସ ଖଡ୍‌ଗପୁରର ସ୍ୱପ୍ନା ବାରିକଙ୍କ ସିମୁଳିଆର ସନ୍ତୋଷ ବାରିକଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ତେବେ ଅଧିକ ଯୌତୁକ ଦାବି କରି ଶାଶୁଘର ପକ୍ଷରୁ ବିଭିନ୍ନ ସମୟରେ ସ୍ୱପ୍ନାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ୨୦୧୨ ଜୁନ୍ ୨୫ରେ ସ୍ୱପ୍ନା ବିଷ ପିଇ ଆତ୍ମହତ୍ୟା କରିଥିଲେ। ଝିଅକୁ ଶ୍ୱଶୁର ବିନୋଦ ବାରିକ, ଶାଶୁ ସଞ୍ଜୁମଣି ଓ ସ୍ୱାମୀ ସନ୍ତୋଷ ବିଷ ପିଆଇ ହତ୍ୟା କରିଥିବା ସ୍ୱପ୍ନାଙ୍କ ବାପା ଗଙ୍ଗାଧର ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାକୁ ସରକାରୀ ଓକିଲ ପ୍ରହ୍ଲାଦ ପତି, କାହ୍ନୁଚରଣ ବେହେରା ଓ ରଞ୍ଜନ କୁମାର ସିଂ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଜଜ୍ ଦାଶ ୧୮ ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

# ପୋଲିସ ଚାର୍ଜଶିଟ୍ ଉପରେ ପ୍ରଶ୍ନ ଉଠାଇଲେ ବିକ୍ରମଙ୍କ ଓକିଲ

## ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର, ୧୨।୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା। ଏହି ମାମଲାରେ ପୋଲିସ ଦାଖଲ କରିଥିବା ଚାର୍ଜଶିଟ୍‌ରେ ପୀତବାସଙ୍କ ସିକ୍ରେଟ ଚ୍ୟାମ୍ବରରୁ ବିକ୍ରମଙ୍କ କେତେକ ଆପତ୍ତିଜନକ ଫଟୋ ମିଳିଥିବା ଦର୍ଶାଇଥିଲା। ଏହାକୁ ନେଇ ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ହତ୍ୟା ପଛରେ ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତା ରହିଥିବା ଅଭିଯୁକ୍ତଙ୍କୁ ଗିରଫକରିବା ସମୟରେ ପୋଲିସ ଦର୍ଶାଇଥିଲା। ତେବେ ଚାର୍ଜଶିଟ୍‌ରେ ବିକ୍ରମଙ୍କ ଆପତ୍ତିଜନକ ଫଟୋ ମିଳିବା ନେଇ ଦର୍ଶାଯାଇଛି ଏବଂ ତାହା ସେଥିରେ ଯୋଡ଼ାଯାଇଛି ବୋଲି ଓକିଲ ପଟ୍ଟନାୟକ କହିଛନ୍ତି। ବିକ୍ରମଙ୍କ ଚରିତ୍ର ସଂହାର କରିବା ପାଇଁ ପୋଲିସ ଚେଷ୍ଟା କରୁଥିବା ସେ ଅଭିଯୋଗ କରିଛନ୍ତି।

ପୋଲିସ ଦର୍ଶାଇଛି, ପୀତବାସଙ୍କ ପୋଷ୍ଟମର୍ଟମ ସମୟରେ ତାଙ୍କ ପଇତାରେ ଏକ ଚାବି ଲାଗିଥିବା ଦେଖାଯାଇଥିଲା। ସେହି ଚାବିରେ ତାଙ୍କ ଘରର ଏକ ସିକ୍ରେଟ ଚାମ୍ବର ଖୋଲାଯାଇ ସେଠାରୁ ଏକ ପେନ୍‌ଡ୍ରାଇଭ ଜବତ ହୋଇଥିଲା, ଯାହାକି ପୋଲିସ ଦାଖଲ କରିଥିବା ସିଜର ତାଲିକାରେ ତାହାକୁ ଦର୍ଶାଇଛି। ଉକ୍ତ ପେନ୍‌ଡ୍ରାଇଭରେ କିଛି ଆପତ୍ତିଜନକ ଫଟୋ ରହିଛି। ଓକିଲ ପଟ୍ଟନାୟକ କହିଛନ୍ତ, ବିକ୍ରମ ପଣ୍ଡା ବିଜେଡିର ଜିଲା ସଭାପତି ହୋଇଥିବା ବେଳେ ତାଙ୍କ ସମ୍ମାନ ହାନି କରିବା ପାଇଁ ପୋଲିସ ଏଭଳି ମିଥ୍ୟା କାହାଣୀ ରଚୁଛି। ପୋଲିସ କେବଳ ସିଜର ତାଲିକା କୋର୍ଟରେ ଦେଇଛି, କିନ୍ତୁ କୌଣସି ପ୍ରମାଣ ଫଟୋ କିମ୍ବା ପେନ୍‌ଡ୍ରାଇଭ ପ୍ରଦାନ କରିନାହିଁ। ପ୍ରାରମ୍ଭରେ ପୋଲିସ ମଦ, ବାଲି ଓ ଜମି ଦୁର୍ନୀତି ସମ୍ପର୍କରେ କହୁଥିଲା। ମାତ୍ର ଚାର୍ଜଶିଟରେ ସେ ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ। ଯଦି ସେହି ଦିଗରେ ତଦନ୍ତ ହୋଇଥାନ୍ତା, ତେବେ ଅନେକ ବଡ଼ ବଡ଼ ନେତା ଏହି ମାମଲାରେ ଫସିଥାନ୍ତେ ବୋଲି ପଟ୍ଟନାୟକ ଅଭିଯୋଗ କରିଛନ୍ତି। ପୋଲିସ କୋର୍ଟରେ ଯେଉଁ ପ୍ରମାଣ ଦାଖଲ କରିଛି, ତାହାର ଏକ କପି ପାଇବା ପାଇଁ ଆବେଦନ କରାଯାଇଛି। ସେହି କପି ମିଳିବା ପରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଭୁଜାଲି ଚୋଟରେ ଯୁବକ ଗୁରୁତର

## ବଚସାରୁ ୨ ଗୋଷ୍ଠୀ ଭିତରେ ଗଣ୍ଡଗୋଳ

ବାରିପଦା, ୧୨।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ କଲେଜ ଛକରେ ବଚସାରୁ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଭୁଜାଲି ଚୋଟରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ହିମାଂଶୁ ବାରିକ। ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଗୁରୁବାର ଭାରତ ବନ୍ଦକୁ ନେଇ କଲେଜରୋଡ୍ ନିକଟରେ କେତେଜଣ ଯୁବକ ଛିଡ଼ାହୋଇଥିଲେ। ଏହି ସମୟରେ ଅନ୍ୟ ଏକ ଗୋଷ୍ଠୀର ଯୁବକମାନେ ଆସି ବଚସା ଆରମ୍ଭ କରିଥିଲେ। ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଗୋଟିଏ ଗୋଷ୍ଠୀର ଭୁଜାଲି ଆକ୍ରମଣରେ ହିମାଂଶୁ ଗୁରୁତର ହୋଇଛନ୍ତି। ତାଙ୍କ ୨ ହାତ ପାପୁଲିରେ ଶକ୍ତ ଆଘାତ ଲାଗିଛି। ଘଟଣା ପରେ ଆକ୍ରମଣକାରୀ ଯୁବକମାନେ ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

# ଶିଶୁକନ୍ୟା ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ପାରଳାଖେମୁଣ୍ଡି, ୧୨।୨ (ଗିରିଧାରୀ ପରିଚ୍ଛା)

ଶିଶୁକନ୍ୟା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଗୁରୁବାର ଅତିରିକ୍ତ ଜିଲା ସେସନ ଜଜ୍ ବିଭୁପ୍ରସାଦ ପଣ୍ଡା ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ ରହିଛି। ଅପହରଣ ମାମଲାରେ ମଧ୍ୟ ଦୋଷୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଆଉ ୨ ମାସ ଅଧିକ ସଶ୍ରମ କରାଦଣ୍ଡ ଭୋଗ କରିବାକୁ ହେବ ବୋଲି ଆଦେଶ ନ୍ତି। ଦୋଷୀ ଜଣକ ହେଲେ ମୋହନା ଥାନା ଅଞ୍ଚଳର ବଳରାମ ନାୟକ ଓରଫ୍ ବାଲା(୬୦)। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ବିଚାରପତି ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୪ ମାର୍ଚ୍ଚ ୨୮ ସନ୍ଧ୍ୟାରେ ୩ ବର୍ଷୀୟା ଶିଶୁକନ୍ୟା ତାଙ୍କ ମା'ଙ୍କ ସହ ଘର ବାରଣ୍ଡାରେ ବସିଥିଲେ। ମା' କୌଣସି କାମରେ ଘର ଭିତରକୁ ଯାଇଥିଲେ। ଘରୁ ଆସିବାପରେ ବାରଣ୍ଡାରେ ଝିଅକୁ ନ ଦେଖି ଚାରିଆଡ଼େ ଖୋଜାଖୋଜି କରିଥିଲେ। ପରେ ସେ ଖବର ପାଇଲେ ଯେ, ଝିଅକୁ ଅଭିଯୁକ୍ତ ବଳରାମ କୁର୍‌କୁରେ କିଣି ଦେବା ପାଇଁ ଏକ ଦୋକାନ ପାଖରେ ଠିଆ ହୋଇଥିଲେ। ସେଠାରୁ ଝିଅ ଘରକୁ ନ ଆସିବାରୁ ସନ୍ଦେହରେ ଚାରିଆଡ଼େ ଖୋଜାଖୋଜି କରାଗଲା। ଗାଁ ଶେଷମୁଣ୍ଡ ଲଟାବୁଦା ଭିତରେ ବଳରାମ ଶିଶୁକନ୍ୟାକୁ ନିର୍ବସ୍ତ୍ର କରି ଅସଂଯତ ଅବସ୍ଥାରେ ବସି ରହିଥିବା ଗାଁ ଲୋକେ ଦେଖି ତାଙ୍କୁ କାବୁ କରିଥିଲେ। ଚେତାଶୂନ୍ୟ ଅବସ୍ଥାରେ ଶିଶୁକନ୍ୟାକୁ ଉଦ୍ଧାରକରି ମୋହନା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ପୋଲିସ ନଂ.୭୪/୨୪ରେ ମାମଲା ଏକ ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପୋଲିସର ଚାର୍ଜଶିଟ୍ ଓ ୨୬ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ବିଚାରପତି ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଏମ୍. ପୃଥ୍ୱୀରାଜ ଏହି ମାମଲା ପରିଚାଳନା କରିଥିବା ଭାରପ୍ରାପ୍ତ କ୍ୟାଡର ପିପି ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ୨୫୦ କିଲୋ ଗଞ୍ଜେଇ ଜବତ: ସ୍ୱାମୀ ଫେରାର, ସ୍ତ୍ରୀ ଗିରଫ



ମଙ୍ଗୁଳି-ଜଗତପୁର, ୧୨।୨ (ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ଭଟିମୁଣ୍ଡା ପଞ୍ଚାୟତ ସରାଗାଁ ଗ୍ରାମରୁ କଟକ କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗ ଗୁରୁବାର ଚଢ଼ାଉ କରି ୨୫୦ କିଲୋ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ କାରବାରରେ ସମ୍ପୃକ୍ତ ସହଦେବ ପରିଡ଼ା ଫେରାର ହୋଇଯାଇଥିବାବେଳେ ତାଙ୍କ ସ୍ତ୍ରୀ ସରସ୍ୱତୀ ପରିଡ଼ାଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ଗୋଇନ୍ଦା ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସହଦେବଙ୍କ ଘରେ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ତାଙ୍କ ଘରୁ ୨୫୦ କିଲୋ ଗଞ୍ଜେଇ ମିଳିଥିଲା। ଏହାର ଆନୁମାନିକ ମୂଲ ୨୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢ଼ାଉରେ ଅବକାରୀ ଉପଅଧୀକ୍ଷକ ବିକାଶ କୁମାର ନାୟକ ଏବଂ ଇନ୍ସପେକ୍ଟର ଅବନୀ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଏସ୍‌ଆଇ କିଶୋର ଚନ୍ଦ୍ର ରାଉତ, କନଷ୍ଟେବଲ ଲକ୍ଷ୍ମୀଧର ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

## Business

# ଦେଶର ପ୍ରଥମ ଡି+ ସେଗମେଣ୍ଟ ଏସ୍‌ୟୁଭି ଏମ୍‌ଜି ମାଜେଷ୍ଟରରେ



ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ଭାରତର ପ୍ରଥମ ଡି+ ସେଗମେଣ୍ଟ ଏସ୍‌ୟୁଭି ଏମ୍‌ଜି ମାଜେଷ୍ଟରର ଉନ୍ମୋଚନ କରାଯାଇଛି। ଏହା ଦେଶରେ ସବୁଠାରୁ ଲମ୍ବା, ଓସାରିଆ ଓ ଉଚ୍ଚତମ ଏସ୍‌ୟୁଭି ଭାବରେ ପରିଚିତ ହୋଇଛି। ଏହି ଏସ୍‌ୟୁଭିରେ ପ୍ରଥମ ଥର ପାଇଁ ଟ୍ରିପଲ ଡିଫରେନ୍ସିଆଲ ଲକ ସହିତ ଆଡଭାନ୍ସଡ୍ ୪ଡବ୍ଲ୍ୟୁଡି ସିଷ୍ଟମ ରହିଥିବାବେଳେ ୧୦ଟି ଅଫ୍ ରୋଡ୍ ମୋଡ୍ ଅଛି। ଲେଭଲ ୨ ଆଡାସ୍ (ଆଡଭାନ୍ସଡ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ) ରହିଛି। ଆଭ୍ୟନ୍ତରୀଣରେ ଫ୍ରଣ୍ଟ ଭେଣ୍ଟିଲେଟେଡ୍ ଓ ମ୍ୟାସାଜ ସିଟ୍, ଥ୍ରି-ଜୋନ୍ କ୍ଲାଇମେଟ କଣ୍ଟ୍ରୋଲ, ୨୨୦ଭୋଲ୍ଟ ପାୱାର ଆଉଟଲେଟ ଓ ଡୁଆଲ ୱ୍ୟାରଲେସ ଚାର୍ଜର ରହିଛି। ଇଲେକ୍ଟ୍ରୋନିକ ପାର୍କିଂ ବ୍ରେକ୍ ସହ ଅଟୋ ହୋଲ୍ଡ ଓ କଲମ ଗିୟର ଶିଫ୍ଟର ଅନ୍ତର୍ଭୁକ୍ତ। ଏହା ୨.୦ ଲିଟର ଟ୍ୱିନ-ଟର୍ବୋ ଡିଜେଲ ଇଞ୍ଜିନ ଦ୍ୱାରା ଚାଳିତ, ଯାହା ବେଷ୍ଟ-ଇନ-କ୍ଲାସ ୮-ସ୍ପିଡ ଅଟୋମାଟିକ ଟ୍ରାନ୍ସମିସନ ସହ ୨ଡବ୍ଲ୍ୟୁଡି ଓ ଆଡଭାନ୍ସଡ ୪ଡବ୍ଲ୍ୟୁଡି ଅପ୍‌ସନରେ ଉପଲବ୍ଧ। ଗ୍ରାହକଙ୍କ ପାଇଁ ୫ ବର୍ଷ ଅନ୍‌ଲିମିଟେଡ୍ କିଲୋମିଟର ୱାରେଣ୍ଟି, ୫ ବର୍ଷ ରୋଡ୍‌ସାଇଡ୍ ଆସିଷ୍ଟାନ୍ସ ଓ ୫ଟି ଲେବର-ଫ୍ରି ସର୍ଭିସ। ଜେଏସ୍‌ଡବ୍ଲ୍ୟୁ ଏମି ମୋଟର ଇଣ୍ଡିଆର ମ୍ୟାନେଜିଂ ଡାଇରେକ୍ଟର ଅନୁରାଗ ମେହୋତ୍ରା କହିଛନ୍ତି, ଏହି ଏସ୍‌ୟୁଭି ବର୍ତ୍ତମାନ ପ୍ରି-ବୁକିଂ ପାଇଁ ଉପଲବ୍ଧ, ଯାହାର ପ୍ରି-ବୁକିଂ ମୂଲ୍ୟ ୪୧,୦୦୦ ଟଙ୍କା ରହିଛି। ପୂର୍ଣ୍ଣ ରେଞ୍ଜ ମୂଲ୍ୟ ଓ ବଜାର ଉପଲବ୍ଧତା ଲଞ୍ଚ ସମୟରେ ଘୋଷଣା କରାଯିବ।

# ଓଡ଼ିଶାରେ ୫୭ ଷ୍ଟେଶନର ବିକାଶ କାର୍ଯ୍ୟ ଜାରି

ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ପଶ୍ଚିମବଙ୍ଗରେ ରେଳ ପ୍ରକଳ୍ପର ଅଗ୍ରଗତି ଉପରେ ସଂସଦରେ ପ୍ରଶ୍ନ ଉଠିଛି। ଏମ୍‌ପି କୀର୍ତ୍ତି ଆଜାଦ ଏହି ଯୋଜନା ସମ୍ବନ୍ଧରେ ପ୍ରଶ୍ନକରିଥିବାବେଳେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉତ୍ତର ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପଶ୍ଚିମବଙ୍ଗ ପାଇଁ ବର୍ତ୍ତମାନର ବଜେଟ ବଣ୍ଟନ ୧୪,୨୦୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ୨୦୦୯-୨୦୧୪ ମଧ୍ୟରେ ୪,୩୦୦ କୋଟି ଟଙ୍କାଠାରୁ ବହୁଗୁଣ ଅଧିକ। କିନ୍ତୁ ପ୍ରକଳ୍ପଗୁଡ଼ିକରେ ବିଳମ୍ବ ହେଉଛି। କାରଣ ଆବଶ୍ୟକ ୪,୬୬୨ ହେକ୍ଟର ଜମିର ମାତ୍ର ୫୭% ଅଧିଗ୍ରହଣ ହୋଇଛି। ଏହି ପ୍ରସଙ୍ଗରେ ଓଡ଼ିଶାର ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ବାଲେଶ୍ୱର ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟର ସ୍ଥିତି ଓ ତାଙ୍କ ନିର୍ବାଚନମଣ୍ଡଳୀରେ ଅନ୍ୟ କେଉଁ ଷ୍ଟେଶନଗୁଡ଼ିକ ଅନ୍ତର୍ଭୁକ୍ତ ହୋଇଛନ୍ତି ସେ ସମ୍ବନ୍ଧରେ ପ୍ରଶ୍ନ କରିଥିଲେ। ରେଳମନ୍ତ୍ରୀ ଉତ୍ତରରେ କହିଛନ୍ତି, ବାଲେଶ୍ୱର ଷ୍ଟେଶନର ବିକାଶ କାର୍ଯ୍ୟ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଦ୍ରୁତଗତିରେ ଚାଲିଛି। ଏହାର ଡିଜାଇନ ପ୍ରକ୍ରିୟା ପରାମର୍ଶମୂଳକ, ଯେଉଁଥିରେ ଏମ୍‌ପିଙ୍କ ଯୋଗଦାନ ଓ ଜନସାଧାରଣଙ୍କ ମତାମତକୁ ଗ୍ରହଣ କରାଯାଉଛି। ଏହି ଯୋଜନା ଅଧୀନରେ ବାଲେଶ୍ୱର ସମେତ ଓଡ଼ିଶାରେ ବାଲେଶ୍ୱର, ଜଳେଶ୍ୱର ସମେତ ୫୭ଟି ଷ୍ଟେଶନ ଚିହ୍ନଟ ହୋଇ ବିକାଶ କାର୍ଯ୍ୟ ଚାଲିଛି। ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଦେଶବ୍ୟାପୀ ୧,୩୦୦ରୁ ଅଧିକ ଷ୍ଟେଶନର ଆଧୁନିକୀକରଣ ହେଉଛି, ଯାହା ଯାତ୍ରୀଙ୍କ ପାଇଁ ଆଧୁନିକ ସୁବିଧା ପ୍ରଦାନ କରିବ।

# ପ୍ରତିରକ୍ଷା ସାମଗ୍ରୀ ନିର୍ମାଣରେ ଅଗ୍ରଣୀ ହେବ ଓଡ଼ିଶା

ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

ଗଞ୍ଜାମ ଜିଲାରେ ୩୦୦ କୋଟି ଟଙ୍କାର ଏକ ମଲ୍ଟି-ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ଆଇଜି ଡିଫେନ୍ସ ପକ୍ଷରୁ ୩୦ ଏକର ଜମିରେ ଏହି କେନ୍ଦ୍ରରେ ମୁଖ୍ୟତଃ ଉନ୍ନତ ମାନର ଚାଳକବିହୀନ ଡ୍ରୋନ୍ ସହ ଅନ୍ୟାନ୍ୟ ପ୍ରତିରକ୍ଷା ସରଞ୍ଜାମ ତିଆରି କରାଯିବ, ଯେଉଁଥିରେ ଯୁଦ୍ଧ ପାଇଁ ଆବଶ୍ୟକ ହେଉଥିବା ଉଚ୍ଚ କ୍ଷମତାସମ୍ପନ୍ନ ଟାକ୍ଟିକାଲ ଡ୍ରୋନ୍ ଅନ୍ତର୍ଭୁକ୍ତ। ଆଇଜି ଡିଫେନ୍ସର ବରିଷ୍ଠ ଭାଇସ୍ ପ୍ରେସିଡେଣ୍ଟ ମେଜର ଜେନେରାଲ (ଅବସରପ୍ରାପ୍ତ) ରମେଶ ଚନ୍ଦ୍ର ପାଢ଼ୀ ଏହି ସୂଚନା ଦେଇଛନ୍ତି। ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶାରେ ଥିବା ଡିଆର୍‌ଡିଓ ଲାବରେଟୋରି, ହାଲ୍ କେନ୍ଦ୍ର, ଅର୍ଡନାନ୍ସ ଫ୍ୟାକ୍ଟ୍ରି ନେଟ୍‌ୱର୍କ ଏବଂ ଗୋପାଳପୁର ଟେଷ୍ଟ ରେଞ୍ଜ ଭଳି ପ୍ରତିରକ୍ଷା ଇକୋସିଷ୍ଟମର ସହାୟତା ନେଇ ଏହି କେନ୍ଦ୍ରରେ ସ୍ୱଦେଶୀ ଇଲେକ୍ଟ୍ରୋନିକ୍ ୱାରଫେୟାର ଉପଯୋଗୀ ଚାଳକବିହୀନ ଡ୍ରୋନ୍ ସହ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସରଞ୍ଜାମର ବିକାଶ କରାଯିବ। ଏହିସବୁ ପ୍ରତିରକ୍ଷା ବ୍ୟବସ୍ଥା ଭାରତର ସୁରକ୍ଷା ଏବଂ ସାର୍ବଭୌମତ୍ୱକୁ ମଜଭୁତ କରିବା ସହ ଭାରତର ବନ୍ଧୁ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ରପ୍ତାନି କରାଯିବ। ଦେଶର ଆତ୍ମନିର୍ଭରଶୀଳତା ଲକ୍ଷ୍ୟ ପୂରଣ କରିବା ଏବଂ ଘରୋଇ ପ୍ରତିରକ୍ଷା ଉତ୍ପାଦନ କ୍ଷମତା ବଢ଼ାଇବା ଦିଗରେ ଏହି ପ୍ରକଳ୍ପ ଏକ ବଡ଼ ପଦକ୍ଷେପ। ଏହି ଅନୁମୋଦନ ଆଇଜି ଡିଫେନ୍ସକୁ ଓଡ଼ିଶାର ବଢ଼ୁଥିବା ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ ଭିତ୍ତିଭୂମିରେ ଏକ ମୁଖ୍ୟ ଅଂଶୀଦାର କରିଛି। ନିଜସ୍ୱ ଟେକ୍ନୋଲୋଜି ଉପରେ ଆଧାରିତ ଆଇଜି ଡିଫେନ୍ସ, ପ୍ରକୃତ ଯୁଦ୍ଧ ପରିସ୍ଥିତିରେ କାମ କରିପାରୁଥିବା ସିଷ୍ଟମ ତିଆରି କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଅପରେଶନ ସିନ୍ଦୂର ସମେତ ଅନେକ କ୍ଷେତ୍ରରେ ଏହାର ଡ୍ରୋନ୍ ଏବଂ କାଉଣ୍ଟର-ଡ୍ରୋନ୍ ସଫଳତାର ସହ ପରୀକ୍ଷା କରାଯାଇଛି ଏବଂ ଏମାନଙ୍କର କିଛି ପ୍ୟାଟେଣ୍ଟ ପ୍ରାପ୍ତ ଡ୍ରୋନ୍‌କୁ ଭାରତୀୟ ସେନା ଓ ନୌସେନାରେ ସାମିଲ କରାଯାଇଛି। ନିକଟରେ ଆଇଜି ଡିଫେନ୍ସକୁ ବିଭିନ୍ନ ସୁରକ୍ଷା ବାହିନୀ ପକ୍ଷରୁ ୫,୦୦୦ରୁ ଅଧିକ ଏଫ୍‌ପିଭି କାମିକାଜେ ଷ୍ଟ୍ରାଇକର ଡ୍ରୋନ୍ ଯୋଗାଇବା ପାଇଁ ଅର୍ଡର ମିଳିଛି। ଏଥିରେ ବିସ୍ଫୋରକ ବହନ କରିପାରୁଥିବା ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭେଦ କରିପାରୁଥିବା ଏଫପିଭି ଡ୍ରୋନ ଅନ୍ତର୍ଭୁକ୍ତ, ଯାହା ଆଇଜି ଡିଫେନ୍ସକୁ ଦେଶୀୟ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧ ଉପକରଣ ଯୋଗାଣରେ ଏକ ବିଶ୍ୱସ୍ତ କମ୍ପାନୀ ଭାବେ ପ୍ରତିଷ୍ଠିତ କରିଛି।

# ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଅନୁଗୋଳରେ ୫୧ ମେଗା ଲକ୍ଷପତି ଡ୍ର




## ମୁଖ୍ୟ ଆକର୍ଷଣ ସାଜିଲେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ

ଅନୁଗୋଳ, ୧୨।୨ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ବିଜୁ ମଇଦାନରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ '୫୧ ମେଗା ଲକ୍ଷପତି ଡ୍ର' କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୫ ବର୍ଷ ଧରି ଅରୁନ୍ଧତୀ ଜୁଏଲର୍ସ ଓଡ଼ିଶାବାସୀଙ୍କ ବିଶ୍ୱାସ ଓ ଗ୍ରାହକଙ୍କ ମନକୁ ଛୁଇଁଲା ପରି ଆକର୍ଷଣୀୟ ସୁନାଗହଣା ସହ ସେବା ଭେଟି ଦେଇଆସିଛି। ତେବେ ଚଳିତବର୍ଷ ସେହି ସଫଳତାକୁ ଆଉ ପାଦେ ଆଗକୁ ନେଇ ପ୍ରତିଷ୍ଠାନ ପକ୍ଷରୁ ୫୧ ଜଣ ଭାଗ୍ୟଶାଳୀ କୁପନଧାରୀ ଗ୍ରାହକଙ୍କୁ ଲକ୍ଷପତି ହେବାର ସର୍ବୋତ୍ତମ ସୁଯୋଗ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟ ଆକର୍ଷଣ ସାଜିଥିଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ନାୟିକା ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ। ଉପସ୍ଥାପିକା ରୋଜାଲିନ ମଞ୍ଚ ପରିଚାଳନା କରିଥିବା ବେଳେ ସୁନାମଧନ୍ୟ କଣ୍ଠଶିଳ୍ପୀ ନାଭ୍ୟାଙ୍କ ସୁମଧୁର ସଙ୍ଗୀତ ପରିବେଷଣ ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ଓଡ଼ିଶାବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ନିରନ୍ତର ଭଲପାଇବା ପାଇଁ ଅରୁନ୍ଧତୀ ଜୁଏଲର୍ସ ସଫଳତାର ଶୀର୍ଷକୁ ଛୁଇଁପାରିଛି। ଏଥିପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏହିପରି ଆକର୍ଷଣୀୟ ଅଫର ଏବଂ ନିଷ୍ଠାପର ସେବା ଯୋଗାଇଦେବାକୁ ଅରୁନ୍ଧତୀ ପରିବାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ।

# ବେଦାନ୍ତ ଝାରସୁଗୁଡ଼ାର ବିଦ୍ୟାଗ୍ରହ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ, ବ୍ୟାପକ ଶିକ୍ଷା ଶିବିର ମାଧ୍ୟମରେ ଝାରସୁଗୁଡ଼ାର ସରକାରୀ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ଆଗାମୀ ବୋର୍ଡ ପରୀକ୍ଷା ପାଇଁ ସହାୟତା କରିଛି। ଏହାର ବିଦ୍ୟାଗ୍ରହ ପଦକ୍ଷେପ ଅଧୀନରେ ଜିଲାର ସରକାରୀ ହାଇସ୍କୁଲରେ ଏହିପରି ୪ଟି ଶିବିର ଅନୁଷ୍ଠିତ ହୋଇଥିଲା। ଯୁଜି ହାଇସ୍କୁଲ (ସିରିଆପାଲି), ଭିଏସ୍‌ଏସ୍ ହାଇସ୍କୁଲ (ବେହେରାମାଲ), ପଞ୍ଚାୟତ ହାଇସ୍କୁଲ (ବଡମାଲ) ଏବଂ ସରକାରୀ ହାଇସ୍କୁଲ (ସରବାହାଲ)ରେ ଅନୁଷ୍ଠିତ ଏହି ଶିବିରଗୁଡ଼ିକୁ ଝାରସୁଗୁଡ଼ାର ପ୍ରାୟ ୨୦୦ ଛାତ୍ରୀଛାତ୍ରଙ୍କୁ ଉପକୃତ କରିଛି। ଏହି ଶିବିରଗୁଡ଼ିକରେ ଗଣିତ, ବିଜ୍ଞାନ ଏବଂ ଇଂରାଜୀରେ ମୌଳିକ ଧାରଣାର ବୁଝାମଣାକୁ ସୁଦୃଢ଼ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଏହି ପଦ୍ଧତି ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ପଦ୍ଧତି, ମୂଲ୍ୟାଙ୍କନ ପାରାମିଟର ଏବଂ ସାମଗ୍ରିକ ମୂଲ୍ୟାଙ୍କନ ପ୍ରକ୍ରିୟା ସହ ପରିଚିତ କରାଇବାରେ ମଧ୍ୟ ସକ୍ଷମ କରିଛି, ଯାହା ଗୁରୁତ୍ୱପୂର୍ଣ୍ଣ ବୋର୍ଡ ପରୀକ୍ଷା ପୂର୍ବରୁ ସେମାନଙ୍କର ଆତ୍ମବିଶ୍ୱାସ ଏବଂ ଦକ୍ଷତା ଉଭୟକୁ ଗଠନ କରିବାରେ ସାହାଯ୍ୟ କରିଛି। ଇଭିପି (କର୍ମଚାରୀ ସ୍ୱେଚ୍ଛାସେବକ କାର୍ଯ୍ୟକ୍ରମ) ଅଧୀନରେ, ବେଦାନ୍ତ ଝାରସୁଗୁଡ଼ା ୩୦ରୁ ଅଧିକ କର୍ମଚାରୀ ସ୍ୱେଚ୍ଛାସେବକ ଶିବିରଗୁଡ଼ିକ କ୍ୟାରିଅର ମାର୍ଗଦର୍ଶନ ଏବଂ ଶୈକ୍ଷିକ ପରାମର୍ଶ ଅଧିବେଶନରେ ସାମିଲ ହୋଇଥିଲେ। ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ବିଦ୍ୟାଗ୍ରହ ପ୍ରୟାସ ମାଧ୍ୟମରେ, ଆମେ ଶିକ୍ଷାଗତ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ଛାତ୍ରୀଛାତ୍ରଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅର୍ଥପୂର୍ଣ୍ଣ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ କାର୍ଯ୍ୟ କରୁଛୁ।

# ୧୨୦୦ କୋଟି ସ୍ପାମ୍ କଲ୍ ରୋକିଛି ଟ୍ରୁକଲର

ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

୨୦୨୫ରେ ଭାରତୀୟମାନଙ୍କ ପାଖକୁ ୪,୧୬୮ କୋଟିରୁ ଅଧିକ ସ୍ପାମ୍ କଲ୍ ଆସିଛି, ଯାହା ଦୈନନ୍ଦିନ ଯୋଗାଯୋଗରେ ବଢ଼ୁଥିବା ଠକେଇ ଏବଂ ଡିଜିଟାଲ ବିପଦକୁ ଦର୍ଶାଉଛି। ଟ୍ରୁକଲରର ସଦ୍ୟତମ ରିପୋର୍ଟ ଦର୍ଶାଉଛି ଯେ ଏହି ଅନାବଶ୍ୟକ କଲ୍ ମଧ୍ୟରୁ ୧୧୮୯ କୋଟି ବ୍ୟବହାରକାରୀଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଅବରୋଧ କରାଯାଇଥିଲା। ଏହା ବହୁ ଲକ୍ଷ ଲୋକଙ୍କୁ ଠକେଇ, ସମୟ ନଷ୍ଟ ଏବଂ ବର୍ଦ୍ଧିତ ସଂଯୁକ୍ତ ଅର୍ଥନୀତିରେ ଅନାବଶ୍ୟକ ଚାପରୁ ରକ୍ଷା କରିବାରେ ସାହାଯ୍ୟ କରିଛି। ଦେଶରେ ୧୦୦ କୋଟିରୁ ଅଧିକ ସକ୍ରିୟ ଫୋନ୍ ସଂଯୋଗ ବାଣିଜ୍ୟ, ଶାସନ ଏବଂ ବ୍ୟକ୍ତିଗତ ସମ୍ପର୍କକୁ ଶକ୍ତି ପ୍ରଦାନ କରୁଥିବା ସହିତ, ଟ୍ରୁକଲର ଏହାର ୨୦୨୫ ଇଣ୍ଡିଆ ଇନ୍‌ସାଇଟ୍ସ ରିପୋର୍ଟ ପ୍ରକାଶ କରିଛି। ଏ ସମ୍ପର୍କରେ ଟ୍ରୁକଲରର ସିଇଓ ରିଜିତ ଝୁନ୍‌ଝୁନ୍‌ୱାଲା କହିଛନ୍ତି, ଠକେଇ କେବଳ ଏକ ବୈଷୟିକ ସମସ୍ୟା ନୁହେଁ, ଏହା ଏକ ମାନବିକ ସମସ୍ୟା। ରିପୋର୍ଟ ଅନୁଯାୟୀ, ଟ୍ରୁକଲର ୨୦୨୫ ମସିହାରେ ସାରା ଭାରତରେ ସ୍ପାମ୍ କଲ୍ ଚିହ୍ନଟ ଦ୍ୱାରା ୭୭୦ କୋଟି ଠକେଇ କଲ୍ ଚିହ୍ନଟ ହୋଇଥିଲା, ସେମାନଙ୍କ ମଧ୍ୟରୁ ଅନେକ ବ୍ୟାଙ୍କ, ସରକାରୀ କର୍ତ୍ତୃପକ୍ଷ, ପେମେଣ୍ଟ ପ୍ଲାଟ୍‌ଫର୍ମ ଏବଂ ଜଣାଶୁଣା ବ୍ରାଣ୍ଡର ନକଲ କରୁଥିଲେ। ସ୍ପାମ୍ ମେସେଜିଂ ମଧ୍ୟ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଥିଲା। ବର୍ଷକ ମଧ୍ୟରେ, ୧୨,୯୦୩ କୋଟିରୁ ଅଧିକ ସ୍ପାମ୍ ଏସ୍‌ଏମ୍‌ଏସ୍ ଚିହ୍ନଟ କରାଯାଇଥିଲା, ଯାହା ୨୦୨୫ର ଦ୍ୱିତୀୟାର୍ଦ୍ଧରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି।

# ହାତୀ ଭୟ: ରାତିରେ ଗଛ ଉପରେ ବିତୁଛି ଜୀବନ



ଗଛ ଉପରେ ଓ ତଳେ ଆଶ୍ରୟ ନେଇଥିବା ଗାଁ ଲୋକେ।

ନୂଆପଡ଼ା,୧୨।୨(ମହାରୁ ବେମାଲ)

ହାତୀ ଭୟ ଯୋଗୁ ରାତି ହେଲେ ଲୋକେ ଗଛ ଉପରେ ଜୀବନ ବିତାଉଛନ୍ତି। ଏଭଳି ଦୃଶ୍ୟ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଭିତରେ ବାସ କରୁଥିବା ଦାଉନାମା ଗାଁରେ ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ସୁନାବେଡ଼ା ପଞ୍ଚାୟତର ୧୦ ନମ୍ବର ୱାର୍ଡ ଦାଉନାମା ଗାଁରେ ୭ ପରିବାରର ୪୦ଜଣ ସଦସ୍ୟ ବସବାସ କରନ୍ତି। ସେଥିମଧ୍ୟରେ ୧୪ ଜଣ ଶିଶୁ ରହିଛନ୍ତି। ଆବାସ ଯୋଜନାରେ ସାମିଲ ହୋଇ ନ ଥିବାରୁ ପରିବାର ସଦସ୍ୟ ଚାଳ ଛପର କୁଡ଼ିଆରେ ରହିଆସୁଥିଲେ। ଗତ ୩ ତାରିଖ ରାତିରେ ୨୭ ଟିକିଆ ହାତୀପଲ ଗାଁକୁ ଆସି ସବୁ ଘର ଭାଙ୍ଗିଦେବା ସହ ଧାନ, ଚାଉଳ ଖାଇ ଜିନିଷପତ୍ର ନଷ୍ଟ କରି ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅସ୍ଥାୟୀ ବ୍ୟବସ୍ଥା କରା ନ ଯିବାରୁ ଗାଁ ଲୋକେ ଗଛ ମୂଳେ ଆଶ୍ରୟ ନେଉଛନ୍ତି। ଦିନବେଳା ଗଛ ତଳେ ରହି ରୋଷେଇ କରି ଖାଉଥିବା ବେଳେ ରାତି ହେଲେ ପୁରୁଷମାନେ ଛୋଟ ଛୁଆଙ୍କୁ ସାଙ୍ଗରେ ଧରି ଗଛ ଉପରେ ବସି ରହୁଥିବା ବେଳେ ମହିଳାମାନେ ଗଛ ତଳେ କାଠ ମଞ୍ଚା କରି ବସିରହନ୍ତି। କାଳେ ରାତିରେ ହାତୀ କିମ୍ବା ଅନ୍ୟ ହିଂସ୍ରଜନ୍ତୁ ଆସିଯିବେ ଭାବି ପୁରୁଷ ଲୋକେ ପାଳି କରି ଗାଁ ଚାରି ପାଖରେ ପହରା ଦେଉଛନ୍ତି। ଗାଁରେ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର, ଜଳ ଯୋଗାଣ ଭଳି ସୁବିଧା ନାହିଁ। ବିଜୁଳି ଆଲୋକ ସାପସପନ। ଫଳରେ ଗାଧା ଜାଳି ରାତିରେ ପୁରୁଷମାନେ ପହରା ଦେଉଥାନ୍ତି। ଗାଁରେ ୪୦ ଜଣ ସଦସ୍ୟ ରହିଥିବାବେଳେ ସମସ୍ତେ ନିରାଶ୍ରୟ। ହାତୀ ଘର ଭାଙ୍ଗିବା ପରେ ପ୍ରଶାସନ ପକ୍ଷରୁ ତାରପୋଲିନ କୁଡ଼ିଆ କରି ରହିବା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା। ହେଲେ ୧୦ଦିନ ବିତିଯାଇଥିଲେ ମଧ୍ୟ କୌଣସି ସୁବିଧା କରାଯାଇନାହିଁ। ଗାଁ ଲୋକଙ୍କ ଜମି କିମ୍ବା ଘରଡିହ ପଟ୍ଟା ନ ଥିବାରୁ କୌଣସି ସରକାରୀ ସୁବିଧା ପାଇବାରୁ ବଞ୍ଚିତ ଅଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ସୁନାବେଡ଼ା ଅଭୟାରଣ୍ୟ ବନଖଣ୍ଡ ଅଧିକାରୀ ସମୀର ସାହୁଙ୍କୁ ପଚାରିବାରୁ ଦାଉନାମା ଗାଁକୁ ହାତୀ ଆସି ସବୁ ଘରକୁ ଭାଙ୍ଗି ଧୂଳିସାତ କରିଦେଇଛି। ସେମାନଙ୍କୁ ସୁନାବେଡ଼ା ଅଭୟାରଣ୍ୟରୁ ନେଇ ତଳେ କୌଣସି ସ୍ଥାନରେ ଘରଡିହ ପାଇଁ ୪ ଡେସିମିଲ ପଟ୍ଟା ଦେଇ ଆବାସ ଯୋଜନାରେ ସାମିଲ କରାଯାଇ ଅଥଥାନ କରାଯିବ ବୋଲି କହିଥିଲେ।

# ୨୩ ସୁଦ୍ଧା କନିଷ୍ଠ ଶିକ୍ଷକଙ୍କ ସିସିଆର୍ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୨(ଚୁନ୍ଦ୍ରିକା ସାହୁ)

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୩ ହଜାର ୩୮୭ ଜଣ କନିଷ୍ଠ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଉଛି। ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ଚୂଡ଼ାନ୍ତ ପଦୋନ୍ନତି ତାଲିକାକୁ ନେଇ ସେମାନଙ୍କର ପର୍ଫରମାନ୍ସ ଆପ୍ରେଜାଲ ରିପୋର୍ଟ (ପାର), ସମ୍ପତ୍ତି ବିବରଣୀ, ଭିଜିଲାନ୍ସ ଏବଂ ଆପରାଧିକ ମାମଲା ସମ୍ବନ୍ଧୀୟ କ୍ଲିୟରାନ୍ସ ସାର୍ଟିଫିକେଟ ଦାଖଲ କରିବା ପାଇଁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସମସ୍ତ ଜିଲ୍ଲାର ଡିଇଓମାନେ ଶିକ୍ଷକମାନଙ୍କ ସମସ୍ତ ଡକ୍ୟୁମେଣ୍ଟ ସହ ଚରିତ୍ର ପଞ୍ଜିକା ପ୍ରମାଣପତ୍ର (ସିସିଆର) ଆସନ୍ତା ୨୩ ତାରିଖ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ପୂର୍ବରୁ ୨୦୨୪ ସେପ୍ଟେମ୍ବରରେ ଏ ନେଇ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ତେବେ ଶିକ୍ଷକମାନେ ସମସ୍ତ ଡକ୍ୟୁମେଣ୍ଟ ଦାଖଲ କରି ନ ଥିବାରୁ ନିର୍ଦ୍ଦେଶାଳୟକୁ ବୁଧବାର ପୁଣି ଚିଠି ଲେଖାଯାଇଛି। ସମସ୍ତ ଶିକ୍ଷକମାନ ଡିଇଓଙ୍କ ଦ୍ୱାରା କାଉଣ୍ଟର ସାଇନ କରାଇବେ। ୨୦୨୩-୨୪ ଓ ୨୦୨୪-୨୫ ବର୍ଷର ପର୍ଫରମାନ୍ସ ଆପ୍ରେଜାଲ ରିପୋର୍ଟ (ପାର) ଦାଖଲ କରିବେ। ଏଥିସହ ୨୦୨୫ ବର୍ଷର ସମ୍ପତ୍ତି ବିବରଣୀର ସମସ୍ତ ନକଲ ଏବଂ ଶିକ୍ଷକଙ୍କ ବିରୋଧରେ କୌଣସି ଭିଜିଲାନ୍ସ କିମ୍ବା ଆପରାଧିକ ମାମଲା ନ ଥିବା ସାର୍ଟିଫିକେଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିଇଓଙ୍କଠାରୁ ସେସବୁ ଡକ୍ୟୁମେଣ୍ଟ ଆସିବା ପରେ ପଦୋନ୍ନତିପ୍ରାପ୍ତ ଶିକ୍ଷକଙ୍କୁ ଖାଲିଥିବା ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତ କରାଯିବ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଜନସାଧାରଣଙ୍କ ସମର୍ଥନ ବନ୍ଦକୁ ସଫଳ କରିଛି: କଂଗ୍ରେସ

ଭୁବନେଶ୍ୱର,୧୨।୨(ରବିନାରାୟଣ ଜେନା)

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ, ବ୍ୟାଙ୍କ, ବୀମା ଓ କଂଗ୍ରେସ ଏବଂ ବାମପନ୍ଥୀ ପକ୍ଷରୁ ଗୁରୁବାର ଦିଆଯାଇଥିବା ବନ୍ଦ ଡାକରା ସଫଳ ହୋଇଥିବାରୁ ରାଜ୍ୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ କୃତଜ୍ଞତା ଜଣାଇଛନ୍ତି। ଖୁଣ୍ଟିଆ କହିଛନ୍ତି, ସାରା ରାଜ୍ୟରେ ଏହି ଧର୍ମଘଟ ସଫଳ ହୋଇଛି। କେନ୍ଦ୍ର ସରକାର ତୁରନ୍ତ ଲେବର କୋଡ଼କୁ ପ୍ରତ୍ୟାହାର କରିବା ସହ ଭାରତୀୟ ଲେବର କନ୍‌ଫରେନ୍ସ ଡାକି ଗୁରୁତ୍ୱପୂର୍ଣ୍ଣ ଦାବିଗୁଡ଼ିକ ସମ୍ପର୍କରେ ତ୍ରିପାକ୍ଷିକ-ତ୍ରିପାକ୍ଷିକ ଆଲୋଚନା କରି ଏସବୁର ସମାଧାନ କରନ୍ତୁ। ସେ ପୁଣି କହିଥିଲେ, ଗୁରୁବାର ପୂର୍ବାହ୍ନରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆହ୍ୱାନରେ ମାଷ୍ଟରକ୍ୟାଣ୍ଟିନ, ରାଜମହଲ, ପିଏମ୍‌ଜି ଛକ ପ୍ରଭୃତିରେ ଧାରଣା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ସରକାରଙ୍କ ଆଖି ଖୋଲି ଦେଇଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସାଧାରଣ ସମ୍ପାଦକ କିଶୋର ଜେନା ପ୍ରମୁଖ ସାମିଲ ଥିଲେ।

# ଚଳିତବର୍ଷ ଆଗୁଆ ହେବ ସ୍ନାତକ, ସ୍ନାତକୋତ୍ତର ନାମଲେଖା

## ଜୁଲାଇ ଦ୍ୱିତୀୟ ସପ୍ତାହରୁ ଶିକ୍ଷାଦାନ ଆରମ୍ଭ

ଭୁବନେଶ୍ୱର,୧୨।୨(ଚୁନ୍ଦ୍ରିକା ସାହୁ)

ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚଳିତ ବର୍ଷ ନାମଲେଖା ଆଗୁଆ କରାଯିବ। ଜୁଲାଇ ମାସ ଦ୍ୱିତୀୟ ସପ୍ତାହରୁ ଶିକ୍ଷାଦାନ ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ଯୋଜନା ପ୍ରସ୍ତୁତ କରିଛି। ଏହାକୁ ଦୃଷ୍ଟିରେ ରଖି ସ୍ନାତକୋତ୍ତର ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା (ସିଇଟି)କୁ ଆଗୁଆ କରାଯିବ। ସେହିପରି ସ୍ନାତକ ପଢୁଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷାକୁ ମଧ୍ୟ ସଠିକ୍ ସମୟରେ କରି ତ୍ୱରିତ ଫଳ ପ୍ରକାଶ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। କୋଭିଡ୍ ସମୟରୁ ନାମଲେଖା ଓ ପାଠପଢ଼ା ସମୟକ୍ରମରେ ବିରାଟ ବ୍ୟବଧାନ ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ଏପ୍ରିଲ ୩୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ସେମାନଙ୍କ ଶେଷ ସେମିଷ୍ଟର ପରୀକ୍ଷା ସାରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ସରିବାର ମାସକ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ କରିବେ। ଯଦ୍ଵାରା ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ମଧ୍ୟ ଓଡ଼ିଶାର ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଏହି ସମୟ ଅବଧି ମଧ୍ୟରେ ଅନ୍ୟ ସେମିଷ୍ଟର ପରୀକ୍ଷା ମଧ୍ୟ ଅନୁଷ୍ଠିତ କରିବାକୁ କୁହାଯାଇଛି। ଫଳରେ ଶେଷ ସେମିଷ୍ଟର ପରୀକ୍ଷା ଦେଉଥିବା ପିଲାଙ୍କର ଅନ୍ୟ ସେମିଷ୍ଟରରେ ବ୍ୟାକ୍ ଲାଗିଥିଲେ ମଧ୍ୟ କୌଣସି ଅସୁବିଧାର ସମ୍ମୁଖୀନ ହେବେନାହିଁ। ଅନୁରୂପ ଭାବେ ସ୍ନାତକୋତ୍ତର ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା (ସିଇଟି) କରିବାକୁ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ପୂର୍ବବର୍ଷ ପରିଲକ୍ଷିତ ଥର ରାଜ୍ୟ ପ୍ରବେଶ ମଣ୍ଡଳୀ (ଏସ୍‌ଏଏ) ପ୍ରବେଶିକା ପରୀକ୍ଷା ପରିଚାଳନା କରିବ। ଆବେଦନ ପୂର୍ବରୁ ସମସ୍ତ ବିଷୟକୁ ସଠିକ୍ ଭାବେ ୱେବସାଇଟ୍‌ରେ ସଂଲଗ୍ନ କରିବା ଓ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ ବିଷୟ ତାଲିକା ପ୍ରଦାନ ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ମହାବିଦ୍ୟାଳୟଙ୍କ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ସମସ୍ତ ପ୍ରକ୍ରିୟା ସରିବା ପରେ ପୂର୍ବବର୍ଷ ପରି ପରୀକ୍ଷାଫଳ ପ୍ରକାଶ ପୂର୍ବରୁ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ନାମଲେଖା ପାଇଁ ଆବେଦନ ଆରମ୍ଭ କରିବାକୁ ବିଭାଗ ଯୋଜନା କରିଛି।

# ରେଭେନ୍ସାକୁ ମିଳୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା

## ରାଜ୍ୟ ସଭାରେ ଦେବାଶିଷଙ୍କ ଦାବି

କଟକ,୧୨।୨(ବ୍ୟୁରୋ)

ରେଭେନ୍ସା ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ଏମ୍‌ପି ଦେବାଶିଷ ସାମନ୍ତରାୟ ରାଜ୍ୟ ସଭାରେ ଦାବି ଉଠାଇଛନ୍ତି। ଓଡ଼ିଶାର ଶିକ୍ଷା ବ୍ୟବସ୍ଥାର ବୃହତ୍ତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏ ଦିଗରେ ପଦକ୍ଷେପ ନେବାକୁ ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ମଧ୍ୟ ନିବେଦନ କରିଛନ୍ତି। ରାଜ୍ୟ ସଭାରେ ଏମ୍‌ପି ଦେବାଶିଷ କହିଥିଲେ, ଓଡ଼ିଶାରେ ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରହିଛି। ମାତ୍ର ଉତ୍ତରପ୍ରଦେଶ, ଦିଲ୍ଲୀ, ରାଜସ୍ଥାନ ଭଳି ରାଜ୍ୟରେ ଏହି ସଂଖ୍ୟା ଅଧିକ। ହିମାଚଳପ୍ରଦେଶ ଏବଂ ଝାଡ଼ଖଣ୍ଡ ଭଳି ଛୋଟ ରାଜ୍ୟରେ ମଧ୍ୟ ଉତ୍ସର୍ଗୀକୃତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପୂର୍ଣ୍ଣମାତ୍ରାରେ କାର୍ଯ୍ୟ କରୁଛି। ୧୮୬୮ ମସିହାରେ ରେଭେନ୍ସା କଲେଜ ପ୍ରତିଷ୍ଠା ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି। ଏହି ଶିକ୍ଷାନୁଷ୍ଠାନରୁ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସୃଷ୍ଟି ହୋଇଛି। ଏଠାରେ ଉନ୍ନତ ଭିତ୍ତିଭୂମି ରହିବା ସହ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ରହିଛି। ଓଡ଼ିଶାରେ ଅନୁସୂଚିତ ଜାତି, ଜନଜାତି ସଂଖ୍ୟା ଅଧିକ। ଶିକ୍ଷାଗ୍ରହଣ କ୍ଷେତ୍ରରେ ଓଡ଼ିଶା ପଛୁଆ। ରେଭେନ୍ସାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଗଲେ, ଓଡ଼ିଶାର ଶିକ୍ଷାଗ୍ରହଣ ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇପାରିବ ବୋଲି ଏମ୍‌ପି ଦେବାଶିଷ କହିଥିଲେ।

# ନବରଙ୍ଗପୁରରେ 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା' ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ନବରଙ୍ଗପୁର,୧୨।୨(ସଦାଶିବ ପ୍ରହରାଜ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନବରଙ୍ଗପୁର ଜିଲ୍ଲା ଗସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ଶୁଭାରମ୍ଭ କରିବେ। ଏନେଇ ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ ଗୁରୁବାର ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ନବରଙ୍ଗପୁରରୁ 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା' ଶୁଭାରମ୍ଭ କରିବେ। ଏଥିସହ ୫୦ ଏକର ୫୪ ଡେସିମିଲ ଜମିରେ ପଢ଼ାଗୁଡ଼ାରେ ନିର୍ମାଣ ହେବାକୁ ଥିବା ନୂତନ ସରକାରୀ ମେଡିକାଲ କଲେଜ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଜିଲ୍ଲାର ୪୪୬ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ବିଭାଗୀୟ ଉନ୍ନତିମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଆର୍ଥିକ ଅନଗ୍ରସର ଶ୍ରେଣୀର ବରିଷ୍ଠ ନାଗରିକ (୬୦ ରୁ ୭୫ ବର୍ଷ ବୟସ୍କ) ଓ ୬୫ ବର୍ଷ ବୟସ ମଧ୍ୟରେ ସମସ୍ତ ବିଧବା ମହିଳା ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିପାରିବେ। ରାଜ୍ୟ ସରକାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ଭକ୍ତଙ୍କ ଯାତାୟାତ ଓ ଅନ୍ୟ ଆବଶ୍ୟକ ବ୍ୟବସ୍ଥାର ସମସ୍ତ ଖର୍ଚ୍ଚ ବହନ କରିବେ। ଶୁକ୍ରବାର ୪ଟିବସ୍‌ରେ ୧୪୮ ତୀର୍ଥଯାତ୍ରୀ ଓ ୧୨ ଜଣ ନୋଡାଲ ଅଧିକାରୀ ପୁରୀ ଅଭିମୁଖେ ଯାତ୍ରା କରିବା କାର୍ଯ୍ୟକ୍ରମ ଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ଜଗଦୀଶ ରାୟ ମଧ୍ୟ ଉପସ୍ଥିତ ଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
No.25001/139/2526
Letter No. 635 — email : serwsbd2003@yahoo.com — Dt. 04.02.2026

**NATIONAL COMPETITIVE BIDDING THROUGH GePNIC e_Procurement Notice**

1. Name of the work : Construction of Bridge Work-1 No., 2. Class of Contractor : "A" Class of (Odisha PWD) or relevant class of other licensing authority, 3. Estimated Cost : Rs.363.46 Lakhs (Approximately), 4. Details of projects : As pere Annexure attached.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 46/2025-26 | 10.02.2026 at 11.00 A.M. | 02.03.2026 up to 5.00 P.M. | 27.02.2026 up to 2.00 P.M. | 05.03.2026 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in
6. Any Corrigendum/Addendum will be displayed in the above e-tender website.

Sd/- Chief Construction Engineer, Rural Works Circle, Sunabeda
OIPR-25001/25182/1/25-26/0050

**OFFICE OF THE NOTIFIED AREA COUNCIL : ODAGAON**
**COMPETITIVE BIDDING THROUGH e-Procurement**
NOTICE INVITING TENDER
Notice No.366// Date : 06.02.2026
**Bid Reference No. NAC-NAC-ODG-06/2025-26**

No.13001/164/2526 : On behalf of the ODAGAON NAC, on-line e-tender **Percentage Rate Bids in Single bid system (General & Technical)** invited by the Executive Officer, ODAGAON NAC from the intending and eligible class/category of bidders inconformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under ODAGAON NAC are also eligible to participate for the works.

1. Total No. of works for which Tenders invited : **01 Nos**
2. Place of Execution : ODAGAON NAC
3. Estimated Cost of Individual Work: **Rs.21,49,050.00/-**
4. Eligible Class of Contractors: Registered Contractors of **HT Electrical License** as indicated against each work mentioned in the tender call notice.
5. Intending bidders have to participate through **"On-Line"** bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **11.00A.M** on **09.02.2026** to **05.00 P.M** on **17.02.2026** for online bidding.
7. Bids received online will be opened at **11.00 A.M on 18.02.2026**.
8. The bidder must possess valid and compatible **Digital Signature Certificate (DSC)**.
9. The DTCN for **01 No.** of works shall be available in the e-procurement portal www.tendersodisha.gov.in for on-line bidding.

Sd/- Executive Officer, ODAGAON NAC
OIPR-13001/13142/1/25-26/0001

**OFFICE OF THE SUPERINTENDING ENGINEER, EARTH DAM DIVISION, CHITRAKONDA**
**DISTRICT : MALKANGIRI**
E-Mail ID : executiveengineereddckd@gmail.com
No.32001/73/2526

**'e' Procurement Notice No.SE-EDD-CKD-03/2025-26**

1. Type of Works : River Bank Flood Protection Work, 2. Total No. of Works : One (01) No., 3. Estimated Cost : Rs.98.63 Lakh, 4. Period of Completion : Six (6) Calendar Months, 5. Class of Contractor : 'B' Class

| Procurement Officer | Bid Identification No. | Availability and submission of Bids-online | | Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Earth Dam Division, Chitrakonda | SE-EDD-CKD-03/2025-26 | 16.02.2026 10.00 A.M. | 02.03.2026 upto 5.00 P.M. | 05.03.2026 At 10.30 A.M. on wards at O/o S.E., Earth Dam Division, Chitrakonda |

**Date of Opening of the Tender / Bid : 05.03.2026 at 10.30 A.M.**
**Further details can be seen from the Govt. Website www.tendersodisha.gov.in**

Sd/- Superintending Engineer, Earth Dam Division, Chitrakonda, Malkangiri (O)
OIPR-32001/32019/1/25-26/0001

ଓଏସିସି **ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନରେ ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
CIN-U45203OR1983SGC001153
Vikash Bhavan, Nayapalli, Bhubaneswar-751012, Tel : 0674-2390043, Website : www.obcc.in, Email : md@obcc.in;info@obcc.in
No.34001/70/2526
No.884 — Date : 09.02.2026
File : OBCC-CIRI-MISC-0023-2026

**NOTICE INVITING TENDER**

| | | |
|---|---|---|
| 1. | Name of Work | Construction of 2 lane ROB at LC No.-215, Between Panposh-Kalunga Station excluding the railway portion of span 1 x 18 + 1 x 62 |
| 2. | Bid Identification No. of the Tender Document | 51/Tender/OBCC/2025-26 |
| 3. | Date of availability in e-procurement portal | From Dt.12.02.2026 |
| 4. | Last Date of receipt of Prebid queries | Up to 05.00 P.M. of Dt.17.02.2026 |
| 5. | Prebid Meeting (Online Mode) | at 11:30 A.M of 11.02.2026 https://meet.google.com/umx-grqf-cow |
| 6. | Last Date & time of receipt of online bid | 05.03.2026 till 05:30 P.M. |
| 7. | Date of Opening of online technical bid | 06.03.2026 at 11:30 A.M. |
| 8. | Period of completion | 18 Calendar Months |
| 9. | Further details can be seen from the e-Procurement portal https://www.tendersodisha.gov.in | |
| 10. | OBCC has the right to accept or reject the Notice/RFP/Proposal without assigning any reason thereof. | |

OIPR-34001/34161/1/25-26/0028 — Sd/- Chief Engineer-I

**ODISHA UNIVERSITY OF TECHNOLOGY AND RESEARCH**
Techno Campus, Ghatikia, P.O.- Mahalaxmi Vihar
Bhubaneswar-751029, Odisha, India
Notice No.OUTR/SELS-ACL/2025-26/37 — Date:02.02.2026

**No.16001/16/2526:** Online Tenders through e-procurement under two bid systems are invited from Original Equipment Manufacturers/ Distributor/ Authorised Dealers for "Supply of equipment for Advance Communication Laboratory of School of Electronic Sciences" at OUTR, Bhubaneswar, Date & Time of available in Tenders Odisha Portal: 03.02.2026 at 05.00 P.M. Last Date and Time of submission of Bid: 25.02.2026 upto 05.00 P.M. For details: Please visit : **http://tendersodisha.gov.in & http://www.outr.ac.in**
For Technical query please contact:
Prof. Madhab Chandra Tripathy, Phone No.-9438441309/ 9437295015, Email: hosels@outr.ac.in
OIPR-16001/16005/1/25-26/0002 — **Sd./- REGISTRAR**

**OFFICE OF THE MUNICIPAL COUNCIL**
**BRAJRAJNAGAR**
**E-Procurement Notice**
**Bid Identification No. : BRJNRM-05/2025-26.**
No.13001/173/2526
Total No. of Works : 40 Nos.
Tender ID : **2026_ORULB_125611**
Tender Value : Rs. 3.00 Lakhs to 210.00 Lakhs
Bid security : Rs.3,000.00 to Rs.2,10,001.00
Tender opening date : 21st February 2026, 11:00 A.M.
Bidders are requested to participate in advance with their Class-II, Class-III and Class-IV Contractor DSC before the closing date.
Further details please visit : www.tendersodisha.gov.in
Sd./- Executive Officer, Brajrajnagar Municipality
OIPR-13001/13099/1/25-26/0007

**District Mineral Foundation Trust**
Angul, Odisha, PIN - 759122
Tele: 06764-230745/E-mail: dmfangul@gmail.com
Notice No.-286 — Date -10.02.2026

**Corrigendum Notice**

**Ref.:** Eol No. - 1099/DMFT dated 20.12.2025.
Corrigendum Notice No - 82 dated 12.01.2026

**No.30001/14/2526** : The details of the corrigendum/revision made in the terms & conditions of the EoI for **"Empanelment of Central/State Public Sector Undertakings (PSUs) for carrying out various civil works executed by District Administration, Angul under DMFT Angul"** have been issued. Interested PSUs are requested to download the EoI documents and corrigendum notices from the website: www.angul.odisha.gov.in. The last date for receipt of the bid document has been extended upto 25.02.2026 (05.30 P.M.). Documents are to be submitted through Speed Post / Registered Post (India Post) only. Other terms and conditions will remain same.

Sd/- Collector & Chairperson-cum-Managing Trustee, DMFT, Angul
OIPR-30001/30027/1/25-26/0001

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା ୧୯୭୩ — IND-II-PH-୧୨୭୬ — ତା.୧୧.୦୨.୨୦୨୬
No. 8001/61/2526

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ସେଖସରାଭ "କ" ବାଲିଘାଟ, ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଭଞ୍ଜନଗର ତହସିଲ ଅନ୍ତର୍ଗତ ସେଖସରାଭ ଗ୍ରାମରେ ୫.୬୨୫ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ବାଲିଖଣିରୁ ବାଲି ଉତ୍ପାଦନ କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ "ସର୍ବସାଧାରଣ ଶୁଣାଣି" ତା.୦୫.୦୮.୨୦୨୫ ରିଖ ଦିବା ୧୦.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା, ଭଞ୍ଜନଗର ତହସିଲ ଅନ୍ତର୍ଗତ ମହମ୍ମଦନଗର ପାଟଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା "ଧରିତ୍ରୀ" ଏବଂ "The New Indian Express" ରେ ତା.୦୪.୦୭.୨୦୨୫ ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ତା.୨୭.୦୨.୨୦୨୬ ରିଖ ଦିବା ୧୦.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାର ମହମ୍ମଦନଗର ପାଟଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାରର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ.୧୫୩୩(ଇ), ତା.୧୪.୦୯.୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକଳ୍ପ ଅଧିସୂଚନା ଅନୁଯାୟୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ପ୍ରାଙ୍ଗଣରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଦ୍ଭେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧରେ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ବିଷୟରେ ପ୍ରତିକ୍ରିୟା ଦେବାକୁ ଯିଏ ଆଗ୍ରହୀ ସେ ଏହାର ମଧ୍ୟ ବିଷେଷ କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜିକୃତ ବା ଅପଞ୍ଜିକୃତ) ଯେକୌଣସି ବ୍ୟକ୍ତି କିମ୍ବା ଲୋକଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳର ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ଲିଖିତ ଭାବେ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା.୨୭.୦୨.୨୦୨୬ ରିଖ ଦିବା ୧୦.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାର ମହମ୍ମଦନଗର ପାଟଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣ ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ବିବରଣୀ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧.ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର।
୨.ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର।
୪.ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧୦୧୨।
୫.ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ବାଲେଶ୍ୱର।
୬.ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବସାଇଟ୍ https://ospcboard.odisha.gov.in ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସଦସ୍ୟ ସଚିବଙ୍କ ଆଦେଶ ଅନୁଯାୟୀ
OSPCB-PH-MISC-0038-2025/01/2026 — OIPR-8001/8012/1/25-26/0011 — ସ୍ୱା./-ଅତିରିକ୍ତ ମୁଖ୍ୟ ପରିବେଶ ଯନ୍ତ୍ରୀ

**ODISHA STATE CIVIL SUPPLIES CORPORATION LIMITED, BHADRAK**
Phone/Fax: 06784 25142, eMail Id: csobdk@gmail.com
FILE NO.-OSC/Misc/V/23/2025-26
No. 653 // Dt.10.02.2026

**Quotation/Tender Call Notice**

**No.7001/9/2526** : Sealed quotations /tenders are invited from interested reputed Travel Agencies /Tour operators / private individuals for providing 01 (one) no. of AC Petrol driven vehicles having sitting capacity not more than Five including driver, which shall confirm the following Terms & conditions (Appendix-A) for office use in the office of the CSO-Cum-District Manager, OSCSC Ltd, Bhadrak for a period of 3 years on monthly rent basis.

1. The service provider shall have a valid OGST registration to participate in the tendering.
2. The service provider, participating in the bidding process under the jurisdiction of Municipal Corporation, shall be registered on GeM platform.
3. The vehicle must be in good working condition shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, Valid Contact Carriage Permit, Proof of up-to-date tax payment etc mandatory for plying of vehicle.
4. The driver of the vehicle must have a valid Driving License for driving light transport passenger vehicle and should be sufficient experienced in driving transport/passenger vehicles.
5. The driver should be well behaved, gentle and obedient in nature.
6. A sum of Rs 10000/- (Rupees Ten Thousand) only shall be deposited by the intending bidders in shape of Account Payee Bank Draft in favour of the **District Manager, OSCSC Ltd, Bhadrak** and submitted along with the tender as security deposit. After completion of tender process, the amount will be refunded to unsuccessful bidders.
7. The monthly rate of hire charge to be quoted separately in the general bid information (excluding fuel and lubricants), (Maximum Rate 24,000/- as per letter 15836 dt 27.05.2025 & 14955 dt 30.10.2025)
8. The vehicle must achieve a fuel efficiency of 17 (Seventeen) K.M. per litre.
9. The details of the make and year of manufacture of the vehicle, registration No, mileage (K.M covered per litre) and name of the driver with Driving License No and period of validity should be specifically provided in the general bid information to be furnished with the Quotation/Tender(Appendix-B)
10. The Quotation completed in all respect should reach the undersigned on or before **27.02.2026 by 3.00 P.M.** and shall be opened on the same day at 4.00 P.M in presence of the bidders or their representatives.
11. The application form of quotation /tender containing General bid information & Terms & conditions for hiring of vehicles etc. will be available in the office of the District Manager, OSCSC Ltd, Bhadrak on payment of Rs 1000/- from **13.02.2026 to 27.02.2026** or can be downloaded from District Website i.e. www.bhadrak.odisha.gov.in, www.oscsc.in/ www.tendersodisha.gov.in from 13.02.2026 to 27.02.2026. In case the application form is downloaded from Govt. website www.odisha.gov.in from the above website, the applicant shall furnish a Demand Draft for an amount of Rs 1000/-only towards the cost of application along with the application.

Sd/- District Manager, OSCSC Ltd. Bhadrak
OIPR-7001/7055/1/25-26/0001

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ତାନ୍ଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୁବା ଓପନ୍ ବାସ୍କେଟ୍‌ବଲ ଟ୍ରଫି ଉନ୍ମୋଚିତ

ଭୁବନେଶ୍ୱର, ୧୨।୨(ତପନ ସ୍ୱାଇଁ)



ଖବରଦାତା ସମ୍ମିଳନୀରେ ଟ୍ରଫି ଓ ଜର୍ସି ଉନ୍ମୋଚନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

ସନ୍‌ସାଇନ୍ ଯୁବା ସଙ୍ଗଠନ ଆନୁକୂଲ୍ୟରେ ଚଳିତ ମାସ ୧୪ରୁ ସହିଦନଗରସ୍ଥିତ ଇମ୍ପା ବାସ୍କେଟ୍‌ବଲ ଗ୍ରାଉଣ୍ଡରେ ୧୫ତମ ଯୁବା ଓପନ୍ ବାସ୍କେଟ୍‌ବଲ ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଓଡ଼ିଶା ସହ ୫ ରାଜ୍ୟରୁ

**ଭାଗନେବେ ୫ ରାଜ୍ୟର ୧୬ ଦଳ**

୧୬ ଦଳ ଅଂଶଗ୍ରହଣ କରିବେ। ରାଜ୍ୟ ବାହାର ଦଳ ଭାବେ ଝାଡ଼ଖଣ୍ଡର ଉଲ୍‌ଭ୍ସ ପ୍ୟାକ୍ ଓ ୟୁନିଟି, ପଶ୍ଚିମବଙ୍ଗର ମେଟ୍ରୋ ରେଲଓ୍ୱେ ଓ ପିଏସି, ଛତିଶଗଡ଼ର ରିଜ୍‌ଲର୍ସ ଓ ଦିଲ୍ଲୀର ବ୍ଲୁଲାଇନ୍ ଆକ୍ସନରେ ଦେଖିବାକୁ ମିଳିବେ। ଓଡ଼ିଶା ଦଳ ଗୁଡ଼ିକ ମଧ୍ୟରେ ବ୍ରହ୍ମପୁର ବିଏମ୍‌ଏସ୍‌ସି, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ଭୁବନେଶ୍ୱର ୱାରିୟର୍ସ, ଯୁବା ବାସ୍କେଟବଲ୍ କ୍ଲବ୍, କଟକର ସିବିଏ ଓ ଏମ୍‌ଆ ପାନ୍ଥର୍ସ, ଭୁବନେଶ୍ୱରର ଓଡିବିଏ, କେବିସି, ଡବ୍ଲ୍ୟୁଏ ବଲର୍ସ ଏବଂ ପୁରୀ ଦଳ ପ୍ରମୁଖ ଏଥିରେ ଭାଗନେବେ। ୪ ଦିନବିଶିଷ୍ଟ ଏହି ପ୍ରତିଯୋଗିତାର ଫାଇନାଲ୍ ୧୭ ତାରିଖରେ ଅନୁଷ୍ଠିତ ହେବ। ଚାମ୍ପିୟନ ଓ ରନରଅପ୍ ଦଳକୁ ପୁରସ୍କାର ଆକାରରେ ଯଥାକ୍ରମେ ଟ୍ରଫି ସହ ୩୦,୦୦୦ ଓ ୨୦,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ସଂଘର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ କର୍ମକର୍ତ୍ତାମାନେ ପ୍ରତିଯୋଗିତାର ଜର୍ସି ଓ ଟ୍ରଫି ଗୁରୁବାର ଉନ୍ମୋଚନ କରିଛନ୍ତି। ଏହି ଅବସରରେ କର୍ପୋରେଟର୍ ରାଜକିଶୋର ଦାସ, ଆୟୋଜକ ସଂଘ ସଭାପତି ବିଶ୍ୱଜିତ ମହାନ୍ତି, ଉପସଭାପତି ଦେବାଶିଷ ସବ୍ୟସାଚୀ ଚକ୍ର, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ଟୁର୍ନାମେଣ୍ଟ ସଂଯୋଜକ ପ୍ରଶାନ୍ତ ବେହେରା, ସିଦ୍ଧାର୍ଥ ଦାସ, ମିଥୁନ ବିଶୋଇ, ଦୀପକ ପ୍ରଧାନ, ହରିଶ୍ ପ୍ରସାଦ ରଥ, ସୁଦର୍ଶନ ସାହୁ, ମହେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓହରିଲେ ଆଫଗାନିସ୍ତାନ ଖେଳାଳି

କରାଚୀ, ୧୨।୨(ପି.ଟି.)

ପାକିସ୍ତାନ ସୁପର ଲିଗ୍(ପିଏସ୍‌ଏଲ୍)ର ୧୧ଶ ସଂସ୍କରଣ ପାଇଁ ହେବାକୁଥିବା ନିଲାମିରୁ ପ୍ରଥମଥର ଆଫଗାନିସ୍ତାନର ଖେଳାଳିମାନେ ଓହରି ଯାଇଛନ୍ତି। ପ୍ରଥମ ଚରଣରେ ମୁଜିବୁର ରେହମାନ, ସିଦ୍ଦିକୁଲ୍ଲା ଅଟଲ, ମହମ୍ମଦ ନବି, ୱାକାର ସଲମଖିଲ, ଫଜଲ ହକ୍ ଫାରୁକିଙ୍କ ଭଳି ଖେଳାଳିମାନେ ବୁଧବାର ଲାହୋରଠାରେ ଅନୁଷ୍ଠିତ ନିଲାମ ପାଇଁ ସେମାନଙ୍କ ନାମ ପଞ୍ଜୀକୃତ କରିଥିଲେ। କିନ୍ତୁ ପେଶାୱାର ଜାଲ୍‌ମି ସିଧାସଳଖ ଆଫଗାନିସ୍ତାନ ଖେଳାଳିମାନଙ୍କ ସହ ଚୁକ୍ତି କରିବାରୁ ସେମାନେ ତାଙ୍କ ନାମସବୁ ପ୍ରତ୍ୟାହାର କରିନେଇଥିଲେ। ପିଏସ୍‌ଏଲ୍‌ର ସିଇଓ କିନ୍ତୁ କହିଛନ୍ତି, ଆଫଗାନିସ୍ତାନର କିଛି ଖେଳାଳି ନିଲାମିରେ ଅବତୀର୍ଣ୍ଣ ହୋଇଥିଲେ, ମାତ୍ର କୌଣସି ଫ୍ରାଞ୍ଚାଇଜ୍ ସେମାନଙ୍କୁ ନେବାକୁ ଆଗ୍ରହ ଦେଖାଇ ନ ଥିଲେ। ନାସିର ଏକଥା ମଧ୍ୟ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଦେଖାଦେଇଥିବା ତିକ୍ତ ସମ୍ପର୍କ ନିଲାମିରେ ପ୍ରତିଫଳିତ ହୋଇଛି।

# ୬ରୁ ଏସୀୟ ଲନ୍‌ବଲ ଶିବିର: ୨ ଓଡ଼ିଆ ମନୋନୀତ

ଭୁବନେଶ୍ୱର,୧୨।୨(ଅନାଦି କର)


ରୋଶନୀ ସାହୁ ଓ ରାଜେଶ୍ୱରୀ ସେଠ୍।

ଆସନ୍ତା ମାର୍ଚ୍ଚ ୬ରୁ ୮ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବାକୁ ଥିବା ୨୫ ବର୍ଷରୁ କମ୍ ଭାରତୀୟ ଦଳର ଚୟନ ଶିବିରରେ ଭାଗ ନେବା ପାଇଁ ଓଡ଼ିଶାରୁ ୨ ଜଣ ମନୋନୀତ ହୋଇଛନ୍ତି। ସେମାନେ ହେଲେ ରୋଶନୀ ସାହୁ ଓ ରାଜେଶ୍ୱରୀ ସେଠ୍। ଦୁହେଁ ୩୮ତମ ଜାତୀୟ କ୍ରୀଡ଼ାରେ ଆସାମର ନୟନମଣି ସାଇକିଆ ଓ ବିମ୍ପିତା ହଜାରିକାଙ୍କଠାରୁ ପରାଜିତ ହୋଇ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ୨୦୨୫ ଜାତୀୟ ପ୍ରତିଯୋଗିତା ସେମିଫାଇନାଲରେ ଝାଡ଼ଖଣ୍ଡର ଲଭଲି ଚୌବେ ଓ ରୂପାରାଣୀ ତିର୍କିଙ୍କୁ ପରାସ୍ତ କରିଥିଲେ। ଏହି ଦୁଇ ବିଜୟ ଯୋଗୁ ରୋଶନୀ ଓ ରାଜେଶ୍ୱରୀଙ୍କ ନିକଟରେ ଅଧିକ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ଓ ସେମାନଙ୍କ ବୟସ ୨୫ ବର୍ଷରୁ କମ୍ ହୋଇଥିବାରୁ ସେମାନଙ୍କୁ ଚୟନ କରାଯାଇଛି। ଉଭୟଙ୍କୁ ଓଡ଼ିଶା ରାଜ୍ୟ ଲନ୍ ବଲ ସଂଘ ସଭାପତି ଅନଙ୍ଗ ଉଦୟ ସିଂହଦେଓ ଓ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଶୁଭକାମନା ଜଣାଇଛନ୍ତି।


## ୩୧ତମ ଜନ୍ମଦିନ ଶୁଭେଚ୍ଛା



**ନିବେଦିତା ରଥ (ମାମା)**
(F.I and D.M.H Odisha and collaborational Head of Indonesia)
ଆଜି ତୋର ୩୧ତମ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ। ତୋର ଚଲାପଥ ସର୍ବଦା କୁସୁମିତ ହେଉ, ଏତିକି ମା' ରାମଚଣ୍ଡୀଙ୍କ ନିକଟରେ ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ବାପା- ପ୍ରକାଶ କୁମାର ରଥ (ପୂର୍ବତନ ବିଚାରପତି), ମାମା- ପୂର୍ଣ୍ଣିମା ମିଶ୍ର (ପୂର୍ବତନ ଅଧ୍ୟକ୍ଷା), ସୋନପୁର, ଓଡ଼ିଶା।
ଧ-୨୪୪

## Well wishes for the 13th Birthday



**Ananya(Tanvee)**
On the occasion of Happy Birthday of our lovely daughter, we pray Sri Sri Thakur Anukulchandra and Lord Jagannath to shower their blessings for her brilliant & colourful bright future for all time to come.
Daddy, Mummy, Grandpaa, Grandmaa, Piusi & Younger Brother.
D-3369


# ବୋର୍ଡ ଅଫ୍ ରେଭିନ୍ୟୁ-ଭୁବନେଶ୍ୱର ବାର୍ ଫାଇନାଲ

ଭୁବନେଶ୍ୱର, ୧୨।୨(ତପନ ସ୍ୱାଇଁ)

**ପ୍ରଶାନ୍ତ ରାଉତରାୟ ସ୍ମାରକୀ ଆଇନଜୀବୀ କ୍ରିକେଟ**

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୧୧ଶ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ବୋର୍ଡ ଅଫ୍ ରେଭିନ୍ୟୁ ଓ ଭୁବନେଶ୍ୱର ବାର୍ ଆସୋସିଏଶନ ଦଳ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ବୋର୍ଡ ଅଫ୍ ରେଭିନ୍ୟୁ ଦଳ ୫ ଉଇକେଟରେ ଓଡ଼ିଶା ହାଇକୋର୍ଟ ଦଳକୁ ପରାସ୍ତ କରିଛି। ହାଇକୋର୍ଟ ଦଳ ୧୫ ଓଭରରେ ୮ ଉଇକେଟ ହରାଇ ୧୨୯ ରନ୍ କରିଥିବାବେଳେ ବୋର୍ଡ ଅଫ୍ ରେଭିନ୍ୟୁ ୧୫ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚ ଯାଇଥିଲା। ୧୮ ରନ୍ କରିବା ସହ ୨ଟି ଉଇକେଟ ନେଇଥିବା ବିଜୟୀ ଦଳର ଗିରିଜା ଶଙ୍କର ମିଶ୍ର ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମିରେ ଭୁବନେଶ୍ୱର ବାର୍ ୧୨୬ ରନ୍‌ରେ ଭୁବନେଶ୍ୱର ରେଡ୍ସକୁ ପରାସ୍ତ କରିଛି। ଭୁବନେଶ୍ୱର ବାର୍ ଦଳ ୧୮ ଓଭରରେ ୩ ଉଇକେଟ ହରାଇ ୧୮୪ ରନ୍ କରିଥିଲା। ଜବାବରେ ରେଡ୍ସ ୧୩ ଓଭରରେ ୫୮ ରନ୍‌ରେ ସୀମିତ ରହିଥିଲା। ୪୧ ରନ୍ କରିବା ସହ ୩ ଉଇକେଟ ନେଇଥିବା ମୋହନ ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପ୍ରଥମ ସେମିଫାଇନାଲ ଶେଷରେ ଓଡ଼ିଶା ରାଜ୍ୟ ବାର୍ କାଉନ୍ସିଲର ପୂର୍ବତନ ଚେୟାରମ୍ୟାନ୍ ମାନସ ରଞ୍ଜନ ମହାପାତ୍ର, ସିନିୟର ଆଇନ୍‌ଜୀବୀ ଶିବାନନ୍ଦ ରାୟ ଏବଂ ଦ୍ୱିତୀୟ ସେମିଫାଇନାଲ ପରେ ଆୟୋଜକ ଆସୋସିଏଶନ ସଭାପତି ଅଶୋକ କୁମାର ପାତ୍ର ଓ ସମ୍ପାଦକ ସତ୍ୟରଞ୍ଜନ ସେନାପତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ପ୍ରମୋଦ ଭଗତ ସେମିଫାଇନାଲରେ

ଭୁବନେଶ୍ୱର, ୧୨।୨ (ବିଜୟ ରଣା)



**ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ**

ଓଡ଼ିଶାର ପ୍ରମୋଦ ଭଗତ ବାହାରିନ୍‌ର ମାନାମାଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରି ଦେଶପାଇଁ ଏକ ପଦକ ପକ୍କା କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍‌୩ କାଟେଗୋରୀର କ୍ୱାର୍ଟରଫାଇନାଲରେ ସେ ଭାରତୀୟ ଖେଳାଳି ଉମେଶ ବିକ୍ରମ କୁମାରଙ୍କୁ ୨୧-୧୭, ୨୧-୧୩ରେ ହରାଇ ଦେଇଛନ୍ତି। ପ୍ରମୋଦ ଶୁକ୍ରବାର ସେମିଫାଇନାଲରେ ଥାଇଲାଣ୍ଡର ମଙ୍ଗ୍‌ଖୋନ୍ ବୁନ୍‌ସୁନଙ୍କୁ ଭେଟିବେ।


Classified Everyday
0674-2580101, 9692975378


REAL ESTATE
SALE

N.H. facing Sthitiban commercial Land (16072Sq.ft.) for sale in Pahal (Bhubaneswar) with 150Ft. (approx.) frontage Suitable for Resort/ Hotel/ Shopping/ Hospital etc. Contact: 7894453807 / 7894453838. D-76896

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348


OSHB Gharabari Land (3000Sq.Ft.) for sale in Baramunda in front of Jagannathvihar Park with 30Ft. wide road suitable for Residential/ official purpose. Contact: 7894453807/ 7894453838. D-76897

Single patch Sthitiban Land (22.00Acre.) for sale at Satasankha Bazar, 1 1/2 Kms. away from Royal Palm Village on Satasankha to Balanga Road suitable for Holiday Resorts, Convention, Apartment project. Contact: 7894453807/ 7894453838. D-76898

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

Land near Balasore Town for Sale. Residential Plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore- Baripada National Highway. Please contact immediately- 7656861995. D-75863

2 BHK ,1261 Sqft New Flat with elegant interiors for sale at Cantonment Road, Cuttack.Price- 1.35 Cr Mob- 9778194441. D-3370




All types of physiotherapy and massage contact 9556924059/ 7656969134. D-3339

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

Newly open Jyoti SPA positively health benefits (Expert therapist). Contact- 8458067955. D-76955

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

LOST

I, Sangram Kumar Panda, S/o.- Late Santosh Kumar Panda, R/o. At- Amastala, Larambha, P.S.- Attabira, Dist.- Bargarh declare that, my father Santosh Kumar Panda has the Legatee of Will Deed vide Regd. Document No. 31621303963, Dtd.- 21.10.2013. That, the said original Will Deed was completely destroyed by white ant, which was beyond recoverable. That I have issued certified copy of said Deed of will for proof of Original Will Deed, Hence this affidavit. D-3349

AFFIDAVIT

I, Gopal Dakua, S/o.- Somanath Dakua, resident of Vill.- Jirabadi, P.O.- Jagannathprasad, Dist.- Ganjam, Odisha, sworn before Executive Magistrate, Surada, Ganjam & declare that my son previously known as Subhadarsan Dakua (DOB- 28.12.2009), S/o.- Kalu Charan Dakua of Vill./P.O.- Raibandha, P.S.- Badagada, Dist.- Ganjam shall henceforth be known as Subham Dakua, DOB- 20.11.2010, S/o.- Gopal Dakua, of Vill.- Jirabadi, P.O.- Jagannathprasad, Dist.- Ganjam. He shall use the new name in all records and transactions.
Sd./- Deponent
D-3365

By virtue of an affidavit sworn before the Executive Magistrate, Sonepur, dated- 10.02.2026, I, Suresh Kumar Sahu, R/o. At/P.O.- Jogisarda, Via- Loisingha, Dist.- Balangir, Odisha- 767020 declare that I have changed the name of my son from J Snayant Sahu to Snehansh Sahu. Henceforth, he shall be known as Snehansh Sahu for all purposes.
Suresh Kumar Sahu
D-3366

By virtue of an affidavit sworn before Notary Public, Bhubaneswar, dtd.- 27.10.2025, I, Sonali Barik, D/o.- Alekha Chandra Barik, Tarapur, Kaladhari, Jagatsinghpur, Odisha, PIN- 754133 declare that I have changed my name from Monalisa Barik (Old name) to Sonali Barik (New name). Henceforth, I shall be known as Sonali Barik (New name) for all purposes.
Sonali Barik
D-3367

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଐଶ୍ୱରୀଙ୍କ ନେତୃତ୍ୱରେ ଭାରତର କ୍ଲିନ୍ ସୁଇପ୍

ନୂଆଦିଲ୍ଲୀ, ୧୨।୨ (ପି.ଟି.)

**ଏସିଆନ ଶୁଟିଂ ଚାମ୍ପିୟନଶିପ୍**

ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଐଶ୍ୱରୀ ପ୍ରତାପ ସିଂଙ୍କ ନେତୃତ୍ୱରେ ଭାରତ ଏଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ୫୦ ମିଟର ରାଇଫଲ ୩-ପୋଜିଶନରେ କ୍ଲିନ୍ ସୁଇପ ବିଜୟ ହାସଲ କରିଛି। ଐଶ୍ୱରୀ ନିଜ ଦେଶର ନୀରଜ ତୋକରଙ୍କୁ ହରାଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୨୦୨୫ ସିଜନ ଐଶ୍ୱରୀଙ୍କ ପାଇଁ ଖୁବ୍ ଭଲ ରହିଥିଲା। ସେ କାଜାଖସ୍ତାନରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିବା ବେଳେ ବିଶ୍ୱ ଚାମ୍ପିୟନଶିପ୍ ଓ ବିଶ୍ୱକପ୍ ଫାଇନାଲ୍ସରେ ଗୋଟିଏ ଲେଖାଏଁ ରୌପ୍ୟ ଜିତିଥିଲେ। ଏଠାରେ ସେ ୩୬୨ ସ୍କୋର କରି ବିଶ୍ୱ ରେକର୍ଡ କରିବା ସହ ନୀରଜଙ୍କୁ ୦.୨ ପଏଣ୍ଟରେ ପଛରେ ପକାଇ ଦେଇଥିଲେ। କାର୍ନି ସିଂ ଶୁଟିଂ ରେଞ୍ଜରେ ନୀରଜ ୩୬୧.୮ ସହ ରୌପ୍ୟ ଜିତିଥିବା ବେଳେ ଅଖିଲ ଶେଓରାନ ୩୪୩.୫ ସ୍କୋର ସହ ବ୍ରୋଞ୍ଜ ପାଇଛନ୍ତି।



୫୦ ମିଟର ରାଇଫଲ ୩-ପୋଜିଶନରେ କ୍ଲିନ୍ ସୁଇପ୍ ହାସଲ କରିଥିବା ଭାରତୀୟ ଶୁଟର।


**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସୁମା ପାତ୍ର**
ଇନ୍ଦା, ଚଷାଖଣ୍ଡ, ମାହାଙ୍ଗା,କଟକ
ଆବିର୍ଭାବ- ୦୮।୦୬।୧୯୩୫
ତିରୋଧାନ- ୦୨।୦୨।୨୦୨୬
ମା ପରି କିଏ ହେବ, ନିଜେ ଭୋକେ ରହି ପିଲାଙ୍କୁ ଖୁଆଇ ସର୍ବସୁଖ ମାନସିବା ମା'ର ପ୍ରତିଉପକାର, ସୁଝି ପାରେନା କେ କୁମର। ତୁମରି ଆତ୍ମାର ମୁକ୍ତି ପାଇଁ ସମସ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:- ପୁଅବୋହୂ- ପ୍ରଭାକର, ମଞ୍ଜୁ, ପିତାମ୍ବର, ରୁବି, ଝିଅଜ୍ୱାଇଁ- ତୋଫାନୀ, ରୁକ, ପ୍ରଫୁଲ୍ଲ, ଚଇ, ବିଚ, ନାତିନାତୁଣୀ- ଭାଗା, ଜଗା, ପିଣ୍ଟୁ, ଲିମନ, ଡଲି, ବାହୁ, କୁଲୁ, ବାବୁ, ଲିଜା, ଲୁସି, ଲୋରି, ରାକ୍ଷୀ, ରିତା, ସୂର୍ଯ୍ୟ, ପାପୁ, ଲକି, ବୁଲା।
ଧ-୭୧୨୪୮

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏଇଁ. ରମେଶ ଚନ୍ଦ୍ର ମହାପାତ୍ର**
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ, ଜାତୀୟ ରାଜପଥ
କାନନ ବିହାର, ଫେଜ୍- ୧, ଭୁବନେଶ୍ୱର
ଆବିର୍ଭାବ : ୨୫।୦୪।୧୯୪୩
ତିରୋଧାନ : ୦୮।୦୩।୨୦୧୩
-:ଶୋକସନ୍ତପ୍ତ:-
ପରିବାରବର୍ଗ।
ଧ-୩୩୬୮


# ଲଜ୍ଜିତ ହେଲେ ପାକିସ୍ତାନ ହକି ଖେଳାଳି

**କରାଚୀ,୧୨।୨(ପି.ଟି.):** ଅଷ୍ଟ୍ରେଲିଆର କାନ୍‌ବେରାରେ ପହଞ୍ଚିବା ପରେ ପାକିସ୍ତାନ ହକି ଖେଳାଳିଙ୍କୁ ବାଧ୍ୟହୋଇ ରୋଡ୍ ଉପରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ସେମାନଙ୍କ ରହିବା ଲାଗି ପାକିସ୍ତାନ ହକି ଫେଡେରେଶନ(ପିଏଚ୍‌ଏଫ୍) ପକ୍ଷରୁ ହୋଟେଲ ବୁକିଂ କରାଯାଇଥିଲା। ହେଲେ ପିଏଚ୍‌ଏଫ୍ ଟଙ୍କା ଅଭାବରୁ ବିଲ୍ ପୈଠ କରିବାରେ ବିଫଳ ହେବାରୁ ସେମାନଙ୍କ ବୁକିଂକୁ ବାତିଲ କରାଯାଇଥିଲା। ପାକିସ୍ତାନ ହକି ଦଳ ହୋବାର୍ଟରେ ହେବାକୁଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଦ୍ୱିତୀୟ ଚରଣ ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିଛି। ଦଳୀୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି କାନ୍‌ବେରାରେ ଏକ ୪ ତାରକାବିଶିଷ୍ଟ ହୋଟେଲରେ ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡ ଓ ପିଏଚ୍‌ଏଫ୍ ପକ୍ଷରୁ ରହିବା ବ୍ୟବସ୍ଥା କରାଯାଇଥିଲା। ହେଲେ ସେମାନେ ଗତ ସପ୍ତାହରେ କାନ୍‌ବେରାରେ ପହଞ୍ଚିବା ପରେ ଉକ୍ତ ହୋଟେଲରେ କୌଣସି ବୁକିଂ ହୋଇ ନ ଥିବା ଜଣାପଡ଼ିଥିଲା। ଦଳର ମୁଖ୍ୟ କୋଚ୍ ତାହିର ଜମାନ ପିଏଚ୍‌ଏଫ୍ ଓ ପିଏସ୍‌ବିକୁ ମେସେଜ୍ ଜରିଆରେ ଖେଳାଳିଙ୍କ ସମସ୍ୟା ସମ୍ପର୍କରେ ଜଣାଇଥିଲେ।

# ଟି୨୦ ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ


ଟ୍ରଫି ସହ ମହେନ୍ଦ୍ର ସିଂ ଧୋନୀ


୨୦୨୧ରେ ପାକିସ୍ତାନକୁ ଜିତାଇବାପରେ ମହମ୍ମଦ ରିଜ୍ୱାନ ଓ ବାବର ଆଜମ

**ଟି୨୦ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ବହୁତ ଭଲ। ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୮ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଭାରତ ୭ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏରେ ବିଜୟ ସ୍ୱାଦ ଚାଖିଛି ପାକିସ୍ତାନ। ୨୦୦୭ରେ ଗୋଟିଏ ମ୍ୟାଚ ଟାଇ ରହିଥିଲେ ହେଁ ସେତେବେଳର ବୋଲ୍‌ଆଉଟ ନିୟମରେ ବାଜି ମାରିଥିଲା ଟିମ୍ ଇଣ୍ଡିଆ...**

ଟି୨୦ କ୍ରିକେଟ ବିଶ୍ୱକପର ୧୦ମ ସଂସ୍କରଣ ଭାରତ ଓ ଶ୍ରୀଲଙ୍କାରେ ଗତ ୭ ତାରିଖରୁ ଆରମ୍ଭ ହୋଇଛି। ଏଥିରେ ପୂର୍ବ ସଂସ୍କରଣଭଳି ୨୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆଇସିସିର ପ୍ରତି ଟୁର୍ନାମେଣ୍ଟପରି ଏଥର ମଧ୍ୟ ଭାରତ-ପାକିସ୍ତାନ ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିଛି। ଏହି ହାଇଭୋଲ୍ଟେଜ ମ୍ୟାଚ ଆସନ୍ତା ୧୫ ତାରିଖରେ କଲମ୍ବୋରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରୁ ବାଂଲାଦେଶକୁ ବାଦ୍ ଦିଆଯିବାକୁ ନେଇ ଭାରତ ବିପକ୍ଷ ମ୍ୟାଚକୁ ପାକିସ୍ତାନ ବର୍ଜନ କରିବ ବୋଲି କହିବାରୁ ନାଟକୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାତ୍ର ପାକିସ୍ତାନ ଚାପର ବଶବର୍ତ୍ତୀହୋଇ ୟୁଟର୍ନ ମାରିବାସହ ଖେଳିବାକୁ ରାଜି ହୋଇଛି। ଭାରତ-ପାକିସ୍ତାନ ମ୍ୟାଚରେ ଉଭୟ ଦଳର ଖେଳାଳି ଅତ୍ୟଧିକ ଚାପଗ୍ରସ୍ତ ଥାଆନ୍ତି। ଫଳରେ ମ୍ୟାଚ ସ୍ୱାଭାବିକ ଉତ୍ତେଜନାପୂର୍ଣ୍ଣ ହୋଇଥାଏ। ଦର୍ଶକଙ୍କ ହୃତ୍‌ସ୍ପନ୍ଦନ ବଢ଼ିଥାଏ। ତେଣୁ ସବୁ ବିଶ୍ୱକପରେ ଏହା ଏକ ନିଆରା ମ୍ୟାଚଭାବେ ପରିଗଣିତ ହୋଇଥାଏ। ଟି୨୦ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ବହୁତ ଭଲ। ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୮ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଭାରତ ୬ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏରେ ବିଜୟ ସ୍ୱାଦ ଚାଖିଛି ପାକିସ୍ତାନ। ଗୋଟିଏ ମ୍ୟାଚ ଟାଇରେ ଶେଷ ହୋଇଥିଲେ ହେଁ ବୋଲ୍‌ଆଉଟ ପଦ୍ଧତିରେ ଭାରତ ବାଜିମାରି ବିଜୟ ସଂଖ୍ୟାକୁ ୭ରେ ପହଞ୍ଚାଇଛି। କେବଳ ୨୦୦୯ ଓ ୨୦୧୦ ବିଶ୍ୱକପରେ ଭାରତ ଓ ପାକିସ୍ତାନ ପରସ୍ପରର ସମ୍ମୁଖୀନ ହୋଇନାହାନ୍ତି।

### ୨୦୦୭: ମ୍ୟାଚ ଟାଇ, ବୋଲ୍‌ଆଉଟ୍‌ରେ ଭାରତର ବାଜିମାତ୍

୨୦୦୭ରେ ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହୋଇଥିଲା। ଭାରତ ଓ ପାକିସ୍ତାନ ଗ୍ରୁପ୍ 'ଡି'ରେ ସ୍ଥାନ ପାଇଥିଲେ। ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ମ୍ୟାଚଟି ରୋମାଞ୍ଚକଭାବେ ଟାଇରେ ଶେଷ ହୋଇଥିଲା। ରବିନ ଉଥପ୍ପାଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୧ ରନ କରିଥିଲା। ଜବାବରେ ପାକିସ୍ତାନ ମଧ୍ୟ ମିସବା-ଉଲ-ହକ୍‌ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୨୦ ଓଭରରେ ୭ ଉଇକେଟ ହରାଇ ୧୪୧ ରନରେ ସୀମିତ ରହିଥିଲା। ଟୁର୍ନାମେଣ୍ଟ ନିୟମ ଅନୁସାରେ ଫଳାଫଳ ପାଇଁ ବୋଲ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଭାରତ ୩-୦ରେ ପାକିସ୍ତାନକୁ ପରାସ୍ତ କରି ସୁପର-୮ରେ ପ୍ରବେଶ କରିଥିଲା। ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନରେ ରହି ପାକିସ୍ତାନ ମଧ୍ୟ ସୁପର-୮ ଯୋଗ୍ୟତା ପାଇଥିଲା। ୪ ଓଭରରେ ୧୮ ରନ ଦେଇ ୪ ଉଇକେଟ ନେଇଥିବା ପାକିସ୍ତାନର ମହମ୍ମଦ ଅସିଫ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।


ସୂର୍ଯ୍ୟକୁମାର ଯାଦବ

### ୨୦୦୭: ଭାରତ ୫ ରନରେ ବିଜୟୀ

ଘଟଣାକ୍ରମରେ ଉଭୟ ଭାରତ ଓ ପାକିସ୍ତାନ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେପ୍ଟେମ୍ବର ୨୪ରେ ଜୋହାନ୍ସବର୍ଗର ୱାଣ୍ଡରର୍ସ ଷ୍ଟାଡିୟମରେ ହୋଇଥିଲା ମେଗା ଫାଇନାଲ। ଶ୍ୱାସରୁଦ୍ଧକାରୀ ଫାଇନାଲରେ ପାକିସ୍ତାନକୁ ୫ ରନରେ ହରାଇ ଭାରତ ହୋଇଥିଲା ଚାମ୍ପିୟନ। ୨୦ତମ ଓଭର ବୋଲିଂ କରିଥିବା ଯୋଗୀନ୍ଦର ଶର୍ମାଙ୍କ ଦ୍ୱିତୀୟ ବଲ୍‌କୁ ମିସ୍‌ବା ଛକାରେ ପରିଣତ କରିବାରୁ ପାକିସ୍ତାନକୁ ଅବଶିଷ୍ଟ ୪ ବଲରୁ ୬ ରନ ଆବଶ୍ୟକ ହେଉଥିଲା। ମାତ୍ର ମିସ୍‌ବା ତୃତୀୟ ବଲ୍‌କୁ ସ୍କୁପ ଶଟ୍ ଖେଳିବାକୁ ଯାଇ ଫାଇନ୍ ଲେଗ୍‌ରେ ଏସ. ଶ୍ରୀସନ୍ଥଙ୍କୁ କ୍ୟାଚ ଦେବାରୁ ଭାରତର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଭାରତ ପକ୍ଷରୁ ଧାର୍ଯ୍ୟ ୧୫୮ ରନ ବିଜୟ ଲକ୍ଷ୍ୟର ପିଛା କରି ପାକିସ୍ତାନ ୧୫୨ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଇରଫାନ ପଠାନ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୪ ଓଭରରେ ମାତ୍ର ୧୬ ରନଦେଇ ୩ଟି ଉଇକେଟ ନେଇଥିଲେ।

### ୨୦୧୨: ଭାରତ ୮ ଉଇକେଟରେ ଜିତିଲା

୨୦୦୯ ଓ ୨୦୧୦ ବିଶ୍ୱକପରେ ଭାରତ-ପାକିସ୍ତାନ ମୁକାବିଲା ହୋଇ ନ ଥିଲା। ଶ୍ରୀଲଙ୍କାରେ ଅନୁଷ୍ଠିତ ୨୦୧୨ ବିଶ୍ୱକପର ସୁପର-୮ ପର୍ଯ୍ୟାୟରେ ପାକିସ୍ତାନକୁ ଭେଟିଥିଲା ଭାରତ। ଏଥିରେ ଟିମ୍ ଇଣ୍ଡିଆ ୮ ଉଇକେଟରେ ବିଜୟୀ ହୋଇଥିବାବେଳେ ବିରାଟ କୋହଲି ହୋଇଥିଲେ ପ୍ଲେୟର ଅଫ୍ ଦି ମ୍ୟାଚ। କଲମ୍ବୋରେ ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ୧୨୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଭାରତର ଲକ୍ଷ୍ମୀପତି ବାଲାଜୀ ୩ଟି ଏବଂ ଯୁବରାଜ ସିଂ ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏ ଉଇକେଟ ନେଇ ପାକିସ୍ତାନର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ବିରାଟ କୋହଲିଙ୍କ ଅପରାଜିତ ୭୮ ରନ ବଳରେ ଭାରତ ୧୭ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

### ୨୦୧୪: ଭାରତ ୭ ଉଇକେଟରେ ବିଜୟୀ

ବାଂଲାଦେଶରେ ହୋଇଥିଲା ୨୦୧୪ ବିଶ୍ୱକପ। ଢାକାଠାରେ ସୁପର-୧୦ ପର୍ଯ୍ୟାୟରେ ପରସ୍ପରକୁ ଭେଟିଥିଲେ ଭାରତ-ପାକିସ୍ତାନ। ପାକିସ୍ତାନ ୨୦ ଓଭରରେ ୭ ଉଇକେଟ ହରାଇ ୧୩୦ ରନ କରିବାକୁ ସକ୍ଷମ ହୋଇଥିଲା। ଉମର ଆକମଲ ସର୍ବାଧିକ ୩୩ ରନ କରିଥିଲେ। ଭାରତର ଅମିତ ମିଶ୍ର ଚମତ୍କାର ବୋଲିଂ କରି ୪ ଓଭରରେ ଗୋଟିଏ ମେଡେନ ନେଇ ୨୨ ରନ ବିନିମୟରେ ୨ଟି ଉଇକେଟ ନେଇଥିଲେ। ୧୩୧ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୮.୩ ଓଭରରେ ମାତ୍ର ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ବିରାଟ କୋହଲି ୩୬ ଓ ସୁରେଶ ରାଇନା ୩୫ ରନକରି ଅପରାଜିତ ରହିଥିଲେ। ଅମିତ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

### ୨୦୧୬: ଭାରତ ୬ ଉଇକେଟରେ ବିଜୟୀ

ଭାରତରେ ଅନୁଷ୍ଠିତ ୨୦୧୬ ବିଶ୍ୱକପରେ ଭାରତ-ପାକିସ୍ତାନ ମୁକାବିଲା ସୁପର-୧୦ ପର୍ଯ୍ୟାୟରେ ହୋଇଥିଲା। ମାର୍ଚ୍ଚ ୧୯ରେ କୋଲକାତାରେ ଅନୁଷ୍ଠିତ ମ୍ୟାଚରେ ଭାରତ ୬ ଉଇକେଟରେ ବିଜୟୀ ହୋଇଥିଲା। ପାକିସ୍ତାନ ନିର୍ଦ୍ଧାରିତ ୧୮ ଓଭରରେ ୫ ଉଇକେଟ ହରାଇ ୧୧୮ ରନ କରିଥିଲା। ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ପାକିସ୍ତାନର କୌଣସି ବ୍ୟାଟର ବଡ଼ ସ୍କୋର କରିପାରି ନ ଥିଲେ। ସୋଏବ ମଲିକ ସର୍ବାଧିକ ୨୬ ରନ କରିଥିଲେ। ଏଭଳି ଏକ କଷ୍ଟସାଧ ପିଚ୍‌ରେ ବିରାଟ କୋହଲି ୫୫ରନରେ ଅପରାଜିତ ରହିବା ସହ ୧୫.୫ ଓଭରରେ ଭାରତକୁ ବିଜୟୀ କରିଥିଲେ। ଭାରତ ୪ ଉଇକେଟ ହରାଇ ୧୧୯ ସଂଗ୍ରହ କରି ନେଇଥିଲା। ଫଳରେ ସ୍ୱାଭାବିକଭାବେ କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ୨୦୨୧: ପାକିସ୍ତାନକୁ ବିଜୟ ସ୍ୱାଦ

ଓମାନ ଓ ୟୁନାଇଟେଡ ଆରବ ଏମିରେଟ୍ସରେ ହୋଇଥିଲା ୨୦୨୧ ଟି୨୦ କ୍ରିକେଟ ବିଶ୍ୱକପ। ଦୁବାଇରେ ଅକ୍ଟୋବର ୨୪ରେ ଅନୁଷ୍ଠିତ ମ୍ୟାଚରେ ଭାରତ ବିପକ୍ଷରେ ପାକିସ୍ତାନ ବିଶ୍ୱକପରେ ସର୍ବପ୍ରଥମ ବିଜୟ ସ୍ୱାଦ ଚାଖିଥିଲା। ଦିନିକିଆ ହେଉ କି ଟି୨୦ ବିଶ୍ୱକପ ଏହା ପୂର୍ବରୁ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ୧୨ ମୁକାବିଲାରେ ଭାରତ ବିଜୟୀ ହୋଇଥିଲା। ଭାରତ-ପାକିସ୍ତାନ ମଧ୍ୟରେ ଏହାଥିଲା ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୧ ରନ କରିଥିଲା। ବିରାଟ କୋହଲି ସର୍ବାଧିକ ୫୭ ଓ ରିଷଭ ପନ୍ତ ୩୯ ରନ କରିଥିଲେ। ପାକିସ୍ତାନର ଶାହିନ ଶାହା ଆଫ୍ରିଦୀ ୩ଟି ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ମହମ୍ମଦ ରିଜୱାନ (୭୯) ଓ ବାବର ଆଜମ (୬୮)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୧୭.୫ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଟି୨୦ ବିଶ୍ୱକପରେ ଭାରତର ଏହାଥିଲା ସର୍ବପ୍ରଥମ ୧୦ ଉଇକେଟ ପରାଜୟ। ଶାହିନ ଶାହା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।


ସଲମାନ ଆଘା

### ୨୦୨୨: ଭାରତ ୪ ଉଇକେଟରେ ବିଜୟୀ

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୨୨ ବିଶ୍ୱକପରେ ପାକିସ୍ତାନକୁ ହରାଇ ଭାରତ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା। ସୁପର-୧୨ ପର୍ଯ୍ୟାୟରେ ଭାରତ-ପାକିସ୍ତାନ ମ୍ୟାଚ ଅକ୍ଟୋବର ୨୩ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ୪ ଉଇକେଟରେ ବିଜୟ ହାସଲ କରିଥିଲା। ଶାନ ମାସୁଦ ଓ ଇଫତିକାର ଅହମଦଙ୍କ ଅର୍ଦ୍ଧଶତକ ସହାୟତାରେ ପାକିସ୍ତାନ ୨୦ ଓଭରରେ ୮ ଉଇକେଟ ହରାଇ ୧୫୯ ରନ କରିଥିଲା। ଭାରତ ୩୧ ରନ ମଧ୍ୟରେ ୪ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ପାକିସ୍ତାନର ବିଜୟ ଆଶାରେ ପ୍ରାଚୀର ସଦୃଶ ଦୃଢ଼ ପ୍ରତିବନ୍ଧକ ସାଜିଥିଲେ ବିରାଟ କୋହଲି। ତାଙ୍କ ଦମ୍‌ଦାର ବ୍ୟାଟିଂ ସହାୟତାରେ ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୦ ରନରେ ପହଞ୍ଚିଥିଲା। ୫୩ ବଲ୍‌ରୁ ୬ ଚୌକା, ୪ ଛକା ସହାୟତାରେ ୮୩ ରନରେ ଅପରାଜିତ ରହି କୋହଲି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୪୦ ରନର ଯୋଗଦାନ ଦେଇଥିଲେ।

### ୨୦୨୪: ଲୋ ସ୍କୋରିଂ ରୋମାଞ୍ଚ

ୱେଷ୍ଟଇଣ୍ଡିଜ ଓ ଆମେରିକାରେ ପ୍ରତିଯୋଗିତାର ୯ମ ସଂସ୍କରଣ ଜୁନ ୧ରୁ ୨୯ ପର୍ଯ୍ୟନ୍ତ ଆୟୋଜନ ହୋଇଥିଲା। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ଜୁନ ୯ରେ ନ୍ୟୁୟର୍କରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ଲୋ ସ୍କୋରିଂ ବିଶିଷ୍ଟ ହୋଇଥିଲେ ହେଁ ରୋମାଞ୍ଚ ଭରି ରହିଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୧୯ ଓଭରରେ ୧୧୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ରିଷଭ ପନ୍ତ ସର୍ବାଧିକ ୪୨ ରନ କରିଥିବାବେଳେ ପାକିସ୍ତାନର ନସିମ ଶାହା ଓ ହାରିସ ରୌଫ ୩ଟି ଲେଖାଏ ଉଇକେଟ ନେଇଥିଲେ। ବିଜୟ ଲକ୍ଷ୍ୟ ୧୨୦ ରହିଥିଲେ ହେଁ ଭାରତୀୟ ବୋଲରଙ୍କ ଚମତ୍କାର ବୋଲିଂ ଯୋଗୁ ପାକିସ୍ତାନ ୨୦ ଓଭରରେ ୭ ଉଇକେଟ ହରାଇ ୧୧୩ ରନ କରିବାକୁ ସକ୍ଷମ ହୋଇଥିଲା। ମହମ୍ମଦ ରିଜୱାନ ସର୍ବାଧିକ ୩୧ ରନ କରିଥିଲେ। ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ୪ ଓଭରରେ ମାତ୍ର ୧୪ ରନ ଦେଇ ୩ ଉଇକେଟ ହାସଲ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଫଳରେ ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମହମ୍ମଦ ସିରାଜ ଉଇକେଟ ପାଇ ନ ଥିଲେ ମଧ୍ୟ ୪ ଓଭରରେ ମାତ୍ର ୧୯ ରନ ବ୍ୟୟ କରିଥିଲେ।

**ରେକର୍ଡ**

ମୋଟ ମ୍ୟାଚ : ୮
ଭାରତ-୭
ପାକିସ୍ତାନ-୧
ସର୍ବୋଚ୍ଚ ଦଳଗତ ସ୍କୋର (ଭାରତ): ୧୬୦
ସର୍ବୋଚ୍ଚ ଦଳଗତ ସ୍କୋର (ପାକିସ୍ତାନ): ୧୫୯
ସର୍ବନିମ୍ନ ଦଳଗତ ସ୍କୋର (ଭାରତ): ୧୧୯
ସର୍ବନିମ୍ନଦଳଗତ ସ୍କୋର (ପାକିସ୍ତାନ): ୧୧୩


୨୦୨୪: ଯଶପ୍ରୀତ୍ ବୁମ୍‌ରା ଓ ରୋହିତ ଶର୍ମା


୨୦୦୭ରେ ବିଶ୍ୱକପ ବିଜୟୀ ଭାରତୀୟ ଦଳ





ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଗୁରୁବାର ଭାରତ ବିପକ୍ଷ ଏଫ୍ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍‌ରେ ଗୋଲ୍ ସ୍କୋର କରିବା ପରେ ଉଲ୍ଲସିତ ଆର୍ଜେଣ୍ଟିନା ଦଳ।

# ଭାରତର ସହଜ ବିଜୟ

ନୂଆଦିଲ୍ଲୀ,୧୨।୨

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ ଗୁରୁବାର ନାମ୍ବିୟା ବିପକ୍ଷରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌କୁ ୯୩ ରନର ବଡ଼ ବ୍ୟବଧାନରେ ଜିତି ନେଇଛି। ଏହା ଭାରତର ଦୁଇ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ। ଅସୁସ୍ଥତା କାରଣରୁ ଏହି ମ୍ୟାଚ୍‌ରେ ବିସ୍ଫୋରକ ଓପନର ଅଭିଷେକ ଶର୍ମାଙ୍କୁ ବାଦ୍ ଦିଆଯାଇ ତାଙ୍କ ବଦଳରେ ସଞ୍ଜୁ ସାମସନଙ୍କୁ ସୁଯୋଗ ଦିଆଯାଇଥିଲା। ଭାରତୀୟ ଦଳ ଆସନ୍ତା ରବିବାର ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଭେଟିବ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ଭଲ ଆରମ୍ଭ ଦେଇଥିଲେ ଇଶାନ ଓ ସଞ୍ଜୁ। ପ୍ରଥମ ୩ ବଲ ଡଟ୍ ଖେଳିଥିବା ସାମସନ (୨୨) ପରବର୍ତ୍ତୀ ୪ ବଲରେ ୩ ଛକା ଓ ଏକ ଚୌକା ମାରିଥିଲେ। କିନ୍ତୁ ସେ ପରବର୍ତ୍ତୀ ବଲରେ ପୁଣି ବଡ଼ ଶଟ୍ ଖେଳିବାକୁ ଯାଇ ଆଉଟ୍ ହୋଇଥିଲେ। କିଶନ ଓ ତିଳକ ବର୍ମା ଦ୍ୱିତୀୟ ଉଇକେଟରେ ମାତ୍ର ୩୧ ବଲରେ ୭୯ ରନ ଯୋଡ଼ିଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଇଶାନ (୬୧ ରନ, ୬ ଚୌକା ଓ ୫ ଛକା), ତିଳକ (୨୫ ରନ, ୩ ଚୌକା) ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୧୨)ଙ୍କ ଉଇକେଟ ହରାଇଥିଲା। ଏହିଠାରୁ ଶିବମ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟା ପଞ୍ଚମ ଉଇକେଟରେ ୩୯ ବଲରେ ୮୧ ରନ କରି ଦଳୀୟ ସ୍କୋରକୁ ୨୦୦ ପାର କରାଇଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ ହାର୍ଦ୍ଦିକଙ୍କ ଉଇକେଟ ପଡ଼ିବା ସହ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୧୮.୧ ଓଭର ସୁଦ୍ଧା ୨୦୫/୪ ସ୍କୋର କରିଥିବା ଭାରତ ପରବର୍ତ୍ତୀ ୪ ରନ ମଧ୍ୟରେ ୫ ଉଇକେଟ ହରାଇଥିଲା। ଏଥିଯୋଗୁ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୦୯ ରନ କରିବାକୁ ସକ୍ଷମ ହୋଇଥିଲା। ହାର୍ଦ୍ଦିକ ୨୮ ବଲରେ ୫୨ (୪ ଲେଖାଏ ଚୌକା ଓ ଛକା) ଓ ଦୁବେ ୨୩ ରନ କରିଥିଲେ। ନାମ୍ବିୟା ପାଇଁ ଅଧିନାୟକ ଜେରାର୍ଡ ଇରାସମସ ୪ ଉଇକେଟ ନେଇଥିଲେ। ଜବାବରେ ନାମ୍ବିୟା କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୧୮.୨ ଓଭରରେ ୧୧୬ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୩ ଉଇକେଟ ନେଇଥିବା ବେଳେ ହାର୍ଦ୍ଦିକ ଓ ଅକ୍ଷର ପଟେଲ ଦୁଇ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ଦଳ: ୨୦ ଓଭରରେ ୨୦୯/୯ (ଇଶାନ କିଶନ-୬୧, ହାର୍ଦ୍ଦିକ ପାଣ୍ଡ୍ୟା-୫୨, ତିଳକ ବର୍ମା-୨୫, ଜେରାର୍ଡ ଇରାସମସ-୪/୨୦)। ନାମ୍ବିୟା: ୧୮.୨ ଓଭରରେ ୧୧୬/ଅଲଆଉଟ୍ (ଲୌରେନ ଷ୍ଟିନକାମ୍ପ-୨୯, ବରୁଣ ଚକ୍ରବର୍ତ୍ତୀ-୩/୭, ଅକ୍ଷର ପଟେଲ-୨/୨୦, ହାର୍ଦ୍ଦିକ ପାଣ୍ଡ୍ୟା-୨/୨୧)।


ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଇଶାନ କିଶନ।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ଅଷ୍ଟ୍ରେଲିଆ ବନାମ ଜିମ୍ବାୱେ**
ସ୍ଥାନ: କଲମ୍ବୋ, ସମୟ: ପୂର୍ବାହ୍ନ ୧୧ଟା

**କାନାଡା ବନାମ ୟୁଏଇ**
ସ୍ଥାନ: ଦିଲ୍ଲୀ, ସମୟ: ଅପରାହ୍ନ ୩ଟା

**ନେଦରଲାଣ୍ଡ୍ସ ବନାମ ୟୁଏସ୍ଏ**
ସ୍ଥାନ: ଚେନ୍ନାଇ, ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ଭାରତର ଦ୍ୱିତୀୟ ପରାଜୟ

**ଏଫ୍ଆଇଏଚ୍ ପ୍ରୋ-ଲିଗ୍**

**ଆର୍ଜେଣ୍ଟିନାଠାରୁ ୮-୦ରେ ହାରିଲା ଭାରତ**

ରାଉରକେଲା,୧୨।୨(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋ-ଲିଗ୍‌ରେ ଗୁରୁବାର ଆର୍ଜେଣ୍ଟିନା ଓ ଭାରତ ଦଳ ମଧ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନା ୮-୦ ଗୋଲରେ ଭାରତକୁ ପରାସ୍ତ କରିଛି। ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ, ହକି ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଆର.କେ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ୍ ଆରମ୍ଭରୁ ଆର୍ଜେଣ୍ଟିନା ଆକ୍ରମଣାତ୍ମକ ଖେଳ ଜାରି ରଖି ୧୪ ତମ ମିନିଟ୍‌ରେ ଥୋମାସ୍ ଡେମିନୀ ପ୍ରଥମ ଗୋଲ ସ୍କୋର କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ସୁଦ୍ଧା ଆର୍ଜେଣ୍ଟିନା ୧-୦ ଗୋଲରେ ଆଗୁଆ ରହିଥିଲା। ୧୯ତମ ମିନିଟରେ ଦଳକୁ ମିଳିଥିବା ଏକ ପେନାଲ୍ଟି କର୍ନର (ପିସି)କୁ ଟୋମାସ୍ ରୁଜ୍ ଗୋଲରେ ପରିଣତ କରିଥିଲେ। ଭାରତ ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଇ ମ୍ୟାଚର ପ୍ରଥମ କ୍ୱାର୍ଟର ୧୭ ତମ ମିନିଟ୍‌ରେ ଏକ ପିସି ହାସଲ କରିଥିଲା। ହେଲେ ଏହାକୁ କେହି ଗୋଲରେ କନଭର୍ଟ କରିପାରି ନ ଥିଲେ। ଆର୍ଜେଣ୍ଟିନା ଗୋଲକିପର ଟୋମାସ୍ ସାଣ୍ଟିଆଗୋଓ ଭାରତର ଗୋଲ ଉଦ୍ୟମକୁ ପଣ୍ଡ କରିଦେଇଥିଲେ। ପରେ ଆର୍ଜେଣ୍ଟିନା ଦଳ ଘନ ଘନ ଆକ୍ରମଣ କରି ଦ୍ୱିତୀୟ କ୍ୱାର୍ଟର ଶେଷ ଆଡ଼କୁ ୫ଟି ଗୋଲ ମାରି ଦଳକୁ ୭-୦ ଗୋଲର ଅଗ୍ରଣୀ ଆଣି ଦେଇଥିଲା। ଏଥିମଧ୍ୟରେ ଥୋମାସ ଡୋମିନୀ ଦୁଇଟି ଗୋଲ କରିଥିବା ବେଳେ ପୂରା ମ୍ୟାଚ୍‌ରେ ୪ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୁଇସ୍ ମେଣ୍ଡିସ (୨୧ତମ), ଇଗ୍ନାକୋ ଇବାର (୨୪ତମ) ଓ ଟୋରୀ ଡେଲା (୨୯ତମ) ଗୋଟିଏ ଲେଖାଏ ଗୋଲ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଆର୍ଜେଣ୍ଟିନା ୭-୦ ଗୋଲରେ ଆଗରେ ରହିଥିଲା। ମ୍ୟାଚର ତୃତୀୟ କ୍ୱାର୍ଟର ଗୋଲ ଶୂନ୍ୟ ଭାଗେ ଶେଷ ହୋଇଥିଲା। ଚତୁର୍ଥ କ୍ୱାର୍ଟରରେ ଥୋମାସ୍ ଡୋମିନୀ ୮ମ ଗୋଲ କରିଥିଲେ। ଥୋମାସ୍ ଡୋମିନୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଭାରତ ତାର ପ୍ରଥମ ମ୍ୟାଚରେ ବେଲଜିୟମ୍‌ଠାରୁ ୩-୧ ଗୋଲରେ ପରାସ୍ତ ହୋଇଥିଲା। ଚଳିତ ପ୍ରୋ-ଲିଗ୍‌ରେ ଚତୁର୍ଥ ମ୍ୟାଚ ଆର୍ଜେଣ୍ଟିନା ଓ ବେଲଜିୟମ ମଧ୍ୟରେ ଶୁକ୍ରବାର ଖେଳାଯିବ।




# ମୋସ୍କା ବ୍ରଦର୍ସଙ୍କ ରେକର୍ଡ ଭାଗୀଦାରି

ମୁମ୍ବାଇ,୧୨।୨

ମୋସ୍କା ବ୍ରଦର୍ସଙ୍କ ରେକର୍ଡ ଓପନିଂ ଭାଗୀଦାରି ବଳରେ ଇଟାଲି ଗୁରୁବାର ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ନେପାଳକୁ ପରାସ୍ତ କରିଛି। ଚଳିତ ସଂସ୍କରଣରେ ପଦାର୍ପଣ କରିଥିବା ଇଟାଲି ପାଇଁ ଏହା ପ୍ରଥମ ବିଶ୍ୱକପ୍ ବିଜୟ। ନେପାଳ ଦ୍ୱାରା ଧାର୍ଯ୍ୟ ୧୨୪ ରନ୍‌ର ଟାର୍ଗେଟ୍‌କୁ ଜଷ୍ଟିନ ଓ ଆନ୍ଥୋନୀ ମୋସ୍କାଙ୍କ ଅପରାଜିତ

**ବିଶ୍ୱକପ୍‌ରେ ଇଟାଲିର ପ୍ରଥମ ବିଜୟ**

ଅର୍ଦ୍ଧଶତକ ବଳରେ ଇଟାଲି ୧୨.୪ ଓଭରରେ ବିନା ଉଇକେଟରେ ହାସଲ କରିନେଇଥିଲା। ଟି୨୦ ବିଶ୍ୱକପ୍‌ରେ ଏହା ଦୁଇଭାଇଙ୍କ ମଧ୍ୟରେ ସବୁଠୁ ବଡ଼ ଭାଗୀଦାରି। ଏହି ରେକର୍ଡ ପୂର୍ବରୁ ପାକିସ୍ତାନର କାମେରନ ଓ ଉମର ଅକ୍‌ମଲଙ୍କ ନାମରେ ଥିଲା। ଦୁହେଁ ୨୦୧୪ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ୯୬ ରନ୍ କରିଥିଲେ। ଟି୨୦ କ୍ରିକେଟରେ ଏହା ଇଟାଲିର ପ୍ରଥମ ୧୦ ଉଇକେଟ ବିଜୟ ହୋଇଥିବା ବେଳେ ନେପାଳ ଲାଗି ପ୍ରଥମ ୧୦ ଉଇକେଟ ପରାଜୟ।

ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯.୩ ଓଭରରେ ୧୨୩ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଇଟାଲି ପକ୍ଷରୁ କ୍ରିଷାନ କାଲଗାମେଜ ୩ ଓ ବେନ ମାନେଣ୍ଟି ୨ ଉଇକେଟ ନେଇଥିଲେ। ଜବାବରେ ମୋସ୍କା ବ୍ରଦର୍ସଙ୍କ ଆଟାକିଂ ବ୍ୟାଟିଂ ଯୋଗୁ ଇଟାଲି ୧୨.୪ ଓଭରରେ ମ୍ୟାଚ୍ ଜିତିନେଇଥିଲା। ଜଷ୍ଟିନ ୪୪ ବଲରେ ୬୦(୫ ଚୌକା ଓ ୩ ଛକା) ଓ ଆନ୍ଥୋନୀ ୩୨ ବଲରେ ୬୨(୩ ଚୌକା ଓ ୬ ଛକା) ରନ୍‌କରି ଅପରାଜିତ ରହିଥିଲେ।


ଶତକୀୟ ଭାଗୀଦାରି ଅବସରରେ ଜଷ୍ଟିନ ଓ ଆନ୍ଥୋନୀ ମୋସ୍କା।

**ଶ୍ରୀଲଙ୍କାର ବଡ଼ ବିଜୟ**

ଗୁରୁବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କା ୧୦୫ ରନ୍‌ର ବଡ଼ ବ୍ୟବଧାନରେ ଓମାନ୍‌କୁ ପରାସ୍ତ କରିଥିଲା। ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟରେ ୨୨୫ ରନ୍ କରିଥିଲା। ଦଳ ପାଇଁ କୁସାଲ ମେଣ୍ଡିସ୍ ୪୫ ବଲ୍‌ରେ ୬୧(୭ ଚୌକା), ପବନ ରତ୍ନାୟକେ ୨୮ ବଲ୍‌ରେ ୬୦(୮ ଚୌକା ଓ ୧ ଛକା) ଓ ଅଧିନାୟକ ଦସୁନ ଶନାକା ୨୦ ବଲ୍‌ରେ ୫୦ (୨ ଚୌକା ଓ ୫) ରନ୍ କରିଥିଲେ। ଜବାବରେ ମହମ୍ମଦ ନଦିମଙ୍କ ଅପରାଜିତ ୫୩(୩ ଚୌକା ଓ ୧ ଛକା)ରନ୍ ସତ୍ତ୍ୱେ ଓମାନ୍ ୯ ଉଇକେଟ ହରାଇ ୧୨୦ ରନ୍ କରିପାରିଥିଲା।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ